

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୮ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 July 2024

Vol.No. 35 ■ No.182 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଶରଧାବାଲି ଅଭିମୁଖେ ତିନି ରଥକୁ ହର୍ଷୋଲ୍ଲାସରେ ଟାଣିଲେ ଶ୍ରଦ୍ଧାଳୁ

### ଆଜି ପୁଣି ଆଗକୁ ଗଡ଼ିବ ରଥ
### ରଥ ଟଣା ବେଳେ ଅଘଟଣ: ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ



ପୁରୀ, ୦୭/୭ (ନି.ପ୍ର): ବଡ଼ଠାକୁରଙ୍କ ତାଳଧ୍ୱଜ, ମା' ସୁଭଦ୍ରାଙ୍କ ରଥ 'ଦର୍ପଦଳନ' ପରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଶରଧାବାଲି ଅଭିମୁଖେ ଗଡ଼ିଛି। ରଥଯାତ୍ରାର ପ୍ରଥମ ପର୍ଯ୍ୟାୟରେ ଆଜି ନନ୍ଦିଘୋଷକୁ ମାତ୍ର ଦୁଇପାଦ ଆଗକୁ ଟଣାଯାଇଛି। ମରିଚିକୋଟ ଛକରେ ତାଳଧ୍ୱଜ ରଥ ପହଞ୍ଚି ଥିବା ବେଳେ ରାଜନଅର ସମ୍ମୁଖରେ ମା' ସୁଭଦ୍ରାଙ୍କର ରଥ ପହଞ୍ଚିଛି। ଆଜି ପାଇଁ ରଥଟଣା କାର୍ଯ୍ୟ ବିରାମ ରାଖାଯାଇଛି। ଆସନ୍ତାକାଲି ପୂର୍ବାହ୍ଣରେ ପୁଣି ଥରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି। ତିନି ରଥକୁ ଶ୍ରଦ୍ଧାଳୁମାନେ ଶ୍ରଦ୍ଧାରେ ସିଂହଦ୍ୱାର ସମ୍ମୁଖରୁ ଟାଣିଥିଲେ। ଆଜି ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ଟଣାଯିବା ବେଳେ ପୁରୀ ବଡ଼ଦାଣ୍ଡ ଘଣ୍ଟ, ଶଙ୍ଖର ତାଳେତାଳେ ହରିବୋଲ ଓ ହୁଳହୁଳି ଶବ୍ଦ ଶୁଭିଥିଲା। ଚଳିତ ରଥଯାତାରେ ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ମଧ ଯୋଡ଼ି ହୋଇଥିଲେ। ସେ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦିବ୍ୟ ଓ ଭବ୍ୟ ରଥଯାତ୍ରା ଦେଖିଥିଲେ। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୁରୀ ସାଂସଦ ସମ୍ବିତ ପାତ୍ର, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉପସ୍ଥିତ ଥିଲେ। ରଥଟଣା ଯିବା ପୂର୍ବରୁ ତିନି ରଥରେ ବିଜେ ହେଲେ ତିନି ଠାକୁରଙ୍କୁ ବିଜେ କରାଯାଇଥିଲା। ଆଜି ନବଯୌବନ ଦର୍ଶନ ପରି ଏକାଧିକ ନୀତିକାନ୍ତି ଥାଇ ବି ନିର୍ଘଣ୍ଟ ସମୟ ପୂର୍ବରୁ ପହଣ୍ଡି ବିଜେ କରିଥିଲା ଶ୍ରୀଜିଉ। ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କର ପହଣ୍ଡି କରାଯାଇ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ବିଜେ କରିବା ପରେ ଆସିଥିଲେ ବଡ଼ଠାକୁର ବଳଭଦ୍ର। ତାପରେ ମା ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥ ରଥାରୂଢ ହୋଇଥିଲେ। ତାଳଧ୍ୱଜରେ ବଡ଼ଠାକୁର, ଦର୍ପଦଳନରେ ମା' ସୁଭଦ୍ରା ବିରାଜିତ ହୋଇଥିଲେ। ନନ୍ଦିଘୋଷ ରଥରେ ବିରାଜିଥିଲେ ମହାପ୍ରଭୁ କଳିଆ ସାଆନ୍ତ। ରଥରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି ମହାରାଜ । ମହାପ୍ରଭୁଙ୍କ ଆଳତୀ ବନ୍ଦାପନା ସହ ଚାମର ସେବା କଲେ ଗଜପତି ମହାରାଜ। ପରେ ସେ ରଥ ଉପରେ ଛେରାପହଁରା ନୀତି କରିଥିଲେ। ବଡ଼ଦାଣ୍ଡରେ ରଥାରୂଢ଼ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଛି। ପୂର୍ବାହ୍ଣ ଓ ମଧ୍ୟାହ୍ନରେ ଖରା ସହିତ ଗୁଳୁଗୁଳି ହୋଇଥିବା ବେଳେ ସନ୍ଧ୍ୟାରେ ପାଗ ଭଲି ଥିବାରୁ ଶ୍ରଦ୍ଧାଳୁମାନେ ଆଶ୍ୱସ୍ତି ଦେଖାଯାଇଛି।

▶▶ପୃଷ୍ଠା ୭

## ଡବଲ୍ ଏନ୍‌କାଉଣ୍ଟର: ୬ ଆତଙ୍କୀ ସଫା, ୨ ଯବାନ ସହିଦ



ନୂଆଦିଲ୍ଲୀ, ୦୭/୭ : ଜମ୍ମୁ କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। କୁଲଗାମରେ ୨ଟି ପୃଥକ ଏନ୍‌କାଉଣ୍ଟର ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ୨ ସେନା ଯବାନ ମଧ ସହିଦ ହୋଇଥିବା ସୂଚନା ମିଳିଛି। ଆହୁରି ଅନେକ ଆଙ୍କବାଦୀ ଲୁଚି ରହିଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ସୂଚନା ମୁତାବକ, କୁଲଗାମ ଜିଲ୍ଲାର ଚିନିଗାମ ଓ ମୋଦରଗାମରେ ଏନ୍‌କାଉଣ୍ଟର ହୋଇଛି। ଆତଙ୍କବାଦୀ ଲୁଚିଥିବାର ଖବର ପାଇବା ପରେ ସେନା ପକ୍ଷରୁ ଅପରେଶନ ଆରମ୍ଭ କରିଥିଲା। ଏହି ସମୟରେ ସେନା ଏବଂ ଆତଙ୍କୀଙ୍କ ମଧ୍ୟରେ ଗୁଳିମାଡ଼ ହୋଇଥିଲା। ଏଥିରେ ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ମୋଦରଗାମରେ ଏନ୍‌କାଉଣ୍ଟର ବେଳେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ବେଳେ ଗୁଳିମାଡରେ ଲାନ୍ସ ନାୟକ ପ୍ରଦୀପ ନୈନ ସହିଦ ହୋଇଛନ୍ତି। ସେହିପରି ଅନ୍ୟ ଏକ ଏନ୍‌କାଉଣ୍ଟରେ ଫ୍ରିସଲ କୁଲଗାମରେ ଜାରି ରହିଛି। ଏଠାରେ ହବିଲଦାର ରାଜ କୁମାର ସହିଦ ହୋଇଛନ୍ତି। ସେନାର ପ୍ରଥମ ଅଭିଯାନ ଆରମ୍ଭ ହେବାର କିଛି ଘଣ୍ଟା ପରେ କୁଲଗାମର ଚିନିଗାମ ଗାଁରେ ଗୁଳିମାଡ଼ ଆରମ୍ଭ ହୋଇଥିଲା। ଲଶ୍କର ଗ୍ରୁପ ଏଠାରେ ଲୁଚି ରହିଥିବା ନେଇ ସେନାକୁ ଗୁଇନ୍ଦା ସୂଚନା ମିଳିଥିଲା। ଏହାପରେ ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀମାନେ ସେନା ଉପରକୁ ଗୁଳିମାଡ଼ କରିଥିଲେ। ସେନା ପକ୍ଷରୁ ମଧ ପାଲଟା ଗୁଳିମାଡ଼ କରାଯାଇଥିଲା। ଏଥିରେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେପଟେ ପାଞ୍ଚ ସାଥୀଙ୍କ ମୃତ୍ୟୁକୁ ନେଇ ରାଗି ଯାଇଛନ୍ତି ଆତଙ୍କବାଦୀ। ଜମ୍ମୁ କଶ୍ମୀରର ରଜୌରୀରେ ଥିବା ଏକ ସେନା କ୍ୟାମ୍ପ ଉପରେ ଆତଙ୍କବାଦୀମାନେ ଗୁଳିମାଡ଼ କରିଛନ୍ତି। ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି।

## ମୋଷ୍ଟ ୱାଣ୍ଟେଡ ନକ୍ସଲ ସହ ୫ ନକ୍ସଲଙ୍କ ଆତ୍ମସମର୍ପଣ



ମାଲକାନଗିରି, ୦୭/୭ (ନି.ପ୍ର): ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ ୫ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ଭିତରୁ ଦୁଇ ଜଣଙ୍କ ନାମରେ ସରକାର ୩ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏମାନଙ୍କ ମଧ୍ୟରୁ କାଇଟନ ସୁକ୍କା ଉପରେ ସରକାର ୨ ଲକ୍ଷ ଏବଂ ସୋୟାମ ବଦ୍ରା ଉପରେ ୧ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ବନ୍ଧୁକ ସହ ଏହି ୫ ଜଣ ନକ୍ସଲ ସୁକମା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି କିରଣ ଚୌହାନଙ୍କ ସମ୍ମୁଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ଲଗାତାର ସରକାରଙ୍କ ତରଫରୁ ନକ୍ସଲ ଦମନ ନେଇ ସୁରକ୍ଷାକର୍ମୀଙ୍କୁ ଜଂଗଲରେ କୁମ୍ବିଂ କରିବାକୁ ବାଧ କରାଯାଉଛି ଏବଂ ନକ୍ସଲଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରାଯାଉଛି। ଏଥିରେ ନକ୍ସଲ ଭୟଭିତ ହୋଇ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗେଇ ଆସୁଥିବା ପୁଲିସ କହିଛି। ନକ୍ସଲ ସଂଗଠନରେ ଭେଦଭାବ ଓ ନିର୍ଯାତନା ବଢୁଥିବାରୁ ନକ୍ସଲ ସଂଗଠନ ଛାଡୁଥିବା ପୁଲିସ କହିଛି।ଏଭଳି ଲଗାତାର ନକ୍ସଲ ମରିବା ଏବଂ ଆତ୍ମସମର୍ପଣ କରିବା ଦ୍ୱାରା ଛତିଶଗଡରୁ ଶୀଘ୍ର ନକ୍ସଲଙ୍କ ହିଂସା କମିବ ବୋଲି କୁହାଯାଉଛି।

## ସନ୍ତୃପ୍ତ ମିଶ୍ର ହେଲେ ନବୀନଙ୍କ ରାଜନୈତିକ ସଚିବ

ଭୁବନେଶ୍ୱର, ୦୭/୭ (ନି.ପ୍ର): ହଟିଲେ ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତା। ସମସ୍ତ ରାଜ୍ୟସ୍ତରୀୟ ଦଳୀୟ ପଦାଧିକାରୀଙ୍କୁ ହଟାଇଲା ବିଜେଡି। ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଜାରି ନିର୍ଦ୍ଦେଶକ୍ରମେ ରାଜ୍ୟ ଓ ଜାତୀୟସ୍ତରୀୟ ନୂଆ ମୁଖପାତ୍ର ମଣ୍ଡଳୀ ଗଠନ କରାଯାଇଛି। ରାଜ୍ୟ ଓ ଜାତୀୟସ୍ତରୀୟ ନୂଆ ମୁଖପାତ୍ର ମଣ୍ଡଳୀ ଗଠନ କଲା ବିଜେଡି। ଏଥିରେ ସନ୍ତୃପ୍ତ ମିଶ୍ରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଭାବେ ଦାୟିତ୍ୱ

▶▶ପୃଷ୍ଠା ୭

## ହାଥରସ ଦଳାଚକଟା: ଯୋଗୀଙ୍କୁ ଚିଠି ଲେଖିଲେ ରାହୁଲ



ନୂଆଦିଲ୍ଲୀ, ୦୭/୭ : ଉତ୍ତରପ୍ରଦେଶ ଯାଇ ହାଥରସ ସତସଙ୍ଗ ଦଳାଚକଟାରେ ମୃତ୍ୟୁ ବରଣ କରିଥିବା ପୀଡିତ ପରିବାରକୁ ଭେଟିଥିଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଏହାପରେ ସେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଚିଠି ଲେଖିଛନ୍ତି। ରାହୁଲ ପୀଡ଼ିତଙ୍କ ପରିବାରର ସମସ୍ୟାକୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଚିଠି ମାଧ୍ୟମରେ କ୍ଷତିପୂରଣ ରାଶି ବୃଦ୍ଧି କରାଯାଇ ପୀଡ଼ିତଙ୍କ ପରିବାରକୁ ଯଥାଶୀଘ୍ର ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ରାହୁଲ। ଏହି ଚିଠିରେ ରାହୁଲ ଯୋଗୀଙ୍କୁ ଲେଖିଛନ୍ତି ଯେ, ଏହି ଦୁଃଖ ସମୟରେ ସେ ଆମର ସାମୂହିକ ସମବେଦନା ଏବଂ ସାହାଯ୍ୟ ଆବଶ୍ୟକ କରନ୍ତି। ଏନେଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଏବଂ ଆହତମାନଙ୍କୁ ରାଜ୍ୟ ସରକାର ଦେଇଥିବା କ୍ଷତିପୂରଣ ଉପରେ ମଧ ରାହୁଲ ଦାବି କରିଛନ୍ତି। ସରକାର ଘୋଷଣା କରିଥିବା କ୍ଷତିପୂରଣ ବହୁତ କମ୍ ବୋଲି ସେ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇନ୍ତି। ଏପରି ପରିସ୍ଥିତିରେ ଏହାକୁ ତୁରନ୍ତ ବୃଦ୍ଧି କରାଯିବା ଉଚିତ୍। ଏଥିସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବା ଉଚିତ୍ ବୋଲି ସେ ଲେଖିଛନ୍ତି। ଯେତେବେଳେ ମୁଁ ହାଥରସ୍ ଏବଂ ଅଲିଗଡ଼ରେ ପୀଡ଼ିତଙ୍କ ପରିବାରକୁ ଭେଟିଥିଲି, ସେମାନେ କହିଥିଲେ ଏହି ଘଟଣାରେ ସ୍ଥାନୀୟ ପ୍ରଶାସନର ଅବହେଳା ଏବଂ ସମ୍ବେଦନଶୀଳତା ରହିଛି। ଏଭଳି ପରିସ୍ଥିତିରେ ଏହି ପ୍ରସଙ୍ଗରେ ଏକ ସଠିକ୍ ଏବଂ ସ୍ୱଚ୍ଛ ଅନୁସନ୍ଧାନ ହେବା ଉଚିତ। ନ୍ୟାୟ ଦୃଷ୍ଟିକୋଣରୁ ଦୋଷୀମାନଙ୍କୁ କଠୋର ଦଣ୍ଡ ଦିଆଯିବା ମଧ ଆବଶ୍ୟକ ବୋଲି କଂଗ୍ରେସ ସାଂସଦ କହିଛନ୍ତି। କହିରଖୁ ଯେ, ଜୁଲାଇ ୨ ତାରିଖ ସନ୍ଧ୍ୟାରେ ହାଥରସରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ବେଳେ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଏଥିରେ ୧୨୧ ଜଣ ପ୍ରାଣ ହରାଇଥିଲେ। ସେପଟେ ଘଟଣା ପରେ ସତ୍‌ସଙ୍ଗ ଆୟୋଜନ କରିଥିବା ବାବା ନାରାୟଣ ହରି ସାକାର ଓରଫ ଭୋଲେ ବାବା ଫେରାର ଅଛନ୍ତି। ତାଙ୍କର ୧୦ରୁ ୧୨ ସେବକଙ୍କୁ ପୁଲିସ ଗରଫ କରି ତଦନ୍ତ ଜାରି ରଖିଛି।

## ଉତ୍ତରାଖଣ୍ଡରେ ବର୍ଷାର ତାଣ୍ଡବ

ଡେରାଡୁନ, ୦୭/୭ (ନି.ପ୍ର): ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ବାଧାପ୍ରାପ୍ତ ହୋଇଛି । ପାଣିପାଗ ବିଭାଗର ରେଡ ଆଲର୍ଟ ପରେ ସରକାର ବି ଆଲର୍ଟ ହୋଇଛନ୍ତି । ପାହାଡରେ ପ୍ରବଳ ବର୍ଷା କାରଣରୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନର ବିପଦ ଦେଖାଦେଇଛି । ଏବେ ଚାରିଧାମ ଯାତ୍ରା ବି ଥମିଯାଇଛି । ଲୋକଙ୍କୁ ବୁଝିବିଚାରି ବାହାରକୁ ବାହାରିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ରାଯାଇଛି । ବର୍ଷା ସମୟରେ ଯାତ୍ରା ନକରିବାକୁ ଚାରିଧାମ ଯାତ୍ରାରେ ଆସିଥିବା ଶ୍ରଦ୍ଧାଳୁଙ୍କୁ ପରାମର୍ଶ ଦିଆଯାଇଛି । ବର୍ଷା ହେଲେ ଯେଉଁଠାରେ ଅଛନ୍ତି, ସେଠାରେ ରହିବାକୁ କୁହାଯାଇଛି । ଅନ୍ୟପଟେ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହବାକୁ ସେ ସମସ୍ତ ଲୋକଙ୍କୁ ଅପିଲ କରିଛନ୍ତି ।

## ସିବିଆଇ କରୁ ଆର୍ମଷ୍ଟ୍ରାଂଗ ହତ୍ୟାକାଣ୍ଡର ଯାଂଚ: ମାୟାବତୀ

ନୂଆଦିଲ୍ଲୀ, ୦୭/୭ : ବହୁଜନ ସମାଜ ପାର୍ଟିର ପ୍ରମୁଖ ମାୟାବତୀ ନିଜ ପୁତୁରା ଏବଂ ପାର୍ଟିର ରାଷ୍ଟ୍ରୀୟ ସମନ୍ୱୟକ ଆକାଶ ଆନନ୍ଦଙ୍କ ସହିତ ରବିବାର ଦିନ ତାମିଲନାଡୁ ପହଂଚିଛନ୍ତି ଏବଂ କେ. ଆର୍ମଷ୍ଟ୍ରାଂଗଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ମାୟାବତୀ ରାଜ୍ୟର ଷ୍ଟାଲିନ ସରକାରର ଆଇନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଏହି ହତ୍ୟାକାଣ୍ଡର ସିବିଆଇ ଯାଂଚ କରାଇବାକୁ ଦାବି କରିଛନ୍ତି। ବସପାର ତାମିଲନାଡୁ ଇକାଇର ଅଧ୍ୟକ୍ଷ ଆର୍ମଷ୍ଟ୍ରାଂଗର ଶୁକ୍ରବାର ଦିନ ଚେନ୍ନାଇର ପେରଂବୁର ଅଂଚଳରେ ନୃଶଂସ ହତ୍ୟା କରିଦିଆଯାଇଛି। ଆର୍ମଷ୍ଟ୍ରାଂଗଙ୍କ ପାର୍ଥିବ ଶରୀର ଶ୍ରଦ୍ଧାଞ୍ଜଳି ପାଇଁ ପେରଂବୁର ସ୍ଥିତ କର୍ପୋରେଶନ ସ୍କୁଲ ପରିସରରେ ରଖାଯାଇଥିଲା। ଶ୍ରଦ୍ଧାଞ୍ଜଳି ଅର୍ପିତ କରିବା ପରେ ମାୟାବତୀ ଦିବଂଗତ ନେତାଙ୍କ ପରିବାର ସହିତ ସାକ୍ଷାତ କରିଛନ୍ତି ଏବଂ ସାନ୍ତ୍ୱନା ଦେଇଛନ୍ତି।

## ସରକାର ଦେବେ ଲକ୍ଷେ ଚାକିରି: ସରଳ ହେବ ନିଯୁକ୍ତି ପ୍ରକ୍ରିୟା, ପରୀକ୍ଷା ପଦ୍ଧତିରେ ଆସିବ ବ୍ୟାପକ ସଂସ୍କାର



ଭୁବନେଶ୍ୱର, ୦୭/୭ (ନି.ପ୍ର): ଶପଥ ନେବାର ମାସକ ଭିତରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ମୋହନ ସରକାର । ତେବେ ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବାକୁ ନିଷ୍ପତ୍ତି ନିଆଯାଇଛି । ଏସଂପର୍କରେ ବିଭାଗୀୟ ମୁଖ୍ୟମାନଙ୍କୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ମଧ ଲେଖାଯାଇଛି । ପରୀକ୍ଷାରେ ଥିବା ଅନାବଶ୍ୟକ ନିୟମକୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି ମୋହନ ସରକାର । ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀଗୁଡିକ ତୁରନ୍ତ ପୂରଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ୩ ତାରିଖରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏ ନେଇ ସମୀକ୍ଷା କରିଥିଲେ। ସମୀକ୍ଷା ପରେଭ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ଏବଂ ପ୍ରଚଳିତ କ୍ୟାଡର ଓ ନିଯୁକ୍ତି ନିୟମାବଳୀରେ ସଂଶୋଧନ କରି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ୍ ଅଧୀନରେ ସମାନ ଯୋଗ୍ୟତା ଥିବା ପଦବୀ ପାଇଁ ଏକକ ପରୀକ୍ଷା କରିବା ପାଇଁ କୁହାଯାଇଛି । ଏ ସଂପର୍କରେ ବିଭାଗୀୟ ମୁଖ୍ୟମାନଙ୍କୁ ଚିଠି ଲେଖିଛନ୍ତି ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ। ଚୟନ ବେଳେ ଏପରି କିଛି ପରୀକ୍ଷା କରାଯାଏ, ଯାହା ଏବେ ଅନାବଶ୍ୟକ ହୋଇପଡିଛି। ଜଣେ ପଶୁଧନ ନିରୀକ୍ଷକ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କୁ ସାଇକେଲ ଚାଳନା ପରୀକ୍ଷା ଦେବାକୁ ପଡୁଛି। ଯାହା ଆଜି ନିରର୍ଥକ। ସମୀକ୍ଷା ବେଳେ ଏହିସବୁ ପ୍ରାସଙ୍ଗିକତା ନଥିବା ପରୀକ୍ଷାକୁ ହଟାଇ ଏକକ ପରୀକ୍ଷା ବ୍ୟବସ୍ଥା କରିବାକୁ ସ୍ଥିର କରିଛନ୍ତି ସରକାର। ଯାହା ପ୍ରାର୍ଥୀ ଚୟନକୁ ସହଜ କରିବା ସହ ସମୟ ବଂଚାଇବ ବୋଲି କୁହାଯାଉଛି। କାରଣ ଏପରି କରାଗଲେ ଅଲଗା ଅଲଗା ପରୀକ୍ଷା ଆବଶ୍ୟକ ପଡ଼ିବ ନାହିଁ। ୯୩ ହଜାର ୫୨୪ ପଦବୀ ପାଇଁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ କରିଛନ୍ତି । ସେଥିମଧ୍ୟରୁ ୮୦ହଜାର ୧୭୩ ପଦବୀରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି। ୭ ଦିନ ମଧ୍ୟରେ ନିଯୁକ୍ତି ନିୟମ ସମୀକ୍ଷା ବିଭାଗୀୟ ସଚିବଙ୍କୁ କରିବାକୁ କୁହାଯାଇଛି । କୌଣସି ଅନାବଶ୍ୟକ ନିୟମକୁ ହଟାଇବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୨୪ ଘଣ୍ଟାରେ ପ୍ରତିଶୋଧ ନେଲା ଟିମ ଇଣ୍ଡିଆ



ନୂଆଦିଲ୍ଲୀ, ୦୭/୭ : ଶନିବାର ଅପ୍ରତ୍ୟାଶିତ ଢଙ୍ଗରେ ଭାରତର ଯୁବ ବାହିନୀ ଜିମ୍ବାୱେ ଠାରୁ ହାରି ଯାଇଥିଲା। ହେଲେ ୨୪ ଘଣ୍ଟା ଭିତରେ ଜିମ୍ବାୱେ ଠାରୁ ଏହାର ମଧୁର ପ୍ରତିଶୋଧ ନେଇ ଶୁବମନ ଗିଲଙ୍କ ଭାରତୀୟ ଟିମ। ଦ୍ୱିତୀୟ ଟି-୨୦ରେ ଭାରତୀୟ ଟିମ ଜିମ୍ବାୱେକୁ ବିଶାଳ ୧୦୦ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂରେ ଭାରତୀୟ ବ୍ୟାଟରମାନେ ଜିମ୍ବାୱେର ସବୁ ବୋଲରଙ୍କୁ କଡ଼ା ପ୍ରହାର କରିଥିଲେ। ଅଭିଷେକ ଶର୍ମାଙ୍କ ୧୦୦, ଋତୁରାଜ ଗାଏକ୍ୱାଡଙ୍କ ଅପରାଜିତ ୭୭ ଓ ରିଙ୍କୁ ସିଂହଙ୍କ ଅପରାଜିତ ୪୮ ରନ ଭାରତୀୟ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ବିଶାଳ ୨୩୪ ରନ କରିଥିଲା। ଏହାକୁ ପିଛା କରୁଥିବା ଜିମ୍ବାୱେ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୩୪ ରନ କରିପାରିଛି। ଭାରତ ଏହି ମ୍ୟାଚ୍‌କୁ ଜିତି ୫ ଟିକିଆ ଟି-୨୦ ସିରିଜକୁ ୧-୧ ସ୍ଥିତିକୁ ନେଇ ଆସିଛି। ଘରୋଇ ପରିବେଶରେ ୨୩୫ ରନର ଟାର୍ଗେଟ ପାଇଥିବା ଜିମ୍ବାୱେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ଇନୋସେଣ୍ଟ କାଇଆ ମାତ୍ର ୪ ରନ କରି ପୁଣିଥରେ ମୁକେଶ କୁମାରଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ବ୍ରାଏନ ବେନେଟ କିଛି ବଡ଼ ଶଟ ଖେଳିଥିଲେ ହେଁ କେବଳ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କୁ ମୁକେଶ କୁମାର ଆଉଟ କରିଥିଲେ। ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା(୪) ଓ ଡିଓନ ମେୟର୍ସ(୦)ଙ୍କୁ ଆବେଶନ ଖାନ ଗୋଟିଏ ଓଭରରେ ଆଉଟ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଜୋନାଥନ କମ୍ପବେଲ(୪)ଙ୍କୁ ୱାଶିଂଟନ ସୁନ୍ଦର ଓ କ୍ଲାଏଭ ମାଣ୍ଡାଡେ(୦)ଙ୍କୁ ରବି ବିଷ୍ଣୋଇ ପ୍ୟାଭିଲିୟନ ପଠାଇ ଭାରତର ବିଜୟ ଏକପ୍ରକାରର ନିଶ୍ଚିତ କରିଦେଇଥିଲେ। ୱେଲିଂଟନ ମାସାକାଜା ୧ ରନ କରି ରନଆଉଟ ହୋଇଥିଲେ। ଜିମ୍ବାୱେ ୭୧ ରନରେ ୭ ୱିକେଟ ହରାଇଥିଲା। ଗୋଟିଏ ପଟେ ୱିକେଟ ଯାଉଥିବା

▶▶ପୃଷ୍ଠା ୭

# ଗୃହପାଳିତ ପଶୁଙ୍କ ପାଇଁ ଡାକ୍ତର ଅଭାବ: ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଅଭିଯୋଗ

ମାଲକାନଗିରି, ୦୭/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାର ଗାଈଗୋରୁ, ଛେଳି ମେଣ୍ଢା ଓ ଘୁଷୁରିଙ୍କ ପାଇଁ ଏବେ ଭଗବାନ ହିଁ ଭରସା। ଜିଲ୍ଲାରେ ୧୩ଟି ପଶୁ ଚିକିତ୍ସାଳୟ ରହିଥିବା ବେଳେ ଡାକ୍ତର ଅଭାବ କାରଣରୁ ଗାଈଗୋରୁଙ୍କ ଚିକିତ୍ସାରେ ବାଧକ ସାଜିଛି। ଜିଲ୍ଲାର ସାତୋଟି ବ୍ଲକରେ ପ୍ରାୟ ୫ ଲକ୍ଷ ଗାଈଗୋରୁ, ଛେଳିମେଣ୍ଢା ଓ ଘୁଷୁରି ରହିଥିବା ବେଳେ ଏମାନଙ୍କୁ ପାଳୁଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଜିଲ୍ଲାରେ ୪୨ ଜଣ ସିଡିଭିଓ,ଏସଡିଭିଓ, ଏଡିଭିଓ(ଏଲପି), ଏଡିଭିଓ(ଡିସି), ଏଡିଭିଓ(ଏଡବ୍ଲ୍ୟୁ), ଡିଡି(ଡିଭିଏଚ), ଏଭିଏସ, ବିଭିଓ, ଡିଟିସି ଭିଏଏସ, ବିଏଏସ(ବ୍ଲକ), ଭିଏଏସ(ଏମଭିୟୁ) ରହିବା କଥା, କିନ୍ତୁ ବର୍ତମାନ ଜିଲ୍ଲାର ୧୩ଟି ସେଣ୍ଟରରେ ମାତ୍ର ୨୩ ଜଣ ରହିଛନ୍ତି। ସାତୋଟି ବ୍ଲକରେ ଥିବା ପଶୁ ଚିକିତ୍ସାଳୟ ଗୁଡିକରେ ଜଣେ ହେଲେ ପଶୁ ଡାକ୍ତର ନାହାନ୍ତି। ସେହିପରି ସାତୋଟି ବ୍ଲକରେ ଆଉ ଗୋଟିଏ ଲେଖାଏଁ ଥିବା ଅନ୍ୟ ପଶୁ ଚିକିତ୍ସାଳୟରେ ମାତ୍ର ୩ ଜଣ ଡାକ୍ତର ରହିଛନ୍ତି। ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଚାରୋଟି ଗ୍ରୁପ କରାଯାଇଛି। କେଉଁ କର୍ମଚାରୀ କେଉଁ ଗ୍ରୁପରେ ରହିବେ ତାହା ଉଲ୍ଲେଖ କରାଯାଇଛି। ଏ-ଗ୍ରୁପରେ ୪୨ ଜଣ କର୍ମଚାରୀ ଦରକାର ପଡୁଥିବା ବେଳେ ଅଛନ୍ତି ମାତ୍ର ୨୩ ଜଣ। ସେହିପରି ବି-ଗ୍ରୁପରେ ୨ ଜଣ ସ୍ଥାନରେ ଜଣେ, ସି-ଗ୍ରୁପରେ ୮୮ ଜଣଙ୍କ ସ୍ଥାନରେ ୨୭ ଜଣ ଏବଂ ଡି-ଗ୍ରୁପରେ ୩୫ ଜଣଙ୍କ ସ୍ଥାନରେ ୧୧ ଜଣ ଅଛନ୍ତି। ତେବେ ମୋଟରେ ୧୬୭ ଜଣଙ୍କ ସ୍ଥାନରେ ଜିଲ୍ଲାର ମାତ୍ର ୬୨ ଜଣ କର୍ମଚାରୀ ରହିଥିବା ଜଣାପଡିଛି। ଆହୁରି ୧୦୫ଟି ପଦବୀ ଏବେ ବି ଖାଲି ପଡିଛି। ଜିଲ୍ଲାରେ ୩,୦୦,୮୧୧ଟି ଗାଈଗୋରୁ ରହିଥିବା ବେଳେ ୬,୪୦୦ ମଇଁଷି, ମେଣ୍ଢା ୨୦,୫୩୨ଟି, ଛେଳି ୧,୨୬,୫୧୬ଟି ଏବଂ ଘୁଷୁରି ୧୭,୦୪୦ଟି ରହିଛି। ତେବେ ଏତେ ସଂଖ୍ୟକ ଗୃହପାଳିତ ପଶୁଙ୍କ ପାଇଁ ଡାକ୍ତର ଅଭାବ ଥିବା ଯୋଗୁଁ ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କୋରକୋଣ୍ଡା ବ୍ଲକରେ ସର୍ବାଧିକ ୭୦ ହଜାର ଗାଈଗୋରୁ ରହିଥିବା ବେଳେ ଖଇରୁପଟ ବ୍ଲକରେ ୧୪ ହଜାର ଗାଈଗୋରୁ ରହିଛନ୍ତି। ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କୋରକୋଣ୍ଡା ବ୍ଲକରେ ସର୍ବାଧିକ ୭୦ ହଜାର ଗାଈଗୋରୁ ରହିଥିବା ବେଳେ ଖଇରୁପଟ ବ୍ଲକରେ ୧୪ ହଜାର ଗାଈଗୋରୁ ରହିଛନ୍ତି। ବହୁ ପଶୁ ଚିକିତ୍ସାଳୟରେ ଆଟାଣ୍ଡାଣ୍ଟମାନେ ଗାଈଗୋରୁଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ପଶୁ ଚିକିତ୍ସକଙ୍କ ଅଭାବ ଏବଂ ବହୁ ସମୟରେ କୌଣସି କର୍ମଚାରୀ ପଶୁ ଚିକିତ୍ସାଳୟରେ ରହୁନଥିବାରୁ ଚାଷୀ ଆଗକୁ ଗୃହପାଳିତ ପଶୁଙ୍କୁ ପାଳିବା ପାଇଁ କୁଣ୍ଠାବୋଧ କରୁଥିବା ଦେଖିବାକୁ ମିଳିଛି।

ମାଲକାନଗିରି ସହରରେ ଶହ ଶହ ଗାଈଗୋରୁ ଖୋଲାମେଲାରେ ନିଜର ଜୀବନ ବିତାଉଛନ୍ତି। ଲୋକେ ଗାଈ ରଖୁଛନ୍ତି ସିନା କେବଳ କ୍ଷୀର ପାଇଁ। ବହୁ ସମୟରେ ଗାଈଗୋରୁ ଦୁର୍ଘଟଣାଗ୍ରସ୍ତ ହେଲେ ନା ମାଲିକ ତାର ଚିକିତ୍ସା କରାଉଛି ନା ପଶୁ ଚିକିତ୍ସାଳୟ ତରଫରୁ କେହି ନିଜ ଉଦ୍ୟମରେ ଚିକିତ୍ସା କରାଉଛନ୍ତି। ବିଚରା ପ୍ରାଣୀ ଗୋଟିଏ ସ୍ଥାନରେ ପଡି ରହି ମୃତ୍ୟୁକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି। କିଛି ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅସହାୟ ପ୍ରାଣୀଙ୍କର ଚିକିତ୍ସା କରାଯାଇପାରୁଛି। ଏପରି ସ୍ଥଳେ ତୁରନ୍ତ ସମସ୍ତ ପଶୁ ଡାକ୍ତରଖାନାରେ ପଶୁ ଚିକିତ୍ସକଙ୍କ ନିଯୁକ୍ତି ସାଂଗକୁ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହୋଇଛି।

# ଫୁଲବାଣୀରେ ବିଶ୍ୱ ବ୍ୟାଡମିନଣ୍ଟନ ଦିବସ ପାଳିତ

କନ୍ଧମାଳ, ୦୭/୦୭ (ନି.ପ୍ର): ଜୁଲାଇ ୬ ତାରିଖକୁ ବିଶ୍ୱ ବ୍ୟାଡମିଣ୍ଟନ ଦିବସ ବାବେ ପାଳନ କରାଯାଉଛି । ଏହି ଦିବସକୁ ଫୁଲବାଣୀରେ ଥିବା କନ୍ଧମାଳ ଷ୍ଟାଡିଅମ ର ଇନଡୋର ରେ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ବେସାମରିକ କାଉଟି ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର ଯୋଗ ଦେଇ ବ୍ୟାଡମିଣ୍ଟନ କୋଚିଙ୍ଗ ନେଉଥିବା ଖେଳାଳି ମାନଙ୍କୁ ବ୍ୟାଡମିଣ୍ଟନ ଦିବସ ବାବଦରେ ଏବଂ ଜୀବନରେ ପିଲାମାନଙ୍କ ପାଇଁ ପାଠପଢା ସମେତ ଖେଳକୁଦର ଆବଶ୍ୟକତା ବାବଦରେ ଏବଂ ଖେଳ ଦ୍ୱାରା ଶାରୀରିକ ବିକାଶ ସମେତ ପିଲାଙ୍କର ମାନସିକ ବିକାଶ ମଧ୍ୟ ହୋଇଥାଏ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଫୁଲବାଣୀ ସରକାରୀ ଶିକ୍ଷ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ତଥା ବ୍ୟାଡମିଣ୍ଟନ ଖେଳାଳି ପ୍ରକାଶଚନ୍ଦ୍ର ସେଠୀ ଯୋଗ ଦେଇ ଏହି ଖେଳର ଉତ୍ପତି ଏବଂ ଏହାର ଇଂରାଜୀ ଲେଖାରେ ଥିବା ବ୍ୟାଡମିଣ୍ଟନ ଲେଖାର ଅକ୍ଷର ଗୁଡିକର ଅର୍ଥ ରେ ଥିବା ଲୁକ୍କାୟିତ ଅର୍ଥ ବ୍ୟବହାର,ଶୃଙ୍ଖଳା ଆଦି ଭଳି ବାର୍ତା। ଯାହାକି ପିଲାମାନଙ୍କୁ ସେମାନଙ୍କ ଜୀବନରେ ଆଗକୁ ବଢିବାରେ ସହାୟକ ହେବ ବୋଲି କହିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ସମୀରକୁମାର ନାୟକ ଯୋଗ ଦେଇ ସରକାରଙ୍କ କ୍ରୀଡା ବିଭାଗ ଦ୍ୱାରା ପିଲାମାନଙ୍କ ପାଇଁ ଖେଳକୁଦରେସମସ୍ତ ସୁବିଧା ସୁଯୋଗ ସବୁ ବାବଦରେ ସୂଚନା ଦେବା ସହିତ ବ୍ୟାଡମିଣ୍ଟନ ଖେଳରେ ଛାତ୍ରାଛାତ୍ରୀ ମାନଙ୍କ ପ୍ରଶିକ୍ଷଣ ପାଇଁ ସେମାନଙ୍କ ଉନ୍ନତି ଦିଗରେ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବାକୁ ସରକାରଙ୍କର ଯୋଜନା ରହିଛି ସେମାନେ ଏହି ଦିଗରେ ଯେତେ ଆଗକୁ ଯିବାକୁ ଚାହିଁବେ ଯୋଗାଇ ଦିଆଯିବ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଫୁଲବାଣୀର ବରିଷ୍ଠ ବ୍ୟାଡମିଣ୍ଟନ ଖେଳାଳି ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ବ୍ୟାଡମିଣ୍ଟନ ପ୍ରଶିକ୍ଷକ ଅସୀମ କୁମାର ନାୟକ,ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣକୁ ସଠିକ ଭାବରେ ଉପଯାଗ କଲେ ସେମାନେ ଖେଳରେ ଅଗକୁ ବଢି ପାରିବେ ବୋଲି କହିଥିଲେ । ଏହି ଅବସରରେ ପ୍ରଶିକ୍ଷଣ ନେଉଥିବା ୨୫ ଜଣ ଛାତ୍ରଛାତ୍ରୀ ମାନଙ୍କୁ ରାଜ୍ୟ କ୍ରୀଡା ବିଭାଗର ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ପିଲାଙ୍କ ମନୋରଞ୍ଜନ ପାଇଁ କେକ୍ କାଟିବା ସହିତ ପିଲାଙ୍କୁ ବିତରଣ କରାଯାଇଥିଲା ।

# ଆଇନସେବା ପ୍ରାଧିକରଣ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା , ୦୭/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ବନ ମହୋତ୍ସବ ପାଳିତ ହୋଇ ଯାଇଛି। କପାଳେଶ୍ୱର ପଂଚାୟତ ଓ ବିଚାରପତି ବାସଭବନ କଲୋନୀ ଠାରେ ବହୁ ସଂଖ୍ୟକ ବୃକ୍ଷରୋପଣ କରା ଯାଇଥିଲା। ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ସହ ସମସ୍ତ ବିଚାରପତି, କର୍ମଚାରୀ, ବନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ମାନ୍ୟବର ବିଚାରପତି ଶ୍ରୀ ମହାନ୍ତି ବୃକ୍ଷରୋପଣ ର ଉପକାରିତା ସଂପର୍କରେ ଅବଗତ କରାଇ ଥିଲେ । ସେହିଭଳି ଦୁତିଆଳ ମଡେଲ ହାଇସ୍କୁଲ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପରିଚାଳନା କମିଟି ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ଡ଼ଃ ଦିଲିପ କୁମାର ମିଶ୍ର ଆଲୋକପାତ କରିଥିଲେ । ଡ଼ଃ ଉପେନ୍ଦ୍ରନାଥ ପ୍ରଧାନ, ପ୍ରତାପ ନାୟକ, ପ୍ରତାପ ପତି, କରୁଣାକର ଦାସ, ସୁରେଶ ପଟ୍ଟନାୟକ, ପ୍ରୀତିନନ୍ଦ ବରାଳ, ସୁକଦେବ ସାହୁ ପ୍ରମୁଖ ବୃକ୍ଷରୋପଣ କରିଥିଲେ ।

## ମହିଳାଙ୍କୁ ହତ୍ୟା ଉଦ୍ୟମ ଓ ସୁନା, ଟଙ୍କା ଲୁଟ: ଦୁଇ ଗିରଫ

କନ୍ଧମାଳ, ୦୭/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଗେଦିଙ୍ଗିଆ ଗ୍ରାମ ନିକଟରେ ଏକ ଜଙ୍ଗଲ ରାସ୍ତାରୁ ଜଣେ ମହିଳାଙ୍କର ଠାରୁ ସୁନା ଅଳଙ୍କାର ଲୁଟ ଓ ହତ୍ୟା ଉଦ୍ୟମ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ରାଇକିଆ ପୋଲିସ। ଲୁଟର ଶିକାର ହୋଇଥିବା ମହିଳା ଜଣଙ୍କ ହେଲେ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ । ଗତ ଜୁନ୍ ୨୯ ତାରିଖରେ ନିଜ ପୁଅ ଏଂ ନଣନ୍ଦ ସହ ଦୂବା ଗ୍ରାମରୁ ଯାନବାହନ ଚଳାଚଳ ହେଉ ନଥିବାରୁ ଚାଲି ଚାଲି ଗେଦିଙ୍ଗିଆ ଗ୍ରାମକୁ ଆସୁଥିଲେ । ତାଙ୍କ ପୁଅ ଓ ନଣନ୍ଦ ଥକି ଯାଇଥିବାରୁ ଅନ୍ୟ ଜଣଙ୍କ ବାଇକରେ ପଠାଇଦେଇ ନିଜେ ଏକୁଟିଆ ଚାଲି ଚାଲି ଆସୁଥିଲେ । ଏହି ସମୟରେ ତାଙ୍କୁ ନିଛାଟିଆ ଜଙ୍ଗଲ ରାସ୍ତାରେ ଦେଖି ଅଭିଯୁକ୍ତ ସିଦ୍ଧାନ୍ତ ଦିଗାଲ ବେକକୁ ଟାଣି ଜଙ୍ଗଲକୁ ନେବା ସହ ଅଳଙ୍କାର ଓ ବାଇଶି ଶହ ଟଙ୍କା ଛଡାଇ ନେବା ସହ ଆକ୍ରମଣ କରିଥିଲା । ଆକ୍ରମଣର ଶିକାର ହୋଇ ସେଠାରେ ଜ୍ୟୋତ୍ସ୍ନା ଚେତା ଶୂନ୍ୟ ହୋଇ ପଡିରହିଥିଲେ । ତା ପରଦିନ ଚେତା ଫେରିବା ପରେ ଗାଁକୁ ଫେରି ଘଟଣା ସମ୍ପର୍କରେ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ । ରାଇକିଆ ଥାନା ଅଧିକାରୀ ଆଶୁତୋଷ ପାଇକରାୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଗୁରୁତର ଆହତ ହୋଇ ପଡି ଥିବା ଜ୍ୟୋତ୍ସ୍ନାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଇଥିଲେ । ପୋଲିସ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସିଦ୍ଧାନ୍ତକୁ ଗୁରୁବାର ରାଇକିଆ ବଜାରରୁ ଏବଂ ସୁନା କିଣି ଥିବା ଅଭିଯୋଗରେ ଜଗବନ୍ଧୁଙ୍କୁ ଘୁ.ଉଦୟଗିରିରୁ ଗିରଫ କରି କୋର୍ଟଚାଲାଣ କରିବା ସହ ଲୁଟ ହୋଇଥିବା ସୁନା ଓ ଟଙ୍କାକୁ ଜବତ କରିଛି । ରାଇକିଆ ଥାନାରେ କେସ ନ ୯୦/୨୪ ରେ ମାମଲା ରୁଜୁ ହୋଇଛି ।

# ମାଲକାନଗିରି ଜିଲ୍ଲାରେ ଶୁଭାରମ୍ଭ ହେଲା ସମ୍ପୂର୍ଣ୍ଣତା ଅଭିଯାନ

ମାଲକାନଗିରି, ୦୭/୦୭ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲାରେ ସଂପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଓ ଜିଲ୍ଲାପାଳ, ସଚିନ ପାଓ୍ୱାରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଅଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ପ୍ରଭାତ ଫେରି କରାଯାଇ ସଂପୂର୍ଣ୍ଣତା ଅଭିଯାନ ଉପରେ ସ୍ଲୋଗାନ ଦିଆଯାଇଥିଲା । ପରେ ଡିଏନକେ ଖେଳ ପଡିଆ ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ସଚେତନତା ବାର୍ତା ନେଇ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ସେଠାରେ ପହଂଚି ଜିଲ୍ଲା ପାଠାଗାର ପରିସରରେ ଅତିଥି ମାନେ ବୃକ୍ଷ ରୋପଣ କରିଥିଲେ। ବୃକ୍ଷ ରୋପଣ ପରେ ନୃତ୍ୟ, ରଙ୍ଗୋଲି, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅପରାହ୍ନରେ ସଂସ୍କୃତି ଭବନ ଠାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ, ଅଧକ୍ଷା, ସମାରୀ ଟାଙ୍ଗୁଲ ଓ ଜିଲ୍ଲାପାଳଙ୍କ ଉପସ୍ଥିତିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଓ କୃଷକ ମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସଂପୂର୍ଣ୍ଣତା ଅଭିଯାନ ନେଇ ସାମୁହିକ ଶପଥ ପାଠ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ୍ ସହ ସିଗ୍ନେଚର୍ କାମ୍ପେନ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ସମ୍ପୂର୍ଣ୍ଣତା ଅଭିଯାନ ନେଇ ସମସ୍ତ ଆକାଂକ୍ଷୀ ବ୍ଲକରେ ଚିହ୍ନଟ ହୋଇଥିବା ଛଅଟି ପ୍ରମୁଖ ପ୍ରଦର୍ଶନ ସୂଚକ ହାସଲ କରିବା ଉପରେ ଧ୍ୟାନ ଦିଆଯିବ । ସୂଚନା ଥାଉ କି, ନୀତି ଆୟୋଗ ସମଗ୍ର ଦେଶର ଆକାଂକ୍ଷୀ ଜିଲ୍ଲା ଏବଂ ଆକାଂକ୍ଷୀ ବ୍ଲକ ଗୁଡିକରେ ଛଅଟି ପ୍ରମୁଖ ସୂଚକାଙ୍କ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ ଆରମ୍ଭ କରିବା ପାଇଁ ଜୁଲାଇ ୧ ଠାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ତିନି ମାସର ଅଭିଯାନ ସମ୍ପୂର୍ଣ୍ଣତା ଅଭିଯାନ ଆରମ୍ଭ କରିଛି। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ୧୧୨ଟି ଆକାଂକ୍ଷୀ ଜିଲ୍ଲା ଏବଂ ୫୦୦ଟି ଆକାଂକ୍ଷୀ ବ୍ଲକରେ ଚିହ୍ନଟ ହୋଇଥିବା ଛଅଟି ସୂଚକାଙ୍କ ମଧ୍ୟରୁ ପ୍ରତ୍ୟେକରେ ସମନ୍ୱୟ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ତ୍ରୈମାସିକ ମଧ୍ୟରେ ପ୍ରସବକାଳୀନ ଯତ୍ନ ପାଇଁ ପଞ୍ଜୀକୃତ ହୋଇଥିବା ଗର୍ଭବତୀ ମହିଳାଙ୍କ ପ୍ରତିଶତ, ଆଇସିଡିଏସ କାର୍ଯ୍ୟକ୍ରମ ଅଧୀନରେ ସପ୍ଲିମେଂଟାରୀ ପୋଷଣ ନେଉଥିବା ଗର୍ଭବତୀ ମହିଳାଙ୍କ ପ୍ରତିଶତ, ସମ୍ପୂର୍ଣ୍ଣ ଟୀକାକରଣ ହୋଇଥିବା ପିଲାଙ୍କ ପ୍ରତିଶତ, ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ ସଂଖ୍ୟା, ମାଧ୍ୟମିକ ସ୍ତରରେ କାର୍ଯ୍ୟକ୍ଷମ ବିଜୁଳି ଥିବା ବିଦ୍ୟାଳୟର ପ୍ରତିଶତ ଓ ପିଲାମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରୁଥିବା ବିଦ୍ୟାଳୟର ପ୍ରତିଶତ ଇତ୍ୟାଦି ଛଅ ଗୋଟି ସୂଚକ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥି ନିମନ୍ତେ ଜିଲ୍ଲାରେ ନୀତି ଆୟୋଗଙ୍କ ନଲେଜ୍ ପାର୍ଟନର ପିରାମଲ୍ ଫାଉଣ୍ଡେସନ କାର୍ଯ୍ୟ କରୁଛି। ଆଜିର ଏହି କାର୍ଯ୍ୟକ୍ରମରେ ଡିପିଏମୟୁ, କୃଷି, ଶିକ୍ଷା, କ୍ରୀଡ଼ା, ସଂସ୍କୃତି, ସୂଚନା ଓ ଲୋକସଂପର୍କ ଓ ଆଇସିଡ଼ିଏସ ବିଭାଗ ସହଯୋଗ କରିଥିବା ବେଳେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ କର୍ମଚାରୀ ଏହାକୁ ଆୟୋଜନ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

କେନ୍ଦ୍ରାପଡ଼ା , ୦୭/୦୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ-୨୦୨୪ ପାଳନ ଉପଲକ୍ଷେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଡ଼ିଆ ବକ୍ତୃତା, କବିତା ଆବୃତି, ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ଇଂରାଜୀରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତା ରେ ଛାତ୍ରଛାତ୍ରୀ ମାନେ ସେମାନଙ୍କ ସୃଜନ ପ୍ରତିଭା ପ୍ରଦର୍ଶନ କରିଥିଲେ। ବରିଷ୍ଠ ବର୍ଗରେ ୮ମ, ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିବା ବେଳେ କନିଷ୍ଠ ବର୍ଗରେ ୬ଷ୍ଠ ଓ ୭ମ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇଥିଲେ। କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନେ ଆସନ୍ତା ୧୪ ତାରିଖରେ ଏବଂ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନେ ଜୁଲାଇ ୧୭ ତାରିଖ ଦିନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନଙ୍କ ସୃଜନ ପ୍ରତିଭା ପ୍ରଦର୍ଶନ କରିବେ। ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ସରୋଜ କୁମାର ମହାନ୍ତି, ନବଜ୍ୟୋତି ରାୟ, ଅକ୍ଷୟ କୁମାର ନାୟକ, ରବି ନାରାୟଣ ପତି, ଇଂ ଜ୍ଞାନ ରଞ୍ଜନ ନାୟକ, ଅକ୍ଷୟ କୁମାର ପାଣି, ଶୈଳଜା ଶଙ୍କର ସାମଲ, ଡଃ ମଥୁରୀ ଚରଣ ନାୟକ, ମାତୃଦତ ମହାନ୍ତି, ନୃସିଂହ ତ୍ରିପାଠୀ, କୈଳାଶ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ବଳରାମ କର ପ୍ରମୁଖ ବିଚାରକ ଭାବେ ଯୋଗ ଛାତ୍ରଛାତ୍ରୀଙ୍କ ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ବଲାଙ୍ଗିର ତରଫରୁ ବନ ମହୋତ୍ସବ ସପ୍ତାହ ପାଳିତ

ବଲାଙ୍ଗୀର, ୦୭/୦୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ବଲାଙ୍ଗିର ତରଫରୁ ଭଗବାନ ବିଦ୍ୟାମନ୍ଦିର ଖୁଜେନପାଲି ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ଜର୍ଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଡକ୍ଟର ପବିତ୍ର ମୋହନ ସାମଲ, ସ୍ପେସିଆଲ ଜର୍ଜ ଭିଜିଲାନ୍ସ ମଳୟ ରଞ୍ଜନ ଦାଶ, ଜର୍ଜ ଫାମିଲି କୋର୍ଟ ବିକ୍ରମ କେଶରୀ ପଟ୍ଟନାୟକ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜର୍ଜ ପ୍ରିୟରଞ୍ଜନ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟେଟ ମିସ ସୁନନ୍ଦା ପାଢୀ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଚରଣଜିତ ଓରାମ, ବରିଷ୍ଠ ଦେଓ୍ୱାନୀ ନ୍ୟାୟଧୀଶ ଆର୍ଶି କୁମାର ସାହୁ, ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ନ୍ୟାୟଧୀଶ ଅନ୍ନପୂର୍ଣ୍ଣା ଷଡଙ୍ଗୀ, ବରିଷ୍ଠ ଦେଓ୍ୱାନୀ ନ୍ୟାୟଧୀଶ କମେରସିଆଲ କୋର୍ଟ ବୈଶାଳୀ ନାୟକ, ସବ୍ ଡିଭିଜନାଲ ବିଚାର ବିଭାଗୀୟ ମାଜିଷ୍ଟେଟ ମିସ ଦୀପା ରାଣୀ ଜେନା, ଦେଓ୍ୱାନୀ ନ୍ୟାୟଧୀଶ କନିଷ୍ଠ ସୁମିତ ପାଣିଗ୍ରାହୀ, ଜେଏମ୍ଏଫସି ଲକ୍ଷ୍ମୀ ବେହେରା, ପ୍ରୋବେସର ମାଜିଷ୍ଟେଟ ଅର୍ଘ୍ୟ ମିଶ୍ର, ବନ ବିଭାଗୀୟ ଅଧିକାରୀ ସୁଦର୍ଶନ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନିଲ କୁମାର ଯୋଷୀ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ବୃନ୍ଦ ଓ ବନ କର୍ମଚାରୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ।

# ବୃକ୍ଷ ଗଙ୍ଗା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଲେ ସାଂସଦ ଅନନ୍ତ ନାୟକ ଓ ବିଧାୟକ ଫକିର ମୋହନ ନାଏକ

ହରିଚନ୍ଦନପୁର, ୦୭/୦୭ (ନି.ପ୍ର):- ସବୁଜ ମଣିଷ ରମେଶ ସାର୍ । ଯାହାଙ୍କ ଜୀବନ ଜନସେବା ଓ ବୃକ୍ଷରୋପଣ ପାଇଁ ଉତ୍ସର୍ଗୀକୃତ । ନିଜ ପେନସନ୍ ଟଙ୍କାରେ ଗତ ୮ବର୍ଷ ଧରି ନିଜ ଉଦ୍ୟମରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଛନ୍ତି । ଛାତ୍ର ଛାତ୍ରୀ, ଚାଷୀ ଓ ଜନସାଧାରଣଙ୍କୁ ମାଗଣାରେ ଚାରା ବଣ୍ଟନ କରିବା ସହ ଗଛ ବଡ ହେବା ପର୍ଯ୍ୟନ୍ତ ସେ ପ୍ରଚେଷ୍ଟା କରିଥାନ୍ତି । ଯାହା ସମଗ୍ର ଜିଲ୍ଲା ପାଇଁ ସୃଷ୍ଟି କରିଛି ଏକ ଉଦାହରଣ। ଦେଖିବା କେନ୍ଦୁଝରର ସବୁଜ ମଣିଷ, ରମେଶ ସାରଙ୍କର ଉତ୍ସର୍ଗୀକୃତ ଜୀବନ । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଜଙ୍ଘିରା ଗାଁର ବଟେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେଉଛି ବୃକ୍ଷ ଗଙ୍ଗା ଅଭିଯାନ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଫକିର ମୋହନ ନାଏକ । ଏଥିସହ ଡିଏଫଓ ଓ ହରିଦ୍ୱାରରୁ ଆସିଥିବା ଗାୟତ୍ରୀ ପରିବାର ଅଧିକାରୀ, ସ୍କୁଲ, କଲେଜ୍ ପିଲା ଜନସାଧାରଣ ଏକାଠି ହୋଇଛନ୍ତି । ମନ୍ଦିର ପଛପଟେ ରହିଛି ଦେଢ ଲକ୍ଷ ଚାରାଗଛର ଏକ ବିଶାଳ ନର୍ସରୀ। ଯେଉଁଠି ରହିଛି ଅଁଳା, ବାହାଡା, ପଣସ, ମହାନିମ୍ବ, ଲେମ୍ବୁ, ଗମ୍ଭାରୀ, ଅଶୋକ ପରି ୫୦ ପ୍ରକାରର ଚାରାଗଛ। ହେଲେ,ଏସବୁ ଚାରାଗଛ ମାଗଣାରେ ଛାତ୍ର ଛାତ୍ରୀ, ଚାଷୀ ଓ ଜନସାଧାରଣଙ୍କୁ ବଂଟନ ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଛି । ପ୍ରଥମେ ନିକଟସ୍ଥ ଜଙ୍ଗଲରେ ଚାରା ରୋପଣ ପରେ ଆରମ୍ଭ ହୋଇଥିଲା ଏହି କାର୍ଯ୍ୟକ୍ରମ । ଗାଁର ରମେଶ ଚନ୍ଦ୍ର ମିଶ୍ର ନିଜ ଉଦ୍ୟମରେ ଗତ ୮ବର୍ଷ ଧରି ଏହି ଚାରା ଗଛ ତିଆରି କରି ଲୋକମାନଙ୍କୁ ମାଗଣାରେ ବଣ୍ଟନ କରି ଆସୁଛନ୍ତି । ରମେଶ ସାର୍ ପ୍ରଥମେ ଶିକ୍ଷକତା ଓ ପରେ ବ୍ୟାଙ୍କ ମ୍ୟାନେଜର୍ ଭାବେ ଅବସରଗ୍ରହଣ କରିବା ପରେ ଜନସେବାରେ ବ୍ରତୀ ହୋଇଛନ୍ତି । ଗତ ୮ ବର୍ଷ ଧରି ୮ ଲକ୍ଷରୁ ଉର୍ଦ୍ଧ୍ୱ ଚାରାଗଛ ସୃଷ୍ଟି କରି ଛାତ୍ର ଛାତ୍ରୀ ତଥା ଜନସାଧାରଣଙ୍କୁ ମାଗଣାରେ ବଂଟନ କରୁଛନ୍ତି । ଗଛ ନକାଟିବା ତଥା ଗଛ ଲଗାଇବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି । ଚାରା ଲାଗାଇବା ପରେ ଗଛ ବଂଚିବା ପର୍ଯ୍ୟନ୍ତ ସେ ନିଜେ ଚାରିଆଡେ ବୁଲି ତଦାରଖ କରିଥାନ୍ତି । ଖୋଲା ପଡିଆ, ରାସ୍ତାକଡ ଏପରିକି ଲଣ୍ଡା ପାହାଡରେ ମଧ୍ୟ ସେ ସଫଳତାର ସହ ବୃକ୍ଷରୋପଣ କରିଛନ୍ତି । ଏଥିପାଇଁ ୨୦୧୭ ମସିହାରେ ତାଙ୍କୁ ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନିତ କରାଯାଇଛି ।

# ଆଳିରେ ବିପୁଳ ପରିମାଣର ନକଲି ମଦ ଜବତ: ୩ ଗିରଫ

କେନ୍ଦ୍ରାପଡ଼ା , ୦୭/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅଧିନ ଦେମାଳ ଗ୍ରାମରେ ବିପୁଳ ପରିମାଣ ର ନକଲି ମଦ ଜବତ ହେବା ସହ ଅବକାରୀ ବିଭାଗ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସେହିଗ୍ରାମର ସୂର୍ଯ୍ୟକାନ୍ତ ଦାସଙ୍କ ଘରେ ନକଲି ମଦ ତିଆରି ହେଉଥିବା ବେଳେ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଚଢାଉ କରି ୭୦ ଲିଟର ନକଲି ମଦ ଜବତ କରିଛନ୍ତି। ଏହା ସହ ୨ଟି ବାଇକ ଓ ୩ଜଣ ଅଭିଯୁକ୍ତ ଯାଜପୁର ଜିଲ୍ଲାର ମାନସ ପରିଡା ଓ ରେକିଦେଇପୁର ବିବେକାନନ୍ଦ ପରିଡା ଓ ସୂର୍ଯ୍ୟକାନ୍ତ ଦାସଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଆଇ.ଆଇ.ସି ବିକ୍ରମ ଚରଣ ମଣ୍ଡଳ, ଏସ.ଆଇ ଲକ୍ଷ୍ମୀପ୍ରିୟା ସିଂହ, ଧର୍ମପଦ ଦାସ ଓ ଟୁକମ ପ୍ରଧାନଙ୍କ ସମେତ କନେଷ୍ଟବଳ ସୁନିଲ କୁମାର ମିଶ୍ର ଓ ପ୍ରଶାନ୍ତ କୁମାର ଘଡେଇ ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ଦାଦନ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ

ନୂଆପଡ଼ା, ୦୭/୦୭ (ନି.ପ୍ର): ଆନ୍ଧ୍ରପ୍ରଦେଶ ଇଟା ଭାଟିରେ ଜଣେ ଦାଦନ ଶ୍ରମିକଙ୍କୁ ହତ୍ୟା ଓ ପରିବାର ଲୋକଙ୍କୁ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ କରି ଇଟା ଭାଟି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଆଜି ଖଡ଼ିଆଳ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକେ। ଅଭିଯୋଗ ଅନୁଯାୟୀ ଖଡ଼ିଆଳ ଥାନା ଅନ୍ତର୍ଗତ ଗୋଡଧୁଆପଦର ଗ୍ରାମର ତେୟାସି ପାନ, ତାଙ୍କ ପୁତୁରା ନରୋତମ ପାନ ଓ ନରୋତମଙ୍କ ସ୍ତ୍ରୀ କବିତା ପାନ ଗତ ନଭେମ୍ବର ମାସରେ ଆନ୍ଧ୍ରପ୍ରଦେଶ ଇଟା ଗଢିବାକୁ ଯାଇଥିଲେ। ନୂଆପଡା ଜିଲ୍ଲା ସିନାପାଲିର ଦାଦନ ସର୍ଦ୍ଦାର ଦୀନବନ୍ଧୁ ସୁନାନୀ ଏମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେଠାକୁ ନେଇଥିଲେ। ହାଇଦ୍ରାବାଦ ସ୍ଥିତ ପଇଦାପାଲିର ସେଠ୍ ଝାପଡ ଖାନଙ୍କ ପାଖରେ ସେମାନେ କାମ କରୁଥିଲେ। ଚଳିତ ବର୍ଷର ଜାନୁଆରୀ ମାସରେ ହଠାତ୍ ଝାପଡ ଖାନ୍ ତିୟାସି ଓ ତାଙ୍କ ପୁତୁରାକୁ କାମ କରୁ ନଥିବା ଅଭିଯୋଗ କରି ମାଡ ମାରିଥିଲା। ଏହାର ପ୍ରତିବାଦ କରିବାରୁ ଆଉ କିଛି ଲୋକଙ୍କୁ ଡାକିଥିଲା ଝାପଡ। ସେମାନେ ଆସି ଟାଙ୍ଗିଆ ଓ ଠେଙ୍ଗାରେ ମାଡ ମାରିଥିଲେ। ତିୟାସି ବିହୋସ ହୋଇ ପଡ଼ିବାରୁ ସେମାନେ ସେ ସ୍ଥାନ ଛାଡି ପଳାଇଲେ। ନରୋତମ ନିଜ ବଡ଼ ବାପାଙ୍କୁ ଉଠାଇଲା ପରେ ଜାଣିଲେ ସେ ଆଉ ଜୀବନରେ ନାହାନ୍ତି। ଖବର ପାଇଲା ପରେ ଶେଠ୍ ଝାପଡ଼ ଖାନ୍ ଓ ସହଯୋଗୀ ମାନେ ଆସି ନରୋତମ ଓ ତାଙ୍କ ସ୍ତ୍ରୀ କବିତାଙ୍କୁ ଗୋଟିଏ ଘରେ ଭର୍ତି କରିଦେଲେ ଏହି ଘଟଣା କାହାକୁ କହିଲେ ମାରିବାକୁ ଧମକ ଦେଇ ଶବ ନେଇ ଚାଲିଗଲେ। କିଛିଦିନ ତଳେ ସେମାନଙ୍କୁ ଚେତାବନୀ ଦେଇ ଛାଡି ଦେବା ପରେ ଘରେ ପହଂଚି ସବୁ କଥା କହିଥିଲେ। ଖବର ଜାଣିବା ପରେ ତାଙ୍କ ପୁଅ ତ୍ରିନାଥ ପାନ ଦାଦନ ଦଲାଲକୁ ଯୋଗାଯୋଗ କରିବାରୁ ତୋ ବାପାଙ୍କୁ ମାରି ଦିଆଯାଇଛି । ତୁମେ କଣ କରିବ କର ବୋଲି କୁଆଡେ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଏନେଇ ଆଜି ତ୍ରିନାଥ ପାନ ଖଡ଼ିଆଳ ଥାନାରେ ଆସି ଅଭିଯୋଗ କରିବା ସହ ଦାଦନ ଦଲାଲ, ଇଟା ଭାଟି ମାଲିକ ଓ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ ଜୁନୋସିସି ଦିବସ ପାଳିତ

କେନ୍ଦ୍ରାପଡ଼ା ୦୬ ଜୁଲାଇ (ହି.ସ.) ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପୁରାତନ ଚିକିତ୍ସାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜୁନୋସିସି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜିଲ୍ଲାର ଜନସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ ଶତପଥି, ଡିପିଏମ୍ ଗୀତାଞ୍ଜଳୀ ଦାସ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଅରବିନ୍ଦ ଦାସ, ଇଂ ଦିଲିପ କୁମାର ସେଠୀ, ଫରେଷ୍ଟର ରୋଜାଲିନ୍ ଦାସ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କନସଲଟାଂଟ୍ ଡକ୍ଟର ଦିନେଶ ପ୍ରସାଦ ସାହୁ, ଜନସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତା, ଏଏନ୍ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପଶୁପକ୍ଷୀମାନଙ୍କଠାରୁ ଅନେକ ସମୟରେ ମଣିଷକୁ ରୋଗ ବ୍ୟାପିଥାଏ। ତେଣୁ ମାନବ ସମାଜ ଏଭଳି ସଙ୍କଟରୁ ବର୍ତିବା ସହ କିପରି ସୁସ୍ଥ ରହିବ ସେ ସମ୍ପର୍କରେ ଗ୍ରହଣ କରିବାକୁ ଥିବା ବ୍ୟାପକ ସଚେତନତା ପଦକ୍ଷେପ ବିଷୟରେ ନିମନ୍ତ୍ରିତ ଅତିଥିମାନେ ବିସ୍ତୃତଭାବେ ଆଲୋଚନା କରିଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏନ୍ସିଡିର ଆସିଷ୍ଟାଂଟ୍ ମ୍ୟାନେଜର ଶ୍ୟାମ ସୁନ୍ଦର ବିଶ୍ୱାଳ।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଦିବସ ପାଳିତ

ମାଲକାନଗିରି, ୦୭/୦୭ (ନି.ପ୍ର): ଆଜି ସମାଜ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି । ମାଲକାନଗିରି ବିଧାୟକ, ନରସିଂହ ମାଡକାମୀ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଣ୍ୟାତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଏକାଧାରରେ ଜଣେ ସ୍ୱାଧିନତା ସଂଗ୍ରାମୀ, ଜନ ନାୟକ, ବ୍ୟବସ୍ଥାପକ, କବି, ଲେଖକ, ସାମ୍ବାଦିକ,ସ୍ୱାଧିନତା ସଂଗ୍ରାମୀ, ଜନନେତା, ମାନବବାଦୀ ଓ ଜଣେ ଆଦର୍ଶ ଶିକ୍ଷକ ଥିଲେ। ମଣିଷ ତିଆରି କାରଖାନା ସତ୍ୟବାଦୀ ବନବିଦ୍ୟାଳୟର ଥିଲେ ସେ ସ୍ରଷ୍ଟା। ପଂଚସଖା ଯୁଗର ସାହିତ୍ୟ ସାଧକ ଭାବେ ତାଙ୍କ ନାମ ଚିର ସ୍ମରଣୀୟ ବୋଲି ଅତିଥି ମାନେ ମତ ପରିପ୍ରକାଶ କରିଥିଲେ। ମାନବ ସେବା ପାଇଁ ସେ ଓଡିଆ ଜାତିରେ ସଦାସର୍ବଦା ମନେ ରହିବେ ଏବଂ ତାଙ୍କର ଜୀବନାଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ, ସନ୍ତୋଷ ନାରାୟଣ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷାବିତ୍ ରବୀନ୍ଦ୍ର ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜ ପ୍ରତିନିଧି, ଗୋପୀ ପଟ୍ଟନାୟକ, ଅସୀମ ବିଶ୍ୱାସ, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ପଟ୍ଟନାୟକ, ବେଙ୍ଗଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରେକୃଷ୍ଣ କିର୍ତନୀଆ, ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ସତ୍ୟ ନାରାୟଣ କଲେଜ ଓ ବେଙ୍ଗଲି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ପୁଣ୍ୟାତ୍ମାଙ୍କ ଜୟଗାନ କରିଥିଲେ।

# 'ଗୁଣ୍ଡିଚା ନାମେ ମୋ ଯାତ୍ରା ପରନପାବନୀ, ରଥଯାତ୍ରା ନାମେ ଖାତ ହେବ ଯେ ଅବନୀ.....'



## ବିପିନ ବିହାରୀ ରାଉତ



ଶ୍ରୀଜଗନ୍ନାଥ ଓଡ଼ିଶାର ସର୍ବଜନମାନ୍ୟ ରାଷ୍ଟ୍ରଦେବତା। ଓଡ଼ିଆ ଜାତିର ଧର୍ମ, କଳା, ସଭ୍ୟତା, ସଂସ୍କୃତି, ସାହିତ୍ୟ, ଦର୍ଶନ ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ହେଉଛନ୍ତି ଜଗନ୍ନାଥ। ଜଗନ୍ନାଥ ଧର୍ମ ମୈତ୍ରୀ ଧର୍ମ-ଭାବ ହେଉଛି ବିଶ୍ୱଭ୍ରାତୃତ୍ୱଭାବ। ଜଗନ୍ନାଥ ଏ ଜାତିର ନେତା-ନିୟନ୍ତା ଓ ନିୟାମକ। ଏ ଜାତିର କେତେ ହସକାନ୍ଦି କେତେ ଲୁହ ଲୁହ କେତେ ହର୍ଷବିଷାଦ-କେତେ ଉତଥାନପତନ ସବୁଥିରେ ପ୍ରଭୁ ଜଗନ୍ନାଥ ଏ ଜାତିକୁ ତାର ବାହୁଛାୟାତଳେ ତୋଳି ଧରିଛି। ଅତଏବ ଏ ଗୁଣ୍ଡିଚା ଯାତ୍ରା ହେଉଛି ବାସ୍ତବରେ ମାନବବାଦର ଯାତ୍ରା। ଶ୍ରୀଜଗନ୍ନାଥ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥାରୋହଣ, ବଡ଼ଦାଣ୍ଡ ଭ୍ରମଣ, ରଥୋତ୍ସବ କାଳୀନ ବିଧାନ ମଧ୍ୟରେ ମାନବୋଚିତ ଜୀବନଚର୍ଯ୍ୟାର ସମସ୍ତ ଦିଗ ପାଳନପୂର୍ବକ ଅନୁସୃତ ହୋଇଥାଏ। ଏ ଯାତ୍ରା ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧାରା ସହିତ ଜଡ଼ିତ। ଜୈନ, ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବବାଦି ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥ କରି ଦାରୁଦେବତା ବା ନାଗ ଓ ଶବରର ସମନ୍ୱୟର ଦେବତା ଜଗନ୍ନାଥରୂପେ ଶ୍ରୀମନ୍ଦିରରେ ଉଭା ହୋଇଛନ୍ତି। ତେଣୁ ଏ ଯାତ୍ରା ସତରେ ଶ୍ରୀଜଗନ୍ନାଥ ଧର୍ମଚେତନାର ଏକ ଅପୂର୍ବ ମାନବୀୟ ରୂପାୟନ।

ପ୍ରସିଦ୍ଧ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ କେତେ ଯେ ମହାତ୍ମା ପୁଣ୍ୟାତ୍ମା ମହାପ୍ରଭୁଙ୍କ ଦର୍ଶନାର୍ଥେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି, ତାର କଳନା ନାହିଁ। ଭଗବାନ ବୁଦ୍ଧଙ୍କ ଠାରୁ ଆଦି ଶଙ୍କାରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସନ୍ଥକବିର, ରାମାନନ୍ଦ, ରାମାନୁଜ, ନାନକ, ଶ୍ରୀଚୈତନ୍ୟଙ୍କ ଠାରୁ ଭକ୍ତ ସାଲବେଗ ଓ ସିପୁଟି ଠାରୁ ବନ୍ଧୁ ମହାନ୍ତି, ଦାସିଆ ବାଉରୀ ପର୍ଯ୍ୟନ୍ତ ସମସ୍ତେ ଧାଇଁ ଆସିଛନ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ। 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' - ଅର୍ଥାତ୍ ରଥ ଉପରେ ବାମନରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ, ଆଉ ପୁନର୍ଜନ୍ମ ହୁଏ ନାହିଁ। ଅତଏବ ରଥାରୂଢ଼ ପତିତପାବନ ଜଗନ୍ନାଥ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ମାନବ ଧର୍ମ-ଦର୍ଶନକୁ ଏକାକାର କରି ସମନ୍ୱୟର ପ୍ରତୀକ ଭାବରେ ଉଭା ହୋଇଛନ୍ତି। ଏହା ଚେତନାର ଜନ୍ମବେଦୀରୁ ଆରମ୍ଭ ହୋଇ ଭକ୍ତର ହୃଦୟବେଦୀ ପର୍ଯ୍ୟନ୍ତ ଏ ଯାତ୍ରା ମହାବେଦୀ ଯାତ୍ରା ମହାମାନବ ମିଳନର ଯାତ୍ରା ବା ମୋକ୍ଷଯାତ୍ରା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ। କାରଣ ରଥଯାତ୍ରା ସମୟରେ ଜଗନ୍ନାଥ ଦଶାବତାର ଧାରଣ କରୁଥିବାରୁ ଏହି ଯାତ୍ରାକୁ ଦଶାବତାର ଯାତ୍ରା ବୋଲି କୁହାଯାଏ। ଆଉ କେତେକ ଗବେଷକ ଓ ଐତିହାସିକଙ୍କ ମତରେ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ସହିତ ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମକୃଷ୍ଣ - ଏହି ଦଶ ମୂର୍ତ୍ତି ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ଦଶାବତାର ଯାତ୍ରା କୁହାଯାଏ। ଏହା ବ୍ୟତୀତ ଗୁଣ୍ଡିଚାଯାତ୍ରା-ନବଦିନାତ୍ମିକାଯାତ୍ରା-ପତିତପାବନ ଯାତ୍ରା-ବ୍ରହ୍ମଯାତ୍ରା-ଜନକପୁରୀଯାତ୍ରା-ଆଡ଼ପଯାତ୍ରା ଭାବରେ ମଧ୍ୟ ଏହା ବିଦିତ। ଏ ସମ୍ପର୍କରେ 'ଜଗନ୍ନାଥ ପୁରଣ'ରେ ଉଲ୍ଲେଖ ଅଛି - 'ଗୁଣ୍ଡିଚା ନାମେ ମୋ ଯାତ୍ରା ପରନପାବନୀ, ରଥଯାତ୍ରା ନାମେ ଖାତ ହେବ ଯେ ଅବନୀ। ଜାତିଗୁଣ ନାମଧାମ ସବୁ ପଛକରି। ଏକୀଭୂତ ମନୋଭାବ ପୁଣ୍ୟଫଳଧରି।'

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ରଥର ପାର୍ଶ୍ୱ ଦେବତାଙ୍କ ଗୁରୁତ୍ୱପୂର୍ଣ୍ଣ ପୂଜା ବିଧି ଓ ନୀତିକାନ୍ତି ରହିଛି। ପ୍ରଭୁଙ୍କ ରଥାରୋହଣ ପରେ ରଥ ଓ ପଥ ମଧ୍ୟ ଦେବତାର ପ୍ରାଧାନ୍ୟ ଲାଭ କରିଥାନ୍ତି । ଏହି ରଥ ତିନୋଟିରେ ବିଜେ ହୋଇଯାଆନ୍ତି ବହୁ ଦେବାଦେବୀ । ଯାହା ହୁଏତ ସ୍ଥୁଳ ଦୃଷ୍ଟିରୁ ଦେଖାଯାଏ ନାହିଁ କିନ୍ତୁ ଅନୁଭବ କରିହୁଏ ସୂକ୍ଷ୍ମଦୃଷ୍ଟିରେ । ପୁନଶ୍ଚ ପ୍ରତ୍ୟେକ ରଥର ତିନି ପାର୍ଶ୍ୱରେ ଅବସ୍ଥାନ କରନ୍ତି ପାର୍ଶ୍ୱ ଦେବତା । ତିନିରଥର ତିନୋଟି ଦିଗ ଅର୍ଥାତ୍ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଦିଗରେ ତିନୋଟି ଲେଖାଏଁ ମୋଟ ୨୭ ଜଣ ପାର୍ଶ୍ୱଦେବତା ଓ ୨ଜଣ ଲେଖାଏଁ ଦ୍ୱାରପାଳ ଶୋଭାବର୍ଦ୍ଧନ ରୂପକ ଅବସ୍ଥାନ କରିଥାନ୍ତି । ୨ ଫୁଟ ଉଚ୍ଚତା ଓ ଦେଢ଼ ଫୁଟ ଓସାରର ଏହି ପାର୍ଶ୍ୱ ଦେବତା ଆସ୍ଥାନଗୁଡ଼ିକରେ ଉକ୍ତ ରଥରେ ଆରୋହଣ କରିଥିବା ଠାକୁରଙ୍କ ଅବତାର ଗଣ ପ୍ରାୟତଃ ସୁଶୋଭିତ ହୁଅନ୍ତି । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଶିବ ଓ ବଳରାମଙ୍କର ଅବତାର ପୁରୁଷଗଣ ଆସ୍ଥାନ ଜମାଇଥିବାବେଳେ ଦେବଦଳନ ରଥରେ ସପ୍ତମାତୃକା ଓ ଦଶମହାବିଦ୍ୟାରୁ କେତେକ ଦେବୀ ପାର୍ଶ୍ୱଦେବୀ ସାଜିଥାନ୍ତି । ଏଥିସହିତ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶ୍ରୀକୃଷ୍ଣ ଲୀଳା, ରାମଲୀଳା ଓ ମହାବିଷ୍ଣୁଙ୍କର ଲୀଳା ପ୍ରଭୃତି ଚିତ୍ରିତ ହୋଇଥାଏ । ରଥ ପାର୍ଶ୍ୱରେ ଅବସ୍ଥାପିତ ଏହି ପାର୍ଶ୍ୱଦେବତାମାନେ ବିଭିନ୍ନ ପୌରାଣିକ କିମ୍ବଦନ୍ତୀ ଓ ଇତିହାସକୁ ମନେ ପକାଇ ଦେଇଥାନ୍ତି । ଏହା ମଧ୍ୟ କୁହାଯାଇଥାଏ ଯେ ପାର୍ଶ୍ୱ ଦେବତାଗଣ ରଥକୁ ସୁରକ୍ଷା ଦେବୀ ନିମିତ୍ତ ଆବାହନ କ୍ରମେ ଆସିଥାନ୍ତି । ରଥଯାତ୍ରା ଯେହେତୁ ଶ୍ରେଷ୍ଠ ଯାତ୍ରା ଭଗବାନ ଶ୍ରୀଜଗନ୍ନାଥ ଏଥିରେ ସମସ୍ତଙ୍କୁ ସାମିଲ କରାଇବାକୁ ଚାହିଁଥାନ୍ତି । ପୁନଶ୍ଚ ରଥଯାତ୍ରା ଅବସରରେ ବିଜେ କରୁଥିବା ଦେବାଦେବୀ ପ୍ରଭୃତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଧର ପଣା ଭଙ୍ଗା ନୀତି ଅନୁଷ୍ଠିତ ହୋଇଥାଏ । କେବଳ ଏହି ନୀତି ପାଇଁ ଠାକୁରେ ଗୋଟାଏ ଦିନ ରଥରେ ଅଧିକ ଅବସ୍ଥାନ କରିଥାନ୍ତି ।

ମହାପ୍ରଭୁ ଜଗନ୍ନାଥଙ୍କର ଏ ଆଷାଢ଼ ଉତ୍ସବ ସଂସାର ଜଞ୍ଜାଳରୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକମାନଙ୍କ ମୁକ୍ତିମୋକ୍ଷ, ନିର୍ବାଣପ୍ରାପ୍ତିର ପଥ ସୁଗମ କରିଦିଏ। କି ପବିତ୍ର ଏ ପୀଠ ଓ ତାର ପରମ୍ପରା, କି ମହାନ୍ ଏ ଯାତ୍ରା। ମନୁଷ୍ୟର ସ୍ୱାଭାବିକ ଜୀବନଚର୍ଯ୍ୟା ଭଳିଯାତ୍ରା। ମହାପ୍ରଭୁ ଏ ଜାତିର ଶ୍ରଦ୍ଧାଳୁ ମଣିଷ ମେଳରେ ରଥାରୂଢ଼ ହୋଇ ନଗର ଭ୍ରମଣ ବା ଯାତ୍ରା କରନ୍ତି। ତେଣୁ କୁହାଯାଏ - 'ଗୁଣ୍ଡିଚାଯାତ୍ରା ଏ ନାମ କଲେ ଉଚ୍ଚାରଣ, ତା'ର ଶତଜନ୍ମ ପାପ ହୁଅଇ ଦହନ।'

+ତୁଳସୀପୁର କଟକ

# କାନ୍ଧରେ ଆସନ୍ତି ଦେବୀ ସୁଭଦ୍ରା

## ଯଶସ୍ୱିନୀ ପଟ୍ଟନାୟକ





ଆଜି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା, ପତିତପାବନ ଯାତ୍ରା। ବଡ଼ଦାଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଅଗ୍ରଜ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ଅଗଣିତ ଭକ୍ତଜନଙ୍କୁ ଆଶୀର୍ବାଦର କୃପାବାରିଧାରାରେ ବୁଡ଼ାଇ ଦିବ୍ୟ ଦର୍ଶନ ପାଇଁ ଆଗମନ କରିଥାନ୍ତି। ବଡ଼ଭାଇ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ପହଣ୍ଡି ଆସନ୍ତି । ପ୍ରଭୁ ବଳଭଦ୍ରଙ୍କ ପହଣ୍ଡିରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୁଏ। ସେବକଙ୍କ ଗହଣରେ ଟାହିଆ ହଲାଇ ହଲାଇ ଦୁଇଠାକୁର ପହଣ୍ଡି କରି ଆସୁଥିବା ବେଳେ ଭଉଣୀ ସୁଭଦ୍ରା ପହଣ୍ଡନ୍ତି ନାହିଁ । ସେ ସେବକଙ୍କ କାନ୍ଧ ଓ ମୁଣ୍ଡରେ ବିଜେ କରନ୍ତି । ସ୍ନାନଯାତ୍ରାରେ ସ୍ନାନବେଦୀ ହେଉ କି ରଥଯାତ୍ରାରେ ରଥ, ଜନ୍ମବେଦୀକୁ ହେଉ କି ବାହୁଡ଼ାରେ ରଥକୁ ହେଉ କିମ୍ବା ନୀଳାଦ୍ରି ବିଜେରେ ରତ୍ନସିଂହାସନକୁ ବିଜେ ହେଉ, ସବୁବେଳେ ମା'ସୁଭଦ୍ରା ସେବକଙ୍କ କାନ୍ଧ ଓ ମୁଣ୍ଡରେ ଯାଇଥାନ୍ତି । ଭଉଣୀ ଭାଇ ସାଙ୍ଗରେ ସ୍ନାନ, ରଥଯାତ୍ରା, ବାହୁଡ଼ାଯାତ୍ରା କରୁଥିବାବେଳେ ଦେବୀଙ୍କ କ୍ଷେତ୍ରରେ ଏହି ବ୍ୟତିକ୍ରମ କାହିଁକି ବୋଲି ପ୍ରଶ୍ନ ଉଠେ । ଏ ବିଷୟରେ ଅନେକେ ଅନେକ କଥା କୁହନ୍ତି । ଗବେଷକ ଡ. ନରେଶ ଦାଶଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କର ଏହା ମାନବୀୟ ଲୀଳା । ଶାସ୍ତ୍ର, ପୁରାଣ, ସବୁଠି ରହିଛି ନାରୀ ସବୁବେଳେ ଆଦରଣୀୟା । ସେ କୋମଳ, ତାଙ୍କୁ କେବେ କଷ୍ଟ ଦେବା କଥା ନୁହେଁ । ନାରୀର ସ୍ଥାନ ସର୍ବଦା ଉଚ୍ଚରେ । ତାଙ୍କୁ ମୁଣ୍ଡାଇ ରଖିବା କଥା । ଏହି ଉକ୍ତିର ଯଥାର୍ଥ ପ୍ରମାଣ ହେଉଛି ଦେବୀ ସୁଭଦ୍ରାଙ୍କ ବିଜେ । ସେ ନାରୀ, ଜଗଜ୍ଜନନୀ ମାଆ । ତାଙ୍କୁ ଠେଲି ଠେଲି ବା ଟାଣି ଟାଣି ଆଣି ହେବନାହିଁ । ସେ ସର୍ବଦା ପୂଜଙ୍କା । ତେଣୁ ତାଙ୍କୁ ସେବକମାନେ କାନ୍ଧରେ ବା ମୁଣ୍ଡରେ ଟେକି ଟେକି ଆଣିଥାନ୍ତି । ଦେବୀ ସୁଭଦ୍ରାଙ୍କ ରଥରେ ସୁଦର୍ଶନ ରହିବାପରେ ନାରୀ ହୃଦୟରେ ଯେଉଁ ମହାନନ୍ଦ ପ୍ରକାଶ ପାଏ, ସେହି ମହାନନ୍ଦରେ ବିଭୋରହୋଇ ଜଗତ୍‌ଜନନୀ ମା'ସୁଭଦ୍ରା ଚଳତ୍ ଶକ୍ତିହୀନା ହୋଇପଡ଼ନ୍ତି। ତେଣୁ ଦଇତାମାନେ ତାଙ୍କୁ କାନ୍ଧେଇକରି ନେଇଯାଆନ୍ତି। ସୁଭଦ୍ରା ହେଉଛନ୍ତି ମହାଶକ୍ତି। ସେ ଆଦ୍ୟା ହେତୁ ଅନ୍ଧକାରବର୍ଣ୍ଣା। ସେଥିପାଇଁ ତାଙ୍କ ରଥ କୃଷ୍ଣବର୍ଣ୍ଣ। ଦେବୀ ସୁଭଦ୍ରା ରଥାରୂଢ଼ା ହେଲାପରେ ମହାଭୈରବ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୁଏ। ଏହି ପହଣ୍ଡି ପୂର୍ବରୁ ସୁଦର୍ଶନ ଶକ୍ତିଙ୍କ ସହ ସଂଯୁକ୍ତ ହୋଇଥିବାରୁ ଆନନ୍ଦଉଲ୍ଲାସ ମଧ୍ୟରେ ଟାହିୟା ହଲାଇ ହିନ୍ଦୁତନ୍ତର ମହାଭୈରବପ ଜଗନ୍ନାଥଙ୍କର ଆଗମନ ହୁଏ। ମହାପ୍ରଭୁ ସ୍ୱୟଂ ଦେବୀ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପ୍ରଥା କରି ନାରୀଙ୍କ ପ୍ରତି ସମ୍ମାନ ପ୍ରତିପାଦନ କରିଛନ୍ତି । ସେହିପରି ଦେବୀ ସୁଭଦ୍ରାଙ୍କ ବାଡ଼ର ବାଡ଼ଗ୍ରାହୀ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ମାଆକୁ ପୁଅ ବା ଭଉଣୀକୁ ଭାଇ କେବେ କଷ୍ଟ ଦେଇ ନେଇପାରେ ନାହିଁ । ନାରୀକୁ ମୁଣ୍ଡରେ ବସାଯାଏ । ମାଆ, ଭଉଣୀ ଓ ପତ୍ନୀ ସର୍ବଦା ପୂଜନୀୟା । ତେଣୁ ମାଆ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପରମ୍ପରା ରହିଛି ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନବଦିନଯାତ୍ରା ବୋଲି କୁହାଯାଏ। କାରଣ ଏହି ଯାତ୍ରା ନଅଦିନ ବ୍ୟାପୀ ହୁଏ। ନ'ଏକ ପରିପୂର୍ଣ୍ଣ ସଂଖ୍ୟା। ୯x୧=୯, ୯x୨=୧୮ (୧+୮=୯) ତାନ୍ତ୍ରିକ ମତରେ ନ ଅତ୍ୟନ୍ତ ଶୁଭପ୍ରଦ। ଆଷାଢ଼ ଶୁକ୍ଳ ଦଶମୀରେ ଶ୍ରୀଜୀଉଙ୍କରଥ ସିଂହଦ୍ୱାରରେ ଲାଗିଲେ ମଧ୍ୟ ସେ ଦିନ ଦିଅଁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ। ସାଧାରଣତଃ ନ'ମାସ ମାତୃଗର୍ଭରେ ସନ୍ତାନ ରହେ। ଦଶମାସ ପରେ ସନ୍ତାନ ଭୂମିଷ୍ଠ ହୁଏ। ସେଥିପାଇଁ ଏହା ହେଉଛି ନବଦିନ ଯାତ୍ରା। ତେଣୁ ଦଶମୀ ଏକାଦଶୀ ଦିନ ରଥରେ ରହି ଦ୍ୱାଦଶୀ ଦିନ ଶ୍ରୀମନ୍ଦିରକୁ ବିଜେ କରନ୍ତି।

+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

## ବଡ଼ ଦାଣ୍ଡରେ ଶ୍ରୀଜଗନ୍ନାଥ

### ନିକୁଞ୍ଜ କୁମାର ଘୋଷ



ବଡ଼ ଦାଣ୍ଡ ଆଜି ଲୋକାରଣ୍ୟ ଦିଶେ
ଦେଖିବାକୁ ଚକା ଆଖି
ଭକ୍ତ କହେ ଜଗା ସୁସ୍ଥ ହୋଇଅଛି
ଫୁଲୁରି ତେଲକୁ ମାଖି ।
ଚଉଦ ଦିନର ଅଣସର ବାସେ
ପାଇଅଛି କଷ୍ଟ କେତେ
ସ୍ନାହନ ମଣ୍ଡପେ ସ୍ନାନ କରିଥିଲା
ମନ ଆନନ୍ଦରେ ଯେତେ ।
ଏତେ କଷ୍ଟ ପାଇ ଆସିଅଛି ଧାଇଁ
ଭକତ ଜନଙ୍କ ପାଇଁ
ବଡ଼ ଦାଣ୍ଡେ ଆସି ମୁରୁକି ହସଇ
ସଭିଙ୍କୁ ସଙ୍ଗରେ ପାଇ ।
ଭକ୍ତ ଭିଡ଼େ ନାଥ ରଥାରୂଢ଼ ହୋଇ
ବୁଝନ୍ତି ସଭିଙ୍କ ଦୁଃଖ
ଘଣ୍ଟ ଘଣ୍ଟା ଶୁଣି ହରଷ ଦିଶଇ
ଭକ୍ତ ଭଗବାନ ମୁଖ ।
ହରି ବୋଲ ସାଥେ ଶଙ୍ଖ ହୁଳହୁଳି
କମ୍ପାଏ ମେଦିନୀ ପୁରୀ
ସୁସଜ୍ଜିତ ରଥେ ଜନ ଗହଳିରେ
ଡାହୁକ ପକାଏ ହୁରି ।
ଜଗାର ଉତ୍ସୁକ ବଡ଼ି ବଡ଼ି ଚାଲେ
ଆଗକୁ ଗଡ଼ିଲେ ରଥ
ମାଉସୀ ଆଖିରେ ପଲକ ପଡୁନି
ଚାହିଁ କାଳିଆର ପଥ ।
ବଡ଼ ଦାଣ୍ଡେ ଆଜି ଶ୍ରୀଜଗନ୍ନାଥଙ୍କ
ମୁକ୍ତ ଦରଶନ ପାଇଁ
ଦେଶ ଦେଶାନ୍ତରୁ ଭକତ ଧାଇଁଛି
ତୁମ୍ଭ ଦରଶନେ ସାଇଁ ।
ଭକତ ମାଗୁଣି ପୂର୍ଣ୍ଣ କର ବିଭୁ
ଏତିକି ମିନତି ମୋର
ଦୁଃଖ ସନ୍ତାପକୁ ହରି ନେଇ ପ୍ରଭୁ
ଜଗତ କଲ୍ୟାଣ କର ।

+ମାଧବପୁର, ଜଳେଶ୍ୱର, ବାଲେଶ୍ୱର

# ଓଡ଼ିଶାର ପଞ୍ଜାଙ୍ଗରେ ଜଗନ୍ନାଥଙ୍କ ପ୍ରଭାବ

## ଅଜୟ କୁମାର ବେହେରା





ଭାରତୀୟ ଜ୍ୟୋତିଷଶାସ୍ତ୍ରରେ ତିନୋଟି ଭାଗ ଅଛି। ପ୍ରତ୍ୟେକ ଭାଗକୁ ସ୍କନ୍ଦ କୁହାଯାଏ। ଏହା ଗଣିତ ଜ୍ୟୋତିଷ, ଫଳିତ ଜ୍ୟୋତିଷ ଓ ମୁହୂର୍ତ୍ତ ଜ୍ୟୋତିଷ ନାମରେ ଖ୍ୟାତ। ଗଣିଷ ଜ୍ୟୋତିଷରେ ଅଖଣ୍ଡକାଳକୁ ବିଭକ୍ତ କରାଯାଇ ତାର ଅବୟବମାନଙ୍କର ଗଣନା କରାଯାଇଥାଏ। ଫଳିତ ଜ୍ୟୋତିଷରେ ବିଭକ୍ତ କାଳର ଅବୟବ ଗୁଡ଼ିକର ପ୍ରଭାବ ଯୋଗୁଁ ଯେଉଁ ଫଳାଫଳ ମିଳେ, ତାହାର ପୂର୍ବନିର୍ଦ୍ଧାରଣ କରାଯାଏ। ମୁହୂର୍ତ୍ତ ଜ୍ୟୋତିଷରେ କାଳର ବିଭିନ୍ନ ଅବୟବର ବ୍ୟାବହାରିକ ସୀମା ନିର୍ଦ୍ଧାରଣ କରାଯାଇଥାଏ। ଏହି ଦୃଷ୍ଟିରୁ ମୁହୂର୍ତ୍ତ ସ୍କନ୍ଦର ଧର୍ମଶାସ୍ତ୍ର ବା ସ୍ମୃତି ଶାସ୍ତ୍ର ସହିତ ସଂପର୍କ ରହିଛି।

ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହେବା ସମୟରୁ ଓଡ଼ିଶାର ପଞ୍ଜାଙ୍ଗରେ ଶ୍ରୀଜଗନ୍ନାଥଙ୍କର ପ୍ରଭାବ ଅତୁଟ ରହିଆସିଛି। ଶ୍ରୀମନ୍ଦିର ପ୍ରତିଷ୍ଠା ହେବା ସମୟରେ ପୁରୀରେ ଓଡ଼ିଶାର ପଞ୍ଜାଙ୍ଗର ଆଦ୍ୟ ପ୍ରବର୍ତ୍ତକ ଆଚାର୍ଯ୍ୟ ଶତାନନ୍ଦ ଅବସ୍ଥାନ କରୁଥିଲେ। ସେ ତିନୋଟି ପ୍ରସିଦ୍ଧ ଗ୍ରନ୍ଥ ରଚନା କରିଯାଇଛନ୍ତି। ଯଥା ଭାସ୍ୱତୀ, ଶତାନନ୍ଦ ସଂଗ୍ରହ ଏବଂ ଶତାନନ୍ଦ ରତ୍ନମାଳା। ଖ୍ରୀଷ୍ଟିୟ ଏକାଦଶ ଶତକର ଉତ୍ତରାର୍ଦ୍ଧରେ (୧୦୯୯ଖ୍ରୀ.) ଆଚାର୍ଯ୍ୟ ଶତାନନ୍ଦ ଏହି ଗ୍ରନ୍ଥ ରଚନା କରି ସର୍ବପ୍ରଥମେ ଜଗନ୍ନାଥଙ୍କର ପୁରୁଷୋତ୍ତମ କ୍ଷେତ୍ର ସଂପର୍କରେ ସୂଚନା ଦେଇଛନ୍ତି। ଏହି ସମୟରୁ ଚୋଡ଼ଗଙ୍ଗଙ୍କ ନେତୃତ୍ୱରେ ଦକ୍ଷିଣ ଭାରତରୁ ବୈଷ୍ଣବ ପରମ୍ପରା ଓଡ଼ିଶାରେ ଆନୁଷ୍ଠାନିକ ଭାବେ ପ୍ରବେଶ କରିଛି। ଫଳରେ ତତ୍କାଳୀନ ଓଡ଼ିଶାରେ ଶତାନନ୍ଦଙ୍କର ସ୍ମାର୍ତ୍ତ ବିଚାର ସହିତ ବୈଷ୍ଣବୀୟ ଆଚାର ବ୍ୟବହାରର ମିଶ୍ରଣ ଘଟିଥିବା ପ୍ରସଙ୍ଗକୁ ଏଡ଼ାଇ ଦେଇହେବନାହିଁ। ଆଚାର୍ଯ୍ୟ ଶତାନନ୍ଦ ଜଣେ ସ୍ମାର୍ତ୍ତ ପଣ୍ଡିତ। ତାଙ୍କର ଶତାନନ୍ଦ ରତ୍ନମାଳା ଏବଂ ଶତାନନ୍ଦ ସଂଗ୍ରହରେ ସେ ଅନେକ ସ୍କମାର୍ତ୍ତ ପରମ୍ପରାକୁ ସାମାଜିକ ଗ୍ରହଣୀୟତା ଦୃଷ୍ଟିରୁ ଅନ୍ତର୍ଭୁକ୍ତ କରିଯାଇଛନ୍ତି। ତେବେ ଓଡ଼ିଶାର ପଞ୍ଜାଙ୍ଗ ଗଣନା ଆଚାର୍ଯ୍ୟ ଶତାନନ୍ଦଙ୍କ ଠାରୁ ଆରମ୍ଭ ହୋଇଥିଲେ ହେଁ ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ ଅନୁସାରେ ଗଣନା ପରବର୍ତ୍ତୀ ସମୟରେ ପ୍ରବର୍ତ୍ତିତ ହୋଇଅଛି। ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ଅନୁସାରେ ପୂଜାକାଳ ନିରୂପିତ ହୋଇ ଆସୁଥିବାବେଳେ ବିରଜା ମଣ୍ଡଳରେ ଶତାନନ୍ଦଙ୍କର ଭାସ୍ୱତୀ ଅଦ୍ୟାବଧି ଅନୁସୃତ ହୋଇ ଆସୁଅଛି। ତେଣୁ ଓଡ଼ିଶାର ପଞ୍ଜାଙ୍ଗ ଉପରେ ଉଭୟ ଶ୍ରୀଜଗନ୍ନାଥ ଏବଂ ବିରଜାଙ୍କୁ କେନ୍ଦ୍ରକରି ପ୍ରଭାବ ପଡ଼ିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଅତି ବ୍ୟାପକ ଏବଂ ଗଭୀର।

ପ୍ରତ୍ୟେକ ଚାନ୍ଦ୍ରମାସରେ ଦୁଇଟି ପକ୍ଷ ଥାଏ। ଯଥା - କୃଷ୍ଣ ପକ୍ଷ ଓ ଶୁକ୍ଳପକ୍ଷ। ତେବେ ମାସର କେଉଁ ପକ୍ଷଟି ପ୍ରଥମ ଏବଂ କେଉଁ ପକ୍ଷଟି ଦ୍ୱିତୀୟ, ସେ ସଂପର୍କରେ ଐକମତ୍ୟ ନାହିଁ। ସମଗ୍ର ଦକ୍ଷିଣ ଭାରତ ଏବଂ ଅନ୍ୟତ୍ର ଅମାବାସ୍ୟା ଦିନ ଚନ୍ଦ୍ରମାସ ସମାପ୍ତ ହେଉଥିବାରୁ ଶକ୍ଳପକ୍ଷଟି ମାସର ପ୍ରଥମ ପକ୍ଷଭାବେ ଗୃହୀତ ହୋଇଥାଏ। କିନ୍ତୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ପାଇଁ ଏହି କ୍ରମ ଅନୁସୃତ ହୋଇନଥାଏ। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ନିମନ୍ତେ ଚାନ୍ଦ୍ରମାସର ଶେଷ ଦିନଟି ହେଉଛି ପୂର୍ଣ୍ଣିମା। ସୁତରାଂ ପୂର୍ଣ୍ଣିମାନ୍ତ ମାସ ହିଁ ଜଗନ୍ନାଥଙ୍କ ପାଇଁ ଉଦ୍ଦିଷ୍ଟ। ଏହି ବିଧାନକୁ ଅନୁସରଣ କରି ସାରା ଓଡ଼ିଶାର ପଞ୍ଜାଙ୍ଗରେ ପ୍ରଥମ ପକ୍ଷଟି କୃଷ୍ଣପକ୍ଷ ଏବଂ ଦ୍ୱିତୀୟ ପକ୍ଷଟି ଶୁକ୍ଳ ପକ୍ଷ ଭାବରେ ଗୃହୀତ ହୋଇଥାଏ।

ସାଧାରଣତଃ ଆଷାଢ଼ କୃଷ୍ଣପକ୍ଷରେ ଶ୍ରୀଜଗନ୍ନାଥଙ୍କ ଅନବସର ଅନୁଷ୍ଠିତ ହୁଏ। ଯେଉଁ ବର୍ଷ ଆଷାଢ଼ ଚାନ୍ଦ୍ରମାସ ଅଧିକ (ମଳ) ହୁଏ, ସେ ବର୍ଷ ନବକଳେବର ଅନୁଷ୍ଠିତ ହୁଏ। ଏ ବର୍ଷ ଅନବସର ନିମନ୍ତେ ତିନୋଟି ପକ୍ଷ ଅର୍ଥାତ୍ ୪୫ ଦିନ ଏକାଦିକ୍ରମେ ଆବଶ୍ୟକ। ଏହି ୪୫ ଦିନ ମଧ୍ୟରୁ ପ୍ରଥମ ପନ୍ଦର ଦିନ ଶୁଦ୍ଧ କୃଷ୍ଣପକ୍ଷ ସବୁ ବର୍ଷ ପରି ସାଧାରଣ ଅନବସର ଏବଂ ପରବର୍ତ୍ତୀ ୩୦ ଦିନ ମଳ ମାସ ନବକଳେବର ପାଇଁ ଉଦ୍ଦିଷ୍ଟ। ମହାବିଷୁବ ସଂକ୍ରାନ୍ତି ଠାରୁ ଓଡ଼ିଶାରେ ପଞ୍ଜାଙ୍ଗର ଆରମ୍ଭ ହେଉଥିଲେ ମଧ୍ୟ ଫାଲଗୁନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରାରେ ଦୋଳପୂର୍ଣ୍ଣିମା ଦିନ ଶ୍ରୀଜୀଉଙ୍କ ନିକଟରେ ଆଗାମୀ ବର୍ଷର କାଳାନୁପାତି ଫଳାଫଳ ପାଠ କରାଯାଏ। ଶ୍ରୀଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରଦେବତା ହୋଇଥିବାରୁ ରାଷ୍ଟ୍ରମୁଖ୍ୟଙ୍କ ନିକଟରେ ରାଜଜ୍ୟୋତିଷୀ କାଳଗଣନା କରି ତାହାର ଭବିଷ୍ୟତ ଫଳ ଶୁଣାଇଥାଆନ୍ତି ପୂର୍ବ ବର୍ଷର ଶେଷ ଦିନରେ। ଏହି ପରିପ୍ରେକ୍ଷୀରେ ଫାଲଗୁନ ପୂର୍ଣ୍ଣିମା ବର୍ଷର ଶେଷ ଦିନ। ତା ପରେ ଦିନ ଚୈତ୍ରମାସ ଆରମ୍ଭ ହେଉଥିବାରୁ ଏହା ପରବର୍ତ୍ତୀ ବର୍ଷର ଦିନ। ଏହି ପରାମ୍ପରାକୁ ଅନୁସରଣ କରି ଓଡ଼ିଶାରେ ସର୍ବତ୍ର ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କୁ ଦୋଳାରେ ବସାଇ ପଞ୍ଜିକା ପାଠ ଓ ଶ୍ରବଣ କରାଯାଏ। ଶ୍ରୀଜଗନ୍ନାଥଙ୍କର ଏହି ଉତ୍ସବ ଏବଂ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ଓଡ଼ିଶାର ପଞ୍ଜାଙ୍ଗରେ ଏ ବିଷୟରେ ସ୍ୱତନ୍ତ୍ର ଉଲ୍ଲେଖ ଥାଏ।

ଉପର୍ଯ୍ୟୁକ୍ତ ଦୃଷ୍ଟାନ୍ତ ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଓ ପ୍ରଣୀତ ପଞ୍ଜାଙ୍ଗମାନଙ୍କ ଅପେକ୍ଷା ଓଡ଼ିଶାର ପଞ୍ଜାଙ୍ଗରେ କେତେକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ। ବୈଦିକ, ପୌରାଣିକ ଓ ଆଗମିକ ବ୍ୟବସ୍ଥା ଅନୁସାରେ ପଞ୍ଜାଙ୍ଗରେ ନାନା କାର୍ଯ୍ୟକ୍ରମ ପାଇଁ ନାନା ସମୟ ନିର୍ଦ୍ଧାରିତ ହେଉଥିଲେ ହେଁ ଏହାର ସର୍ବଭାରତୀୟ ସ୍ୱୀକୃତି ଅଛି କିନ୍ତୁ ଓଡ଼ିଶାରେ ଯେଉଁ ସ୍ୱାତନ୍ତ୍ର ଅଛି, ତାହା କେବଳ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଯୋଗୁଁ ସମ୍ଭବ ହୋଇପାରିଛି। ଶ୍ରୀମନ୍ଦିରର ସର୍ବବିଧ ପୂଜା ଓ ପର୍ବପର୍ବାଣୀ ନିମନ୍ତେ ସୂର୍ଯ୍ୟୋଦୟକାଳୀନ ତିଥିକୁ ଗ୍ରହଣ କରାଯାଉଥିବାରୁ ଶ୍ରୀଜଗନ୍ନାଥଙ୍କର ସେବାପୂଜା ଓ ପର୍ବପର୍ବାଣୀ ନିମନ୍ତେ କର୍ମକାଳ ଠିକଣା କରିବାରେ କୌଣସି ଅସୁବିଧା ହୁଏ ନାହିଁ, ଯାହାକି ଅନ୍ୟ ଅଞ୍ଚଳରେ ନଥିବାରୁ ଘୋର ଅସୁବିଧା ସମ୍ମୁଖୀନ ହେବା ଅବସ୍ଥା ପରିଲକ୍ଷିତ ହୋଇଥାଏ। ସୁତରାଂ ଓଡ଼ିଶାର ପଞ୍ଜାଙ୍ଗରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବକୁ ଆଧାର କରି ଏଥିରେ ଦେଖାଦେଇଥିବା ପାର୍ଥକ୍ୟ, ବୈଷମ୍ୟ ଓ ସାର୍ବଜନୀନତାର ମୂଳତତ୍ତ୍ୱ ଖୋଜି ବାହାର କରିବା ପାଇଁ ଗବେଷଣା ହେଲେ ଜଗନ୍ନାଥ କୈନ୍ଦ୍ରିକ ଉତ୍କଳୀୟ ସଂସ୍କୃତିର ଯୁକ୍ତିଯୁକ୍ତତା ପ୍ରତିଷ୍ଠିତ ହୋଇପାରିବ।

+ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ
ମୋ: ୯୪୩୭୦୩୧୨୫୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ହାଥ୍ରସ ସତ୍ସଙ୍ଗ ସଭା

ତୀର୍ଥ ପର୍ଯ୍ୟଟନସ୍ଥଳ, ଧାର୍ମିକ ସମାବେଶ ଓ ସତ୍ସଙ୍ଗ ଆଦି କାର୍ଯ୍ୟରେ ଦୁର୍ଘଟଣା ଜନିତ ଗଣଅପମୃତ୍ୟୁ ନୂଆ କଥା ନୁହେଁ। ସବୁ ଧର୍ମ, ମତ ଓ ପନ୍ଥରେ ଭାରତ ସମେତ ସମଗ୍ର ବିଶ୍ୱରେ ମଝିରେ ମଝିରେ ଏଭଳି ଘଟଣା ଘଟିଥାଏ। ପରିତାପର ବିଷୟ ହେଲା ମଣିଷ, ଆୟୋଜକ, କର୍ତ୍ତୃପକ୍ଷ ଏଥିରୁ କିଛି ଶିଖନ୍ତି ନାହିଁ। ଯଦି ଏଥିପ୍ରତି କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ପକ୍ଷ ଉପଯୁକ୍ତ ଧ୍ୟାନ ଦେଉଥା'ନ୍ତେ, ତା'ହେଲେ ଉତ୍ତରପ୍ରଦେଶର ହାଥ୍ରସ ଜିଲ୍ଲାରେ ମଙ୍ଗଳବାର ଏଭଳି ଏକ ଦୁଃଖଦ ଘଟଣାର ପୁନରାବୃତ୍ତି ହୋଇନଥା'ନ୍ତା। ସରକାରୀ ସୂଚନା ଅନୁସାରେ ଜଣେ ଆତ୍ମଘୋଷିତ ଆଧୁନିକ ସାଧୁ ଓ ଧାର୍ମିକ ପ୍ରଚାରକ ବିଶ୍ୱହରି ଭୋଲେ ବାବାଙ୍କ ପ୍ରବଚନ ଶୁଣିବା ପାଇଁ ଏକ ଛୋଟ ଗାଁରେ ସତ୍ସଙ୍ଗ ଆୟୋଜିତ ହୋଇଥିଲା। ମୌଳିକ ସୁବିଧା ସୁଯୋଗ ନଥିବା ଏହି ଗାଁରେ ଏକ ଲକ୍ଷ ଭକ୍ତଙ୍କ ବସିବା ପାଇଁ ଯେଉଁ ତମ୍ବୁ ପ୍ରସ୍ତୁତ ହୋଇଥିଲା, ତାହାର ପ୍ରବେଶ / ପ୍ରସ୍ଥାନ ଦ୍ୱାର ସଂକୀର୍ଣ୍ଣ ଥିଲା। ତମ୍ବୁ ଚତୁଃପାର୍ଶ୍ୱରେ ନାଳ ରହିଥିବା ବେଳେ ଗାଡ଼ିମୋଟର ସବୁ ଥୁଆ ହୋଇଥିବାରୁ ସେଥିରୁ ସହଜରେ ବାହାରିବାର ବ୍ୟବସ୍ଥା ନଥିଲା। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ କିଛି ଲୋକ ପ୍ରବଚନ ପରେ ତୁରନ୍ତ ବାହାରକୁ ଆସିବା ବେଳେ ପ୍ରସ୍ଥାନ ଦ୍ୱାର ପାଖରେ ଦଳାଚକଟା ହୋଇଥିଲା। ଏଥିରେ ପ୍ରାୟ ୧୨୦ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ। ଏହାଛଡ଼ା ପ୍ରାୟ ୫୦୦ ଗୁରୁତର ହୋଇଛନ୍ତି। ଆଖପାଖରେ ଏତେ ଆହତଙ୍କୁ ଆଶୁ ଚିକିତ୍ସା କରିବାର ସୁବିଧା ନଥିବାରୁ ଅନେକ ପ୍ରାଣ ଅକାଳରେ ଚାଲିଯାଇଛି। ଏଭଳି ସ୍ଥିତିରେ ଦୁର୍ଘଟଣା କାରଣ ହଠାତ୍ ଜାଣିବା କଷ୍ଟ ହୋଇଥାଏ। ବିଭିନ୍ନ ଲୋକ ନାନା କଥା କହନ୍ତି। କ'ଣ ସତ, କ'ଣ ମିଛ, ତାହା କହିବା ସହଜ ନୁହେଁ। କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ପ୍ରବଚନ ପରେ ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ସତ୍ସଙ୍ଗୀମାନେ ବାହାରକୁ ବାହାରୁଥିବା ବେଳେ ଆଉ କିଛି ବିପରୀତ ଦିଗରେ ଧସେଇ ପଶି ବାବା ବସିଥିବା ସ୍ଥାନରୁ ତଥାକଥିତ ପବିତ୍ର ମାଟି (ଧୂଳି) ସଂଗ୍ରହ କରିବାକୁ ଉଦ୍ୟମ କରିବାରୁ ଦଳାଚକଟା ହୋଇଥିଲା। ଜିଲ୍ଲା ପ୍ରଶାସନର ସଫେଇ ହେଲା ଯେ ଏହି ସତ୍ସଙ୍ଗ ପାଇଁ ଆୟୋଜକଙ୍କୁ ଅସ୍ଥାୟୀ ଅନୁମତି ମିଳିଥିଲା। ସେମାନେ ଆବଶ୍ୟକ ବ୍ୟବସ୍ଥା ନକରି ଏହାର ଆୟୋଜନ କରିଥିଲେ। ଆୟୋଜକଙ୍କ କହିବା କଥା ହେଲା ଯେ ପୁଲିସ୍ ଓ ପ୍ରଶାସନର ସୁରକ୍ଷା ତ୍ରୁଟି ଯୋଗୁଁ ଏହି ଘଟଣା ଘଟିଲା। ଦୁର୍ଘଟଣା ସର୍ବଦା ଦୁର୍ଘଟଣା ଏବଂ ଏହାର କାରଣ ତଦନ୍ତରୁ ଜଣାପଡ଼ିବ। ଆମକୁ କିନ୍ତୁ ଜଳ ଜଳ ଦେଖାଯାଉଛି ଯେ ମୌଳିକ ସୁବିଧା ସୁଯୋଗ ନଥିବା ଏକ ଅଗମ୍ୟ ସ୍ଥାନରେ ଏତେ ବଡ଼ ସତ୍ସଙ୍ଗ ପାଇଁ ଅନୁମତି ଦେବାରେ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ଅବହେଳା ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ସତ୍ସଙ୍ଗ, ଧାର୍ମିକ ସମ୍ମିଳନୀ ଓ ଆୟୋଜନରେ ସମ୍ପୃକ୍ତ ସଂଗଠନ ବା ପନ୍ଥର ନୀତି ନିୟମ ଅନୁସାରେ କାର୍ଯ୍ୟ ହୋଇଥାଏ, ଯାହା ସରକାରୀ ନିରାପତ୍ତାମାନର ବିରୋଧାଚରଣ କରେ। ଅତିଶୟ ଦହନଶୀଳ ପଦାର୍ଥରେ ଶିବିର ନିର୍ମାଣ କରିବା, ପର୍ଣ୍ଣକୁଟୀରରେ ତୃଣ ଶଯ୍ୟାରେ ଶୋଇବା, ନିରାପତ୍ତା ବ୍ୟବସ୍ଥାକୁ ଆରାଧ୍ୟଙ୍କ ଉପରେ ଛାଡ଼ିଦେବା ଆଦି ମାନସିକତା ନିଶ୍ଚୟ ବିପଜ୍ଜନକ। ୧୯୮୭ ଫେବ୍ରୁଆରୀ ୨୩ରେ ଆମ ବାରିପଦାର ମଧୁବନ ପଡ଼ିଆରେ ଆୟୋଜିତ ନିଗମାନନ୍ଦ ଭକ୍ତ ସମ୍ମିଳନୀରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ କଥା ଲୋକେ ଏବେ ବି ଭୁଲି ନାହାନ୍ତି। ଏଥିରେ ପ୍ରାୟ ୩୦ ପିଲା, ୧୦ ମହିଳାଙ୍କ ସମେତ ୨୧୫ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଭାରତରେ ଏଭଳି ଦଳାଚକଟା ଓ ଅଗ୍ନିକାଣ୍ଡ ଜନିତ ମୃତ୍ୟୁ ହାର ଅଧିକ ହେବା ପଛରେ ରହିଛି ସତର୍କତାର ଅଭାବ ଓ ଅତିଶୟ ଧର୍ମପ୍ରବଣତା। ୨୦୦୫ ଜାନୁୟାରୀରେ ମହାରାଷ୍ଟ୍ରର ମନ୍ଧରଦେବୀ ମନ୍ଦିର ପାଖରେ ଦଳାଚକଟାରେ ୨୬୫ ଭକ୍ତ ପ୍ରାଣ ହରାଇଥିଲେ। ସେହିଭଳି ୨୦୦୮ରେ ହିମାଚଳର ନୈନା ଦେବୀ ମନ୍ଦିର ଓ ରାଜସ୍ଥାନର ଯୋଧପୁରସ୍ଥିତ ଚାମୁଣ୍ଡାଦେବୀ ମନ୍ଦିରରେ ଗୁଜବରୁ ଦଳାଚକଟା ଘଟି ଉଭୟ ଘଟଣାରେ ଶତାଧିକ ଭକ୍ତଙ୍କ ଜୀବନ ଯାଇଥିଲା। ୨୦୧୩ରେ ରତନଗଡ଼ ମନ୍ଦିର ଓ ୨୦୨୩ରେ ଇନ୍ଦୋରର ଏକ ମନ୍ଦିରରେ ଏଭଳି ଦୁର୍ଘଟଣା ଘଟି ଅନେକ ଶ୍ରଦ୍ଧାଳୁ ପ୍ରାଣ ହରାଇଥିଲେ। ଧର୍ମସ୍ଥଳ ଓ ଧାର୍ମିକ ସମାବେଶରେ ଦଳାଚକଟା ଓ ଦୁର୍ଘଟଣାର କେତେକ ନିର୍ଦ୍ଦିଷ୍ଟ କାରଣ ରହିଛି। ସେଥିରେ ରହିଛି ସ୍ଥାନର ସ୍ଥିତି ଓ ଆତଯାତ ସୁବିଧାର ଅଭାବ, ସଂକୀର୍ଣ୍ଣ ପଥ ଓ ପରିସର, ଗୁଜବରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭୟ ଜନିତ ଠେଲାପେଲା ଓ ଦଳାଚକଟା, ଅଗ୍ନିକାଣ୍ଡ ଏବଂ ସୁରକ୍ଷା ବ୍ୟବସ୍ଥା ତଥା ଭିଡ଼ ନିୟନ୍ତ୍ରଣରେ ତ୍ରୁଟି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସରକାର, କର୍ତ୍ତୃପକ୍ଷ, ଆୟୋଜକ ଓ ଭକ୍ତ ଏଥିପ୍ରତି ସତର୍କ ନ ହେବା ମଣିଷର ସାମୂହିକ ବିବେକକୁ ଦୋହଲାଇ ଦେଉଛି। ଏଭଳି କାର୍ଯ୍ୟକ୍ରମରେ ପରିଚାଳନା ପାଇଁ ମାନବ ନୀତି (ଏସ୍ଓପି) ଓ ନିୟମ ରହିଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରମାନେ ତାହାକୁ କଡ଼ାକଡ଼ି ଭାବେ ପାଳନ ନ କରିବା ଅର୍ଥ ଏଥିରେ କିଛି ରହସ୍ୟ ରହୁଛି। ପ୍ରଥମେ ମଣିଷ ଜୀବନ ତା'ପରେ ଧର୍ମ। ଧର୍ମ ଓ ପ୍ରବଚନ ଆଳରେ ମଣିଷ ଜୀବନକୁ ତୁଚ୍ଛ କରିଦେବା ମାନବ ଧର୍ମ କିମ୍ବା ରାଜଧର୍ମ ନୁହେଁ। ଆଶା କରିବା ସରକାର ଏହାକୁ ଆଉ ହାଲକା ଭାବେ ନ ନେଇ କଠୋର ସୁରକ୍ଷା ନୀତି କାର୍ଯ୍ୟକାରୀ କରିବେ। ପ୍ରତ୍ୟେକ ଭକ୍ତ ମଧ୍ୟ ନିଜ ସୁରକ୍ଷାକୁ ପ୍ରଥମେ ଅଗ୍ରାଧିକାର ଦେବା ଆବଶ୍ୟକ। ସର୍ବୋପରି ବାବା/ମାତାମାନଙ୍କର ଦେଶ ଭାରତରେ ଏହି ମାନବରୂପୀ ଆତ୍ମଘୋଷିତ ଈଶ୍ୱରମାନଙ୍କୁ ସେମାନଙ୍କ ଅନୁଗାମୀ ଓ ଭକ୍ତଙ୍କ ନିରାପତ୍ତା ପାଇଁ ଦାୟୀ କରିବାର ବୈଧାନିକ ବ୍ୟବସ୍ଥା କରାଯାଉ।

## ଏକ ନୂତନ ଯୁଗର ଅୟମାରମ୍ଭ



### ବିଷ୍ଣୁ ପ୍ରସାଦ ଦାସ

ଆଧୁନିକ ଜ୍ଞାନ କୌଶଳ ଦ୍ୱାରା ପୃଥିବୀ ଆଜି ଖୁବ ଛୋଟ ହୋଇ ଯାଇଛି, ଏକ ସେକେଣ୍ଡ ମଧ୍ୟରେ ଆମେ ପୃଥିବୀର ଏକ କୋଣରୁ ଅନ୍ୟ ଏକ କୋଣ ସହିତ ଯୋଗାଯୋଗ ରକ୍ଷା କରି ପାରୁଛୁ ନିଜର କାର୍ଯ୍ୟ କରି ପାରୁଛୁ ତଥା ବନ୍ଧୁ ପରିଜନ ମାନଙ୍କ ସହିତ ଭିଡିଓ ମାଧ୍ୟମରେ ଦେଖା ସାକ୍ଷାତ କରି ପାରୁଛୁ । ଅତ୍ୟାଧୁନିକ ବିମାନ ସେବା ଆମକୁ ୨୪ ଘଣ୍ଟା ମଧ୍ୟରେ ପୃଥିବୀର ଯେ କୌଣସି କୋଣରେ ପହଞ୍ଚାଇବାକୁ ସକ୍ଷମ, ମାଲ ପରିବହନ କ୍ଷେତ୍ରରେ ସାମୁଦ୍ରିକ ପଥ, ସଡକ ପଥ, ରେଳ ପଥ ଦ୍ୱାରା ତରଳ ତଥା କଠିନ ଦ୍ରବ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପରିବହନ ହୋଇ ପାରୁଛି । ତେବେ ଅନ୍ତର୍ଜାତୀୟ ପରିବହନ କ୍ଷେତ୍ରରେ ବର୍ତ୍ତମାନ ଅନେକ ଅସୁବିଧା ଦେଖା ଦେଇଛି ଯାହା ଦ୍ୱାରାକି ଅନେକ ଦେଶ ସମୁଦ୍ର ପଥରେ ସବୁଠାରୁ ଛୋଟ ମାର୍ଗରେ ନ ଆସି ଦୀର୍ଘତମ ପଥକୁ ଆପଣାଉଛନ୍ତି, ଏହାର କାରଣ ଜଳ ଜାହାଜ ଉପରେ ବିଭିନ୍ନ ଦେଶର ଆକ୍ରମଣ, ଜଳ ଦସ୍ୟୁ ମାନଙ୍କ ଭୟ, ସୁଏଜ୍ କେନାଲ୍ , ପାନାମା କେନାଲ୍ ଠାରେ ଟ୍ରାଫିକ ଯାମ୍ ଇତ୍ୟାଦି କୁ ଦୃଷ୍ଟିରେ ରଖି ଅନେକ ଦେଶ ବିକଳ୍ପ ପଥର ସନ୍ଧାନରେ ଅଛନ୍ତି । ପୃଥିବୀର ବିକଶିତ ତଥା ଧନଶୀଳ ରାଷ୍ଟ୍ର ମାନଙ୍କୁ ଚକିତ କରି ଭାରତ ଉତ୍ତର ଦକ୍ଷିଣ କରିଡୋର ଖୋଲି ଦେଇଛି ଫଳରେ ଭାରତ ୟୁରୋପ ସହିତ ସୁଏଜ୍ କେନାଲ, ଲୋହିତ ସାଗରକୁ ବାଦ୍ ଦେଇ ନିଜର ବାଣିଜ୍ୟ କାରବାର କରିବାରେ ସକ୍ଷମ ହୋଇଛି । ଭାରତ ସହିତ କିଛି ପଶ୍ଚିମ ଏସୀୟ ଦେଶ ତଥା ୟୁରୋପ ଏବେ ସିଧା ସଳଖ ଯୋଡି ହୋଇ ଯାଇଛନ୍ତି, ଚାଲନ୍ତୁ ଏହି ବିଷୟରେ ସୀମିତ ଜ୍ଞାନରୁ ଏହାର ଇତିହାସ ଉପରେ କିଛି ଆଲୋଚନା କରିବା ।

୨୦୦୨ ମସିହାରୁ ଆରମ୍ଭ ହୋଇ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ହୋଇ ପାରି ନଥିଲା , ଏହାର ପ୍ରମୁଖ କାରଣ ହେଲା ଇରାନ୍ ଏବଂ ଋଷିଆ ବର୍ତ୍ତମାନ୍ ସୁଦ୍ଧା ପଶ୍ଚିମ ଦେଶ ଗୁଡ଼ିକର ବାଣିଜ୍ୟିକ ମଞ୍ଜୁରୀ ଅପେକ୍ଷାରେ ରହିଅଛି। ଋଷିଆ ତା'ର ଖଣିଜ ଏବଂ ତୈଳ ବିକ୍ରି ପାଇଁ ଚୀନ୍ ଉପରେ ନିର୍ଭର କରୁଛି, ଆଇ ଏନ୍:ଏସ: ଟି:ସି ( ଇଣ୍ଟରନ୍ୟାଶନାଲ୍ ନର୍ଥ ସାଉଥ୍ ଟ୍ରାନ୍ସପୋର୍ଟ କରିଡୋର ) କାର୍ଯ୍ୟକାରୀ ହେଲେ ରୁଷିଆ ଦେଶରୁ ଅଜାର୍ ବାଇଜାନ୍ ଦେଇ ସିଧା ସଳଖ ଏସୀୟ ଦେଶ ଗୁଡ଼ିକ ପାଇଁ ବାଟ ଖୋଲି ଯିବ ଏବଂ ଏଥିରୁ ସେମାନେ ଅନେକ ଲାଭ ପାଇବେ । ୨୦୧୫ ମସିହାରେ ଇରାନ୍ ଏବଂ ପଶ୍ଚିମ ଦେଶ ସମୂହ ଭିତର ଆଣବିକ ଚୁକ୍ତି ହେବା ପରେ ଏହି ଆଇ: ଏନ୍: ଏସ: ଟି :ସି କାର୍ଯ୍ୟକାରୀ ହେବାର ଏକ ନୂତନ ଆଶା ଜାଗ୍ରତ ହୋଇ ଥଲା, କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଟ୍ରମ୍ପ ପ୍ରଶାସନ ୨୦୧୮ ମସିହାରେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଲେ । ୟୁକ୍ରେନ୍ ଋଷିଆ ଯୁଦ୍ଧ ବର୍ତ୍ତମାନ ଋଷିଆର ଅର୍ଥନୀତିକୁ ଦୁର୍ବଳ କରି ଦେଇଛି, ରୁଷିଆ ନିଜର କୂଟନୀତି ପ୍ରୟୋଗ କରି ଅନେକ ଦେଶକୁ ଅଶୋଧିତ ତୈଳ କିଛି ଶସ୍ତା ଦରରେ ରପ୍ତାନୀ କରୁଛି । ଋଷିଆ ର ସେଣ୍ଟ ପୀଟର୍ସ ବର୍ଗ ଠାରୁ ଏସିଆ ମହାଦେଶର ଦକ୍ଷିଣ ରେ ଅବସ୍ଥିତ ସବୁ ଦେଶକୁ ଏହି କରିଡ଼ର ଦ୍ୱାରା ସଂଯୋଗ କରା ଯାଇ ପାରନ୍ତା, କିନ୍ତୁ ପୃଥିବୀରେ ଏପରି କ୍ଷମତାସୀନ ଦେଶ ଅଛନ୍ତି ଯେଉଁମାନେ ଅନ୍ୟ ଦେଶର ଉନ୍ନତି ସହ୍ୟ କରିପାରନ୍ତି ନାହିଁ । ନୂତନ କରିଡ଼ର ଖୋଲିଲେ ଚୀନ୍, ପାକିସ୍ତାନ, ଇଜିପ୍ଟ, ପ୍ରଭାବିତ ହେବେ, ସୁଏଜ୍ କେନାଲ ର ଏକ ଚାଟିଆ ଆୟ କମିଯିବ, ପାକିସ୍ତାନ-ଚୀନ୍ କରିଡ଼ର ର ଏତେ ଚାହିଦା ରହିବ ନାହିଁ। ରୁଷିଆ ଆଉ ଚୀନ୍ ଉପରେ ନିର୍ଭର କରିବ ନାହିଁ, କିଛି ଲ୍ୟାଣ୍ଡ ଲକ୍ ( ଯେଉଁ ଦେଶକୁ ଚାରିପଟୁ ଅନ୍ୟ ଦେଶ ମାନେ ଘେରି ରହିଛନ୍ତି ) ଦେଶ ଏହି କରିଡ଼ର ଦ୍ୱାରା ନିଜର ଆମଦାନୀ ରପ୍ତାନୀ ସ୍ୱଳ୍ପ ମୂଲ୍ୟରେ କରି ପାରିବେ। ଏହି ସବୁ ବିଷୟ ଗୁଡ଼ିକୁ ଧ୍ୟାନ ରେ ରଖି କୁଚକ୍ରୀ ଦେଶ ମାନେ ଭାରତର ଏହି ଐତିହାସିକ ପଦକ୍ଷେପ କୁ ନାନା ଉପାୟରେ ବିରୋଧ କରୁଛନ୍ତି । ବର୍ତ୍ତମାନ୍ ଭାରତର ଭୂମିକା ବିଶ୍ୱବାସୀ ଙ୍କୁ ଆକର୍ଷିତ କରୁଛି, ଭାରତ ସରକାର ନିଜର କୂଟନୀତି ପ୍ରୟୋଗ କରି ଯୁକ୍ତରାଷ୍ଟ୍ର ଆମେରିକାର ସରକାର ତଥା ୟୁରୋପୀୟ ଦେଶ ସମୂହ କୁ ନିଜ ବିଶ୍ୱାସକୁ ଆଣି ଏହି କରିଡ଼ର କାର୍ଯ୍ୟକାରୀ କରି ପାରିଛି । କିଛି ଆରବ୍ ଦେଶ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦ୍ୱାରା ତାଙ୍କର ମନମୁଖୀ ତୈଳ ଦର କମି ଯିବାର ଆଶଙ୍କା କୁ ନେଇ ପରୋକ୍ଷରେ ବିରୋଧ କରୁଛନ୍ତି ।

ସୁଏଜ୍ କେନାଲ କୁ ପ୍ରାୟ ୧୫୫ ବର୍ଷ ହୋଇ ଗଲାଣି, ସୁଏଜ୍ କେନାଲ ଭୂମଧ୍ୟ ସାଗର ସହିତ ଲୋହିତ ସାଗରକୁ ସଂଯୋଗ କରୁଥିବା ଏକ କେନାଲ, ଏହାର ଲମ୍ବ ୧୯୩.୩ କିଲୋମିଟର। ଇଜିପ୍ଟ ଦେଶ ମଧ୍ୟରେ ଏହି କେନାଲ ନିର୍ମିତ ହୋଇଛି, ଇଜିପ୍ଟ ସରକାର୍ ଏହି କେନାଲ ପଥରେ ଯାତ୍ରା କରୁଥିବା ପ୍ରତ୍ୟେକ ପଣ୍ୟ ବୋଝେଇ ଜାହାଜ ପାଇଁ ୭୦,୦୦୦ (ସତୁରୀ ହଜାର) ଆମେରିକୀୟ ଡ଼ଲାର କର ବାବଦକୁ ନିଅନ୍ତି, ଏହି କେନାଲ ଟିକୁ ଅତିକ୍ରମ କରିବାକୁ ଜାହଜ ଗୁଡିକୁ ପ୍ରାୟ ଷୋହଳ ଘଣ୍ଟା ସମୟ ଲାଗି ଥାଏ । ଇଜିପ୍ଟ ଦେଶର ସରକାରଙ୍କ ସହିତ ଭାରତର ସମ୍ପର୍କ ଭଲ ଥିଲେ ମଧ୍ୟ ଇଜିପ୍ଟ ଅନେକ କ୍ଷେତ୍ରରେ ଭାରତକୁ ବିରୋଧ କରିବା ସହିତ ପାକିସ୍ତାନ କୁ ସହଯୋଗ କରୁଛି । ଭବିଷ୍ୟତ କୁ ନଜରରେ ରଖି ଭାରତ କିଛି ଦେଶ ସହିତ ଆଲୋଚନା କରି ସୁଏଜ୍ କେନାଲ ର ବିକଳ୍ପ ବାହାର କରିଛି । ସୁଏଜ୍ କେନାଲ ବନ୍ଦ୍ ହୋଇଗଲେ ଏସିଆ ମହାଦେଶ ୟୁରୋପ ଏବଂ ଆମେରିକା ମହା ଦେଶ କୁ ସଂଯୋଗ କରିବାକୁ ଆଫ୍ରିକା ମହାଦେଶ ର କେପ୍ ଟାଉନ ତଳ ଦେଇ ବୁଲି ଆସିବାକୁ ହେବ ଫଳରେ ସମୟର ଅପଚୟ ସହିତ ପ୍ରାୟ ସାତ ହଜାର କିଲୋମିଟର ଅଧିକ ପଥ ଅତିକ୍ରାନ୍ତ କରିବାକୁ ପଡ଼ିବ, ଏହାଦ୍ୱାରା ଆମଦାନୀ ରପ୍ତାନୀ ହେଉଥିବା ପଣ୍ୟ ର ଦର ନିଶ୍ଚିତ ବୃଦ୍ଧି ପାଇବ । ଭରତ ଦ୍ୱାରା 'ଇଣ୍ଟର ନ୍ୟାସନାଲ ନର୍ଥ ସାଉଥ୍ ଟ୍ରାନ୍ସପୋର୍ଟ କରିଡ଼ର ' ପ୍ରକଳ୍ପ ରୂପରେଖ ର ଆରମ୍ଭ କରା ହୋଇଥଲା । ଏଥିରେ ପ୍ରଥମେ ୨୦୦୨ ମସିହାରେ ଋଷିଆ ଏବଂ ଇରାନ ସହଯୋଗର ହାତ ବଢ଼ାଇ ଥିଲେ, ୨୦୦୫ ମସିହାରେ ଅଜାର୍ ବାଇଜାନ୍ ଯୋଗ ଦେଇଥିଲା । ଆଇ ଏନ ଏସ ଟି ସି ଯଦି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହେବ ତେବେ ପ୍ରାୟ ୩୦ ପ୍ରତିଶତ ପରିବହନ ଖର୍ଚ୍ଚ କମ୍ ସହିତ ୪୦ ପ୍ରତିଶତ ସମୟ ବଞ୍ଚିବ । ଏହି ପ୍ରକଳ୍ପ ରୂପରେଖ ହେଲେ ଭାରତର ମୁମ୍ବାଇ ବନ୍ଦରରୁ ଆରବ ସାଗର ଦେଇ ଜାହଜ ଗୁଡିକ ଇରାନ୍‌ର ବନ୍ଦର୍ ଆବାସ୍ ଠାରେ ପହଞ୍ଚି ପାରିବ, ସେଠାରୁ ଇରାନ ମଧ୍ୟ ଦେଇ ସ୍ଥଳ ପଥରେ କାସ୍ପିଆନ୍ ସାଗର କୂଳରେ ଅସ୍ତାରା ବନ୍ଦର ପର୍ଯ୍ୟନ୍ତ ଯାଇ ସେଠାରୁ ଜଳ ପଥରେ ଋଷିଆ ର ଆସ୍ତ୍ରାଖାନ୍ ବନ୍ଦର ପର୍ଯ୍ୟନ୍ତ ଯାଇ ସେଠାରୁ ରେଳ ଯୋଗେ ମସ୍କୋ ସହର ପହଞ୍ଚି ଯିବ କିମ୍ବା ଆସ୍ତ୍ରାଖାନ୍ ଠାରୁ ଆଜାର ବାଇଜାନ୍ ଦେଶ ମଧ୍ୟ ଦେଇ ରେଳ ସଂଯୋଗ କରିବାକୁ ହେବ ଯାହାକି ଋଷିଆର ମସ୍କୋ ସହରକୁ ଯୋଡ଼ି ପାରିବ। ଏହା ଦ୍ୱାରା ୟୁରୋପୀୟ ଦେଶ ସମୂହ ପଣ୍ୟ ବାହୀ ଜାହଜ ଚଳା ଚଳ କ୍ଷେତ୍ରରେ ଏତେଟା ସୁଏଜ୍ କେନାଲ ଉପରେ ନିର୍ଭରଶୀଳ ହେବେ ନାହିଁ।

ବର୍ତ୍ତମାନ ବିଶ୍ୱର ଅର୍ଥନୀତି ବାଣିଜ୍ୟ ଉପରେ ଆଧାରିତ ତେଣୁ ବାଣିଜ୍ୟ ପାଇଁ ଅନେକ ଉନ୍ନତ ଦେଶ ପୃଥିବୀକୁ ଜଳ, ସ୍ଥଳ ଏବଂ ଆକାଶ ମାର୍ଗରେ ସଂଯୋଗ କରି ନିଜର ଅର୍ଥନୀତି କୁ ସୁଦୃଢ଼ କରିବାକୁ ଚେଷ୍ଟିତ ଅଛନ୍ତି । କିଛି ରାଷ୍ଟ୍ର ନିଜର ବାହୁବଳ ଦେଖାଇ ଅନ୍ୟ ଦେଶର ବାଣିଜ୍ୟ କୁ ସଙ୍କୁଚିତ କରିବାର ପ୍ରୟାସ ଜାରୀ ରଖିଛନ୍ତି ଏଥି ମଧ୍ୟରୁ ଚୀନ୍ ଅନ୍ୟତମ, କିଛି ସାମୁଦ୍ରିକ ପଥ ଉପରେ ନିଜର ପ୍ରଭୁତ୍ୱ ଜାହିର କରି ଅନ୍ୟ ଦେଶର ବାଣିଜ୍ୟିକ ପୋତ ଗୁଡିକୁ ନିଜର ଗନ୍ତବ୍ୟ ସ୍ଥଳକୁ ଛାଡି ଦେଉ ନାହିଁ, ବର୍ତ୍ତମାନ ଲୋହିତ ସାଗର ହୂତିସ୍ ମାନଙ୍କ ଦୌରାତ୍ମ ଲାଗି ଜାହାଜ ଚଳାଚଳ ପାଇଁ ଅସୁରକ୍ଷିତ ସାବ୍ୟସ୍ତ ହୋଇଛି, ତେବେ ଭାରତ କ'ଣ ହାତ ଯୋଡି ଆତଙ୍କ ଖେଳାଉ ଥିବା ଦେଶ ତଥା ବାହୁବଳୀ ଦେଶ ମାନଙ୍କ ପାଖରେ ଶରଣ ପଶିବ? ନା ଆତଙ୍କ ବାଦୀ ମାନଙ୍କ ଦାବିକୁ ମାନି ନେବ? ଏହାର ବିକଳ୍ପ ଭାବେ ରୁଷିଆ, ଇରାନ ଏବଂ ଭାରତ ଏକତ୍ରିତ ହୋଇ ଏକ ଦୃଢ଼ ପଦକ୍ଷେପ ନେଇ ବିଶ୍ୱକୁ ଚକିତ କରି ଦେଇଛନ୍ତି ଏବଂ ପ୍ରମାଣିତ କରି ଦେଇଛନ୍ତି ଯେ, ଆମେ ନିଜ ଦେଶବାସୀଙ୍କ ସ୍ୱାର୍ଥ ପାଇଁ ତଥା ନିଜ ନିରାପତ୍ତା ପାଇଁ କୌଣସି ଶକ୍ତି ପାଖରେ ମଥା ନତ କରିବୁ ନାହିଁ । ଏହା ଏକ ସମ୍ବେଦନଶୀଳ ଆନ୍ତର୍ଜାତିକ ବିଷୟ, ଆଇ ଏନ୍ ଏସ ଟି ସି ସହିତ ଯୋଡି ହେବାକୁ ଏବେ ଆଠ ଗୋଟି ଦେଶ ନିଜର ସହମତି ଦେଇ ସାରିଲେଣି। ରୁଷିଆର ସେଣ୍ଟ ପୀଟର୍ସ ବର୍ଗ ରୁ ଭାରତର ମୁମ୍ବାଇ ବନ୍ଦର ଏହି କରିଡୋର ଦେଇ ଆସିବାକୁ ୭୨୦୦ କିଲୋମିଟର ପଥ ମଲ୍ଟି ମୋଡ଼ ଟ୍ରାନ୍ସପୋର୍ଟ ସିଷ୍ଟମ ବା ଏକାଧିକ ପରିବହନ ବ୍ୟବସ୍ଥା ଦ୍ୱାରା ପହଞ୍ଚାଇ ହେବ । କେବଳ ଜଳ ପଥରେ ସୁଏଜ୍ କେନାଲ ଦେଇ ଆସିବାକୁ ହେଲେ ପ୍ରାୟ ୪୫ ଦିନ ସମୟ ଲାଗୁଥିବା ସମୟରେ ଏହି ପଥରେ ଆସିଲେ ପ୍ରାୟ ୨୫ ଦିନ ମଧ୍ୟରେ ମାଲ୍ ସେଣ୍ଟ ପୀଟର୍ସ ବର୍ଗ ଠାରୁ ମୁମ୍ବାଇ କିମ୍ବା କାଣ୍ଡଲା ବନ୍ଦରରେ ପହଞ୍ଚି ଯିବ ।

ହଠାତ୍ ପୃଥିବୀର ଉନ୍ନତ ଦେଶ ମାନଙ୍କୁ ଚମକାଇ ଦେଇ ଭାରତ ରୁଷିଆର ସେଣ୍ଟ ପଟର୍ସ ବର୍ଗରୁ ଉତ୍ତମ ମାନର ଦୁଇଟି କୋଇଲା ବୋଝେଇ ରେଳଗାଡ଼ି ଋଷିଆର ରାଜଧାନୀ ମସ୍କୋ ବାଟ ଦେଇ ଦକ୍ଷିଣାଭିମୁଖୀ ହୋଇ ଋଷିଆ ଦେଶ ମଧ୍ୟରେ ଗତିକରି କାସପିଆନ୍ ସମୁଦ୍ର କୂଳରେ ଥିବା ରୁଷିଆର ଅସ୍ତର ଖାନ ବନ୍ଦର ପର୍ଯ୍ୟନ୍ତ ଆସି ସେଠାରୁ ସମୁଦ୍ର ପଥରେ କାସପିଆନ୍ ସମୁଦ୍ର ପାରି ହୋଇ ଇରାନ ଦେଶର ଉତ୍ତର ପଟେ ଥିବା ବନ୍ଦର-ଇ-ଅଞ୍ଜାଲି ରେ ପହଞ୍ଚି ପୁନଶ୍ଚ ଇରାନ୍ ଦେଶର ରେଳ ଯୋଗେ ଇରାନ୍ ଦେଶର ମଧ୍ୟ ଦେଇ ତେହେରାନ୍ ପହଞ୍ଚି ସେଠାରୁ ବାଖ୍ ଦେଇ ବନ୍ଦର ଅବାସ୍ ପର୍ଯ୍ୟନ୍ତ ଆସିବ ଏବଂ ତତ୍ପରେ ଜଳ ଜାହାଜରେ ସେଠାରୁ ଭାରତର ମୁମ୍ବାଇ ପହଞ୍ଚିବ ଏହା ଆମ ପାଇଁ ଗର୍ବର ବିଷୟ ହେବ । ଯଦିଓ ଏହି ପରିବହନ ପାଇଁ ଭାରତ ରୁଷିଆକୁ କୋଇଲା ପ୍ରାପ୍ୟ ସହିତ ସେଣ୍ଟ ପୀଟର୍ସ ବର୍ଗ ଠାରୁ ଅସ୍ତର୍ ଖାନ୍ ବନ୍ଦର ପର୍ଯ୍ୟନ୍ତ ରେଳ ମାହାସୁଲ ଲୋଡିଂ ଅନଲୋଡିଂ ଟ୍ରାନଜିଟ୍ ଖର୍ଚ୍ଚ ତତ୍ପରେ ଅସ୍ତର୍ ଖାନ୍ ଠାରୁ କାସପିଆନ୍ ସମୁଦ୍ରରେ ବନ୍ଦର-ଇ-ଅଞ୍ଜାଲୀ ପଯ୍ୟନ୍ତ ପରିବହନ ଖର୍ଚ୍ଚ ସେଠାରୁ ପୁନଶ୍ଚ ଅନଲୋଡିଂ / ଲୋଡିଂ ଖର୍ଚ୍ଚ ଏବଂ ଇରାନ୍ ଦେଶର ରେଳ ଯୋଗେ ବନ୍ଦର ଆବାସ ପର୍ଯ୍ୟନ୍ତ ଆସିବା ପାଇଁ ଇରାନ୍ ସରକାରଙ୍କୁ ରେଳ ମାହାସୁଲ ତଥା ଟ୍ରାନଜିଟ୍ ମାହାସୁଲ ଦେବାକୁ ହେବ, ତତ୍ପରେ ଜଳ ଜାହାଜ ଯୋଗେ ସିଧା ସଳଖ କୋଇଲା ଆରବ ସାଗର ଦେଇ ମୁମ୍ବାଇ ପହଞ୍ଚି ଯିବ । ଏତେ ଗୁଡିଏ ଖର୍ଚ୍ଚ ତଥା ବିଭିନ୍ନ ସ୍ଥାନରେ ଲୋଡିଂ /ଉଅନଲୋଡିଂ ଗୋଦାମ ଖର୍ଚ୍ଚ ଟ୍ରାନଜିଟ୍ ଖର୍ଚ୍ଚ ଜଳ ଜାହାଜ ମାହାସୁଲ ଦେଇ ମଧ୍ୟ ଭାରତ ଲାଭରେ ରହୁଛି ତଥା ସମୟ ବଞ୍ଚୁଛି । ଏହା ପ୍ରଥମ ଥର ପାଇଁ କାର୍ଯ୍ୟକାରୀ କରି ଭାରତ, ଇରାନ ଏବଂ ରୁଷିଆ ବିଶ୍ୱର ଚକ୍ଷୁ ଖୋଲି ଦେଇଛନ୍ତି, ଏହା କୂଟନୈତିକ ସ୍ତରରେ ଭାରତର ଏକ ବଡ଼ ବିଜୟ କହିଲେ ଅତ୍ୟୁକ୍ତି ହେବନାହିଁ। ଏବେ ଏସିଆ ମହାଦେଶ ସହିତ ୟୁରୋପ ସଂଯୋଗ ହୋଇ ଗଲା ଆଗକୁ ମଧ୍ୟ ଅନ୍ୟ ୧୧ ଟି ଦେଶ ଏହି ପ୍ରକଳ୍ପରେ ଯୋଗ ଦେବେ, ଭାରତ ଉନ୍ନତିର ଶୀର୍ଷରେ ପହଞ୍ଚିବାର ଆଶା ଉଜ୍ଜଳ ହୋଇ ଉଠିଛି, ଏହା କେବଳ କେନ୍ଦ୍ର ସରକାରଙ୍କ ବିଜୟ ନୁହେଁ, ଏହା ସାରା ଭାରତର ୧୪୦ କୋଟି ଜନତାଙ୍କର ବିଜୟ ତଥା ଏକ ନୂତନ ଯୁଗର ଅୟମାରମ୍ଭ ହୋଇଛି ବୋଲି ଧରି ନେବା । ଜୟ ହିନ୍ଦ ।


+ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ:୯୯୩୭୧୭୪୦୯୭


## ମୋକ୍ଷର ବାଟ ବାଇଶି ପାହାଚ



### ସତ୍ୟ ମହାପାତ୍ର

ରତ୍ନ ବେଦୀର ନିର୍ବାଣକର୍ତ୍ତାଙ୍କ ଯାଏ ପହଞ୍ଚିବା ଲାଗି ବାଇଶି ପାହାଚ ଚଢ଼ିବାକୁ ହୁଏ । ଜଗନ୍ନାଥ ମନ୍ଦିରର ବାଇଶି ପାହାଚ ଚଢ଼ିବା ଆଦୌ ଛୋଟ କଥା ହୋଇନପାରେ । କାଳିଆର ଡୋରି ଲାଗିଲେ ଯାଇ ବାଇଶି ପାହାଚ ଚଢ଼ିହେବ । ବାଇଶି ପାହାଚ ଦୁଇଟି ଶବ୍ଦ ହେଲେ ବି ଏହାର ଅର୍ଥ ଖୁବ୍ ଗଭୀର । ସେଇ ଅର୍ଥ ଏତେ ସହଜରେ ବୁଝିହୁଏନା । ପ୍ରତ୍ୟେକ ପାହାଚରେ ଯେମିତି ବିଶ୍ୱ ବ୍ରହ୍ମାଣ୍ଡର ଗୋଟି ଗୋଟି ତତ୍ତ୍ୱ ନିହିତ ରହିଛି । ଭକ୍ତି ସଙ୍ଗୀତରେ ବର୍ଣ୍ଣନା କରାଯାଇଛି, ବାଇଶି ପାହାଚ ଏମିତି ଏକ ସ୍ଥାନ ଯେଉଁଠାରେ ଜଣେ ନିଜକୁ ପୁନର୍ସମୀକ୍ଷା କରିପାରେ ଏବଂ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଭକ୍ତି ଓ ବିଶ୍ୱାସ ଥାପିପାରେ ।

ମୁଖ୍ୟଦ୍ୱାର ଅର୍ଥାତ୍ ସିଂହଦ୍ୱାର ଅତିକ୍ରମ କରିବାପରେ ବାଇଶି ପାହାଚ ପଡ଼େ । ଜଗନ୍ନାଥ ସଂସ୍କୃତିରେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରିଛି । ବିଶ୍ୱାସ ରହିଛି, ଥରେ ବାଇଶି ପାହାଚ ଚଢ଼ିବାପରେ ପାପୀର ସବୁ ପାପ ଧୋଇହୋଇଯାଏ। ଏହି ବାଇଶି ପାହାଚକୁ କୁହାଯାଏ ମୋକ୍ଷପ୍ରାପ୍ତିର ପଥ । ହିନ୍ଦୁଧର୍ମର ସମସ୍ତ ଧାର୍ମିକ କର୍ମ ଏଠାରେ କରାଯାଏ । ଏହିସବୁ ଧାର୍ମିକ କାର୍ଯ୍ୟରେ ଶ୍ରଦ୍ଧାଳୁଙ୍କୁ ସହଯୋଗ ପାଇଁ ବ୍ରାହ୍ମଣମାନେ ଏଠାରେ ବସି ରହିଥାନ୍ତି । ଭକ୍ତମାନେ ଏଠାରେ ବସି କାଉଁରିଆରେ ନିଆଁ ଲଗାଇ ଆକାଶକୁ ଦେଖାଇ ପ୍ରାର୍ଥନା କରନ୍ତି ପୂର୍ବଜଙ୍କ ଆତ୍ମାର ମୋକ୍ଷପ୍ରାପ୍ତି ପାଇଁ । କେବଳ ହିନ୍ଦୁ ନୁହଁନ୍ତି, ଜୈନମାନଙ୍କର ବି ଜଗନ୍ନାଥ ସଂସ୍କୃତିରେ ପ୍ରଗାଢ଼ ବିଶ୍ୱାସ ରହିଛି । ସେମାନଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ସେମାନଙ୍କ ଧର୍ମର ୨୪ଜଣ ତୀର୍ଥଙ୍କରଙ୍କ ମଧ୍ୟରୁ ୨୨ଜଣ ହେଉଛନ୍ତି ଜଗନ୍ନାଥ ମନ୍ଦିରର ବାଇଶି ପାହାଚ । ଅନ୍ୟ ଦୁଇ ତୀର୍ଥଙ୍କର ରହିଛନ୍ତି ରତ୍ନବେଦୀ ଏବଂ ପୁରୁଷୋତ୍ତମ କ୍ଷେତ୍ରର ବଡ଼ଦାଣ୍ଡରେ । ଯେତେବେଳେ ଜଣେ ଜୈନ ଭକ୍ତ ଜଗନ୍ନାଥ ମନ୍ଦିର ଆସନ୍ତି ଏବଂ ବାଇଶି ପାହାଚ ଚଢ଼ନ୍ତି ସେହି ସମୟରେ ସେମାନେ ପ୍ରତ୍ୟେକଟି ପାହାଚକୁ ଅତି ଭକ୍ତିର ସହ ଚଢ଼ି ମୁଣ୍ଡ ଲଗାଇ ପ୍ରଣାମ କରିଥାନ୍ତି । ସମସ୍ତ ଭକ୍ତି ଅର୍ପଣ କରିଥାନ୍ତି ସେମାନଙ୍କ ତୀର୍ଥଙ୍କରଙ୍କ ନିକଟରେ । ବାଇଶି ପାହାଚରେ ପ୍ରତ୍ୟେକ ପାହାଚର ଗୁରୁତ୍ୱ ଭିନ୍ନ ଭିନ୍ନ । ପ୍ରଥମ ପାଞ୍ଚଟି ପାହାଚ ବୁଝାଏ ପଞ୍ଚେନ୍ଦ୍ରିୟ - ଆଖି, କାନ, ନାକ, ପାଟି ଏବଂ ଚର୍ମ । ଦ୍ୱିତୀୟ ପାଞ୍ଚଟି ପାହାଚକୁ କୁହାଯାଏ ପଞ୍ଚପ୍ରାଣ ଅର୍ଥାତ୍ ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ । ଏହି ପାଞ୍ଚଟି ଶକ୍ତି ଯୋଗୁ ଶରୀରରେ ପ୍ରାଣ ସଞ୍ଚାର ହୁଏ । ତୃତୀୟ ପାଞ୍ଚଟି ପାହାଚକୁ ଅନ୍ତଃ ସୌନ୍ଦର୍ଯ୍ୟ ଭାବେ ବର୍ଣ୍ଣନା କରାଯାଇଛି । ଏହି ପାଞ୍ଚଟି ହେଉଛି ରୂପ, ରସ, ସ୍ୱାଦ, ଗନ୍ଧ, ଶବ୍ଦ । ଚତୁର୍ଥ ପଞ୍ଚ ପାହାଚକୁ ବର୍ଣ୍ଣନା କରାଯାଇଛି ପଞ୍ଚମହାଭୂତ ଭାବେ । ଏହି ପାଞ୍ଚଟିକୁ କୁହାଯାଇଛି ପୃଥ୍ୱୀ, ଜଳ, ଅଗ୍ନି, ବାୟୁ, ଆକାଶ । ଏହି ୨୦ଟି ପାହାଚ ପରେ ୨୧ ତମ ପାହାଚକୁ କୁହାଯାଇଛି ଜ୍ଞାନ ଏବଂ ୨୨ତମ ପାହାଚକୁ କୁହାଯାଇଛି ମୋହ । ଏହି ସମସ୍ତ ପାହାଚକୁ ଅତିକ୍ରମ କରିବାପରେ ଜଣେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପହଞ୍ଚିପାରିବେ ।

ବାଇଶି ପାହାଚର ପୌରାଣିକ ବିଶେଷତ୍ୱ ଅନୁସାରେ, ଏହାକୁ ଭଗବାନ ବିଷ୍ଣୁଙ୍କର ପ୍ରମୁଖ ୨୨ଟି ଅବତାରଙ୍କ ନାମରେ ନାମିତ କରାଯାଇଛି । ଏହି ବାଇଶି ଅବତାରଙ୍କ ନାମ ହେଉଛି - କଟୁରାସନ, ନାରଦ, ବରାହ, ମତ୍ସ୍ୟ, ଯଜ୍ଞ, ନର-ନାରାୟଣ, କପିଳ, ଦତ୍ତାତ୍ରେୟ, ପ୍ରଶ୍ନିଗର୍ଭ, ଋଷଭ, ପୃଥୁ, ନରସିଂହ, କୂର୍ମ, ଧନ୍ୱନ୍ତରି, ମୋହିନୀ, ବାମନ, ପର୍ଶୁରାମ, ରାମ, ବ୍ୟାସ, ବଳରାମ, କୃଷ୍ଣ ଏବଂ କଲ୍‌କି ।


ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ, 'ସତ୍ୟାଳୟ'
ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬,
କଟକ





### ଏଇ ବଡ଼ ଦାଣ୍ଡରେ

**ଜଗଦୀଶ ସାହୁ**

ଏଇ ବଡ଼ ଦାଣ୍ଡରେ
ଜଗା ନାମ ତୁଣ୍ଡରେ
ଭାବରେ ଭାବରେ
ବୋଲି ଦେଲେ ଥରେ
ପାପ ରହେ ନାହିଁ ପିଣ୍ଡରେ ।

ଏଇ ବଡ଼ ଦାଣ୍ଡରେ
ନଇଁ ଦେଲେ ମୁଣ୍ଡରେ
କାଳିଆ କରୁଣା
ହୁଏ ନାହିଁ ଊଣା
ବଡ଼ପ୍ରଭୁ ବିଶ୍ୱ ବ୍ରହ୍ମାଣ୍ଡରେ ।

ଏଇ ବଡ଼ ଦାଣ୍ଡରେ
ନାହିଁ ଯମ ଦଣ୍ଡରେ
ବରଷକେ ଥରେ
ଗୁଣ୍ଡିଚା ଯାତରେ
ଭକତ ହୁଅନ୍ତି ରୁଣ୍ଡରେ ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬


### ଆସୁଛି କାଳିଆ ରଜା

**ବନିତା ମହାରଣା**

ଦେଖ ଲୋ ସଜନୀ ଝୁଲିଝୁଲି ମୋର
ଆସୁଛି କାଳିଆ ରଜା,
ଶ୍ରୀ ଜିଉଙ୍କ ପାଇଁ ରଥପଥ ଆଜି
ହୋଇଅଛି କେତେ ସଜା ।

ଶ୍ରୀ ମନ୍ଦିର ଛାଡ଼ି ଭାବବିନୋଦିଆ
ଅଛି ଲୋ ଭକ୍ତ ପାଖରେ,
ନନ୍ଦୀଘୋଷେ ବସି ଦର୍ଶନ ସେ ଦେବ
ଆଜିଠୁ ବଡ଼ ଦାଣ୍ଡରେ ।

ଭକ୍ତିମୟ ପୁରା ପରିବେଶ ଆଜି
ରଥକୁ ହାତରେ ଟାଣି,
ନାଚିନାଚି ଭକ୍ତ ଭାବରେ ଭିଜନ୍ତି
ତୁଣ୍ଡେ ହରିନାମ ଧରି ।

ଘଣ୍ଟ କାହାଳୀକୁ ସାଥେ ହୁଳହୁଳି
ଲାଗିଛି ଭକ୍ତଙ୍କ ଭିଡ଼,
ସବୁରୀ ମଙ୍ଗଳ ପାଇଁ ମହାବାହୁ
ହୋଇଛନ୍ତି ରଥାରୁଢ଼ ।

ଧନ୍ୟ ତୁମ ଲୀଳା ଆହେ ଚକାଡୋଳା
ଧନ୍ୟତୁମେ ମହାପ୍ରଭୁ,
ତୁମନାମ ଧରି ଭବ ସାଗରରୁ
ଜୀବନ ଦୀପ ମୋ ଲିଭୁ ।

ଲୋଡା ନାହିଁ ପ୍ରଭୁ ମୋର ଜୀବନରେ
ଦିଅନାହିଁ ମୋତେ ସୁଖ,
ଜନ୍ମମୃତ୍ୟୁ ଏହି ଚକ୍ର ରୁ ଉଦ୍ଧାରି
ଦେଇଦିଅ ମୋତେମୋକ୍ଷ ।

ଶରଣ ରକ୍ଷଣ ହେ ଚକାନୟନ
ଜଗତ କଲ୍ୟାଣ ପାଇଁ,
ଶରଣ ପଶୁଛି ତୁମ ପାଦପଦ୍ମେ
ଦୁଇହାତ ଟେକିଦେଇ ।


କଳିଙ୍ଗା, କନ୍ଧମାଳ


### ପ୍ରହେଳିକା

**ସିଦ୍ଧେଶ୍ୱର ତ୍ରିପାଠୀ**

ଆରେ ଏଇ ଟିକେ ତଳେ
ଏବେ ଏବେ କଥା
ମୁଁ ଫେରୁଛି ମୋ ଘରକୁ
ଖୋର୍ଦ୍ଧା ସହର ଦେଇ
ଠିକ ପୋଷ୍ଟ ଅଫିସ ଗଳି ପାଖରେ
ଅଟକି ଗଲା ମୋ ପାଦ
ଥରି ଉଠିଲା ଛାତି
ତୁମେ କଣ ମୋ ସହରରେ
ସେଇ ମନଲୋଭା ଆଖି
ସରୁ ସରୁ ଭୃଲତା
ଲମ୍ବା ନାକ ଛୋଟ ନାକଫୁଲ
ଗୋରା ମୁହଁ
ସୁନ୍ଦର ଚେହେରା
କଳା ଚୁଡ଼ିଦାର ରେ ଢାଙ୍କିଥିଲ
ତୁମରି ଦେହକୁ
ହାତରେ ଗୋଟେ ଛୋଟ ମୋବାଇଲ
ଟିକେ ବ୍ୟସ୍ତ ଲାଗୁଥିଲ ତୁମେ
ଥିଲ ବୋଧେ ମୋ ପ୍ରତୀକ୍ଷା ରେ
ଖୁସିରେ ନାଚି ଯାଉଥିଲା ମନ
ସେତିକି ବେଳେ ନନା ଙ୍କ ଫୋନ
କୋଉଠି ଅଛୁ ପୁଅ ଘରକୁ ଜଲ୍‌ଦି
ଆସିବୁ
ଅନ୍ଧାରକୁ ରହିବୁନି ଯମା
ଫୋନ ଟା କାନ ପାଖରେ ଦେଇ
ମିଛ ବାହାନାରେ ଯାଉଥିଲି ତୁମରି
ପାଖକୁ

ଆଖି ଭିତରୁ ଜକେଇ ଆସୁଥିଲା ଲୁହ
ହଟାତ ଏ କଣ ହେଲା
କାହାର ବାଇକ ସାଉଣ୍ଡ ଶୁଣି
ତୁମେ ଭାରି ଖୁସି ହୋଇଗଲ
ତା ପଛରେ ବସି ତୁମେ ଚାଲିଗଲ
ମୁଁ ଦେଖୁଥିଲି ସେଇ ଗାଡିର ମିରରରେ
ତୁମ ମୁହଁ କୁ
ଗାଡି ଯେତେ ଦୂରକୁ ଦୂରକୁ ଯାଉଥିଲା
ମୁଁ ସେତେ ଭାଙ୍ଗି ଯାଉଥିଲି ଭିତରେ
ଭିତରେ
କିଛି ସମୟ ପରେ ପ୍ରକୃସ୍ଥିତ ହେଲି
ସେ ତୁମେ ନଥିଲ
ସେ ଥିଲା ତୁମ ପରି ଅବିକଳ ଦିଶୁଥିବା
ଗୋଟେ ଝିଅଟିଏ
ତୁମେତ ଏବେ ମୋ ଠାରୁ ବହୁତ
ଦୂରରେ
ବହୁ ଆନନ୍ଦରେ ଶାଶୁ ଘରେ ନୂଆ
ସଂସାରରେ ।
ସେ ଝିଅ କୁଆଡେ ଯାଇଥିବ କେଜାଣି
ଗୁରୁଜଙ୍ଗଠୁ ଛତାବର ଦେଇ
ନନ୍ଦନକାନନ
ନା ଏପଟେ ଆସିଥିବ ଟାଙ୍ଗିଆ ପଡା
ଦେଇ ଯାଇଥିବ
ଡମପଡା କଟକ ରାସ୍ତାରେ
ଆଉ ଯଦି ସିଏ ପାଇକତିଗିରିଆ ଦେଇ
ଆସିଥିବ କେରଙ୍ଗ ରାସ୍ତାରେ
ଯଦିତ ସାରୁଅ ଦେଇ ବାଙ୍କୀ କିମ୍ବା
ବଲାଙ୍ଗୀର ଯାଇଥିବ
ତେବେ ଛାଡ ସବୁ ସ୍ୱପ୍ନ ସ୍ୱପ୍ନ ରେ
ରହିଯିବ
ଆଉ ଯଦି ଆସିଗଲା ମୋ ଗାଁ ଆଡେ
ଦେଖା ହେଲା ତା ସହିତ ମୋ'ରି
ସାଥୀରେ
ତେବେ ମୁଁ କଣ କରିବି ?

# ତା'ପରେ

ପୁଷ୍ପଲତା ମିଶ୍ର





ଆକାଶ ରେ କଳା ହାଣ୍ଡିଆ ମେଘ ସାଙ୍ଗ କୁ ନିର୍ଜନ ରାତି ମୁହଁକୁ ମୁହଁ ଦେଖା ଯାଉନି, ତୁହାକୁ ତୁହା ବର୍ଷା ସହ ତାଳ ଦେଇ ବଢ଼ି ଚାଲିଛି ସୁନୀତା ର ଗର୍ଭ ଯନ୍ତ୍ରଣା । କଣ କରିବ ସୁଧୀର ! ତାକୁ ବୁଦ୍ଧି ବାଟ କିଛି ଦିଶୁନି । ରିକ୍ସା ଚଲେଇ ପେଟ ପୋଷୁଥିବା ସୁଧୀର ଦାସ ଏ ପରିସ୍ଥିତିରେ କରିବ ବା କଣ ? ଅଟୋ, ମୋ ବସ ଯେବେ ଠାରୁ ଚାଲିଲାଣି ସେବେ ଠାରୁ ରିକ୍ସାର ଚାହିଦା କମି ଯାଇଛି, କିଏ ବା ପଚାରେ ରିକ୍ସା କୁ ........ । ରୋଜଗାର ବି ଆଉ ହଉ ନାହିଁ ।

ତା ପରେ, ରିକ୍ସା ଖଣ୍ଡକ ବି ଭାଙ୍ଗି ଗଲାଣି ସଜାଡିବାକୁ ହାତ ରେ ଧନ ନାହିଁ, ଏଇ ପନ୍ଦର ଦିନ ହେଲା ଜଣେ ବାବୁଙ୍କ ସହାୟତାରେ ତାଙ୍କ ଗାଡ଼ି ଟିକୁ ଆଣି ଶିଖି ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଛି । ସେଇ ବାବୁଙ୍କ ପାଖକୁ ଚାଲିଲା ସୁଧୀର ଛତା ଖଣ୍ଡେ ଧରି ବର୍ଷାକୁ ଖାତିରି ନ କରି । ବାବୁ ସବୁ ଶୁଣି ଗାଡି ସହ କିଛି ଟଙ୍କା ସୁଧୀରକୁ ଦେଲେ । ତାପରେ ସେମିତି କଷ୍ଟ ପାଉ ଥାଏ ସୁନୀତା, ସେଇ ଗାଡିରେ ସୁନିତାକୁ ନେଇ ପହଁଚିଲା ବଡ଼ ମେଡ଼ିକାଲରେ, ସେ ଦିନ ଥିଲା ଗଣେଶ ଚତୁର୍ଥୀ । ତାର ପୁଅଟିଏ ହେଲା । ଖୁସି ରେ ନାଚି ଗଲା ସୁଧୀର । ସେ ପୁଣି ଗଣେଶ ଚତୁର୍ଥୀରେ ଜନ୍ମ ହେଇଛି ! ଗଣେଶଙ୍କ ପରି ବିଦ୍ୱାନ ହେଉ ମୋ ପୁଅ; ଠାକୁରଙ୍କୁ କୋଟି କୋଟି ଦଣ୍ଡବତ କଲା ସୁଧୀର ।

ତା ପରେ, ସୁଧୀର ଓ ସୁନୀତା ପୁଅକୁ ଭଲ ମଣିଷ କରିବା ପାଇଁ ଆପ୍ରାଣ ଚେଷ୍ଟା କରି ମନରେ ସଂକଳ୍ପ କଲେ ଯେନତେନ ପ୍ରକାରେଣ ପୁଅକୁ ଡାକ୍ତର କରିବେ । ଏଇ ଆଶା ନେଇ ସୁଧୀର ଗାଡି ଚଲାଏ ଆଉ ସୁନୀତା ପର ଘରେ ବାସନ ମାଜି ଅକ୍ଳାନ୍ତ ପରିଶ୍ରମ କରି ଲାଗି ପଡ଼ିଲେ ପୁଅ ମନୋଜକୁ ଡାକ୍ତର କରିବା ପାଇଁ ।

ତା ପରେ ସୁଧୀର ର ସ୍ୱପ୍ନ ସଫଳ ହେଲା, ଏ ମନ ଭାବୁଥାଏ ଯାହା କାଳ ପ୍ରାପତେ ହୁଏ ତାହା । ଡାକ୍ତର ପୁଅ ପାଇଁ ସୁନ୍ଦରୀ ଗୁଣବତୀ ଝିଅ ଦେଖି ପୁଅର ବାହାଘର ମଧ କରି ଦେଲେ । ସୁଧୀର ତ ଗରିବ ମଳି ମୁଣ୍ଡିଆ ଲୋକ ହେଲେ ପୁଅ ତ ନାମ କରା ଡାକ୍ତର । ସେହି ଭଳି ଲୋକଙ୍କୁ ପାର୍ଟିରେ ଡାକିବାକୁ ପଡ଼ିବ । ଶେଷରେ ସୁଧୀର କରଜ କରି ଆଣିଥିବା ଗାଡି ଖଣ୍ଡକ ବିକି ଦେଲା । ସେଇ ଟଙ୍କା ରେ ଧୁମ୍‌ଧାମରେ ପୁଅର ବାହାଘର ଭୋଜି ସହ ବୋହୂ ପାଇଁ ସୁନା ହାର କରି ସରିଲା ପରେ ସୁଧୀର ହୋଇଗଲା ନିସ୍ୱ !!

ତା ପରେ ପୁଅ ଅଧିକ ପଢ଼ିବା ପାଇଁ ବିଦେଶ ଚାଲିଗଲା, ଘରେ ଲରହିଗଲେ ସୁଧୀର, ସୁନୀତା ଆଉ ବୋହୂ ଅଞ୍ଜଳି । ଡାକ୍ତର ମନୋଜର ଅନୁପସ୍ଥିତିରେ ବୋହୁ ଅଞ୍ଜଳି ନିର୍ଯାତନା ଦେଇ ଚାଲିଲା ଶାଶୁ ଶଶୁର ଙ୍କୁ ...... । ସେ ଧନୀ ଘରର ଝିଅ ତ ! ମାନି ନେଇ ପାରିଲାନି ଏମାନେ ତାର ଶାଶୁ ଶଶୁର ଆଉ ଗୁରୁଜନ ବୋଲି.. ।

ଗଳ୍ପର

ପରି ଖଟେଇଲା ନିଜେ ଅୟସ କଲା କ୍ଲବ୍ ପାର୍ଟିରେ ଦିନ ସରେ ଅଞ୍ଜଳିର । ମନୋଜ ଯେବେ ଫୋନ କରେ ଅଞ୍ଜଳିକୁ ବାପା ମାଆ କେମିତି ଅଛନ୍ତି ତାଙ୍କ କଥା ବୁଝୁଥିବ । ସେମାନେ ଭଲରେ ଅଛନ୍ତି କହି ଫୋନ କାଟି ଦିଏ ଅଞ୍ଜଳି । ସରଳ ବିଶ୍ୱାସୀ ମନୋଜ ବୁଝି ପାରେନା ଅଞ୍ଜଳି ର ମାୟା କୁ .......... । ତା ପରେ ଅଞ୍ଜଳି ଶାଶୁ ଶଶୁରଙ୍କୁ ନେଇ ଅନାଥାଶ୍ରମରେ ଛାଡ଼ି ଆସିଛି କିନ୍ତୁ ମନୋଜକୁ କହିଛି ତୁମ ବାପା ମାଆ ତୀର୍ଥ ଦରଶନରେ ଯାଇଛନ୍ତି । ଅନାଥାଶ୍ରମରେ ସୁଧୀର ଓ ସୁନୀତା ରହି ନ ପାରି ସେଠୁ ପଳେଇ ଆସି ଗୋଟିଏ ବସ୍ତିରେ ରହିଛନ୍ତି । ସୁନିତା ଦେହ ଭୀଷଣ ଖରାପ ସେ ଆଉ କାମ କରି ପାରୁ ନ ଥାଏ ।

ତା ପରେ ସୁଧୀର ଚିନ୍ତା କରେ ପୁଣି ସେଇ ଗାଡି ଚଲେଇବ, ସୁନୀତା କୁ ଭଲ ଡାକ୍ତର ଦେଖେଇବ, ତା ଦେହ ବହୁତ ଦୁର୍ବଳ ହୋଇଗଲାଣି କିନ୍ତୁ ପାଖରେ ତ ଡ୍ରାଇଭିଂ ଲାଇସେନ୍ସ ନାହିଁ କି ଆଧାର କାର୍ଡ ନାହିଁ, କେମିତି ବା ଗାଡି ଚଲେଇବ ଏ ସବୁ କାଗଜ ପତ୍ର ତ ଘରେ ରହିଗଲା । ଏ ସବୁ ପ୍ରମାଣ ପତ୍ର ନ ଥିଲେ କିଏ ବା ଦବ ଗାଡ଼ି ଚାଲିବାକୁ ....... । ତାପରେ ମନରେ ସାହାସ ବାନ୍ଧି ଘରକୁ ଗଲା ଆଧାର କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଆଣିବା ପାଇଁ କିନ୍ତୁ ସେ ଦେଖିଲା ଘର ତାଲା ପଡିଛି, ଏମିତି କେତେ ଥର ଯାଇଛି ନିରାଶ ରେ ଫେରିଛି । ଦିନ ମଜୁରି ଲାଗି ଯେନ ତେନ ପ୍ରକାରେଣ ଚଳି ଯାଉଥାନ୍ତି ସୁଧୀର ଆଉ ସୁନୀତା । ଦିନେ ମଜୁରି ରୁ ଫେରିବା ବେଳେ ସେ ଦେଖିଲା ତା ପୁଅ ଓ ବୋହୂ ଗୋଟେ ଘରୁ ବାହାରି ଗାଡ଼ି ରେ ବସି କୁଆଡେ ଗଲେ ।

ଡ୍ରାଇଭର ଥାଏ ଜଣେ ଅଚିହ୍ନା ଯୁବକ !

ତା ପରେ, ସେଇ ଘର ପାଖରେ ବସି ରହିଲା ସୁଧୀର ଭୋକ ରେ ପେଟ ମୋଡ଼ି ହେଇ ଯାଉଥାଏ । ଭୋକରେ ଓଡ଼ିଆ ନିଦ ଯାଏ, କେତେ ବେଳେ ଯେ ଆଖି ଲାଗି ଯାଇଛି ସୁଧୀର ର ସେ ଜାଣି ପାରି ନାହିଁ । ଗାଡି ଆସିବାର ଶବ୍ଦରେ ଉଠି ବସିଲା ସୁଧୀର, ଦେଖେ ତ ତା ପୁଅ ମନୋଜ ଗାଡିରୁ ଓହ୍ଲାଇ ଘର ଭିତରକୁ ଚାଲିଗଲା । ପଛେ ପଛେ ଆସୁଥାଏ ବୋହୂ ଅଞ୍ଜଳି ! ସୁଧୀର ଡାକିଲା ବୋହୂ ମା' ଆମକୁ ଅନାଥାଶ୍ରମ ରେ ଛାଡି ଆସିଲ କିନ୍ତୁ ଦିନକ ପାଇଁ ବି ଆମ ଦୁଇ ଜଣ କୁ ଦେଖା କରିବାକୁ ଆସିଲନି । ପୁଅ କେବେ ବିଦେଶରୁ ଆସିଲା ତାକୁ ଆମ କଥା କହିଛ ନା ନାହିଁ । ମୋ ପୁଅକୁ ଟିକେ ଡାକ ଦିଅ ମା ! ମୋ ଲାଇସେନ୍ସ ଆଉ ଆଧାର କାର୍ଡ ଟିକେ ଆଣି ଦେଇଦେଲେ ମୁଁ ଗାଡ଼ି ଚଲେଇ ମୋ ପେଟ ପୋଷି ପାରିବି, ଆଉ ତୁମ ଉପରେ ବୋଝ ହେବିନି ।

ତା'ପରେ, ଅଞ୍ଜଳି କାହା ସହିତ କଥା ହେଉଛି ଶୁଣି ଡାକ୍ତର ମନୋଜ ଆସି ଦେଖେ ତ ! ତାର ପିତୃ ପ୍ରତିମ ବାପା । ଗୋଟିଏ ଭିକାରୀ ବେଶରେ ଠିଆ ହୋଇଛି, କିଛି ବୁଝି ପାରିଲା ନାହିଁ ଡାକ୍ତର ମନୋଜ ମୁଣ୍ଡ ଗୋଳମାଳ ହେଇଗଲା । ତୀର୍ଥ ଦରଶନରେ ଯାଇଥିବା ବାପା ଏ କି ଅବସ୍ଥାରେ.... ।

ତା ପରେ ନିଜକୁ ସମ୍ଭାଳି ନେଇ ପଚାରିଲା ଅଞ୍ଜଳି ଏ ବୁଢ଼ା ଲୋକଟି କିଏ ? ତୁମେ କଣ ପାଇଁ ଏଠି ଠିଆ ହେଇ ଗପୁଛ ?

ତୁମ ବାପା ତୀର୍ଥ କରିବା ନାଁ ରେ କୁଆଡେ ଗଲେ ମୁଁ ଜାଣିନି କିନ୍ତୁ ଏବେ ଆସି ମତେ ଦୋଷ ଦେଉଛନ୍ତି ମୁଁ କୁଆଡ଼େ ତାଙ୍କୁ ଅନାଥାଶ୍ରମରେ ଛାଡି ବୋଲି...... । ନିଅ ଏ ଚପଲ ତାଙ୍କୁ ପିଟି ପିଟି ଏଠୁ ବାହାର କରି ଦିଅ ।

- ମତେ ପିଟିବା ଦରକାର ନାହିଁ ବୋହୂ ମା, ମୋ କାଗଜ ପତ୍ର ଦେଇ ଦିଅ, ମୁଁ ଏଠୁ ପଳେଇବି ।

ତା ପରେ, ଡାକ୍ତର ମନୋଜ ଅଞ୍ଜଳି ହାତରୁ ଚପଲ ଆଣି ଧରି କହିଛି, ବାପା ମୁଁ ଯେତେବେଳେ ଛୋଟ ଥିଲି ଏଇ ଚପଲରେ କେତେ ମାଡ଼ ମାରିଥିଲ । ଭାତ ନ ଖାଇଲେ ଏମିତି ଚପଲରେ ମାଡ ମାରି ଥାଳି ଥାଳି ଭାତ ଖୋଇ ଦଉଥିଲ । ପାଠ ନ ପଢ଼ିଲେ ଏଇ ଚପଲରେ କେତେ ଯେ ବାଡେଇଛ ଆଜି ମୋର ସେ ସବୁ କଥା ମନେ ଅଛି ବାପା ଭୁଲିନି । ସ୍କୁଲକୁ ନ ଯିବା ପାଇଁ ଜିଦ୍ କଲେ ଏଇ ଚପଲ ବାପା ! ଚପଲ୍‌ରେ ବାଡେଇ ବାଡେଇ ସ୍କୁଲ୍‌ରେ ଛାଡି ଆସୁଥିଲ । ଆଜି କଣ ହେଲା ବାପା ମତେ ନ ଜଣେଇ ତୁମେ ତୀର୍ଥ ବାହାନାରେ କୁଆଡେ ହଜିଗଲ ? ମୁଁ କିଛି ବୁଝି ପାରିଲିନି ବାପା !!

ଏ ଜନ ଜଗତ ଦେଖିବ ଏ ମୋ ସ୍ତ୍ରୀ ବି ଦେଖିବ ମୁଁ ଆଜି କଣ କରିବି । ଏଇ ଚପଲ ବାପା ଏଇ ଚପଲ ମୁଁ ଆଜି କଣ କରିବି ଦେଖ ।

ନିଅ ବାପା ନିଅ ଏ ଚପଲ ବାପା ତୁମର ଏ ଅଝଟିଆ ପୁଅକୁ ଚପଲରେ ପିଟି ପିଟି ବୁଦ୍ଧି ଶିଖେଇ ଦିଅ, ସେ ଯେପରି ଏପରି ଭୁଲ ନ କରୁ ...

ପିଟ ବାପା, ପିଟ ବାପା ପି. ପିଟ ମୋତେ....

+ ଭୁବନେଶ୍ୱର
(ମୋ) ୯୩୩୮୨୯୪୬୫୭

# ଫୁଲ ଭିଡ଼ିବ ରଥ ଦଉଡି

ସୁନନ୍ଦା ମହାନ୍ତି



ଲେଖା ଦିଲ୍ଲୀ ଫେରିଗଲେ ସ୍ୱାମୀଙ୍କ ପାଖକୁ . ସେଠି ତାଙ୍କର ମନ ଲାଗୁନଥିଲା କିନ୍ତୁ ସ୍ୱାମୀ ଅଖିଳେଶ ବୁଝେଇଥିଲେ ଧାନକ୍ଷେତ, ଜମିରେ ଢେଉ ଉଠୁଥିବା ଫସଲ,ମାଟିମଟାଳ ମଣିଷ ବ୍ୟତିରେକେ ଅନେକ ପ୍ଲଟ ଅଛି ଲେଖା. ମୋ ସାଙ୍ଗରେ ଦିଲ୍ଲୀର ଏହି ଜିବି ରୋଡ଼ରେ ରହିଯାଅ କିଛି ଦିନ ତୁମ ଲେଖିବା ପାଇଁ ଅନେକ ପ୍ଲଟ ପାଇଯିବ. ଲେଖା ଅବିଶ୍ୱାସ ଆଖି ନେଇ କହୁଥିଲେ ତୁମେ ଜଣେ ପୋଲିସ ଅଫିସର ହୋଇ ଏଠି ? ଆରେ ଏଠି ମୋର ପରିଚୟ ପୋଲିସ ଅଫିସର ନୁହେଁ ବରଂ ମୋର ଏଠି ପରିଚୟ ଅନ୍ୟ ରକମ. ତା ପରେ ପରେ ଲେଖାଙ୍କ ସ୍ୱାମୀଙ୍କ ପାଖକୁ ଫୋନ ଆସୁଥିଲା ଗୋଟିଏ ନମ୍ବରରୁ ବାରମ୍ବାର. ଆଶ୍ଚର୍ଯ୍ୟ ଅଭିଭୂତ ରେଖାଙ୍କର ସ୍ୱାମୀଙ୍କ ପ୍ରତି ସନ୍ଦେହ ବଢୁଥିଲା. ସ୍ୱାମୀଙ୍କ ନମ୍ବରକୁ ଆସୁଥିବା ନମ୍ବରକୁ ଟ୍ୟାପ କରି ଲେଖା ଜାଣିବାକୁ ପାଇଲେ କେହି ଜଣେ ଦଲାଲ ଝିଅ ବିକିବାକୁ ଚାହୁଁଛି. ଝିଅ ତ ନୁହେଁ ବରଂ ଗାଁରୁ ଭୁଲାଇ ଆଣିଥିବା କୌଣସି କିଶୋରୀକୁ ଭୁଲାଇ ଆଣି ମିଛ ବିବାହ କରିସାରିବା ପରେ ତିନିଲକ୍ଷ ଟଙ୍କାରେ ପୁଣି ବିକିଦେବାକୁ ଚାହୁଁଛି. ବ୍ୟସ୍ତ ବିବ୍ରତ ଲେଖା ପ୍ରଥମେ ସ୍ୱାମୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ କିନ୍ତୁ ସେ ସେହି ଦଲାଲମାନଙ୍କୁ ଧରିବାକୁ ଆସିଛନ୍ତି ଜାଣି ତାଙ୍କର ଏକ ଉପନ୍ୟାସ ପାଇଁ ପ୍ଲଟ ଗୋଟାଇବାକୁ ଯାଇ ଚୁପ ହୋଇଗଲେ.ପଚାରି ବସିଲେ ଝିଅଟିର କଥା. ଝିଅଟି ଏସବୁ ବିଷୟରେ ଅନଭିଜ୍ଞା ଥିଲା.

ଗାଁ କିଶୋରୀ ମନରେ ଛନ୍ଦ କପଟ ନଥାଏ. ଥିଲେ ସେ ଆଦିତ୍ୟକୁ ବିଶ୍ୱାସ କରି ଘରୁ ଗୋଡ଼ କାଢିନଥାନ୍ତା. ଆଜି ତାକୁ ବୁଲିବାକୁ ଯିବା କହି ବିକ୍ରି କରିବାକୁ ଆଣୁଥିବା ସ୍ୱାମୀ ଆଦିତ୍ୟ ଓ ସ୍ୱାମୀର ବନ୍ଧୁ ଦୀନେଶକୁ ତାର ଅବିଶ୍ୱାସ କରିବାର କିଛି ନଥିଲା. ନିର୍ଦ୍ଦିଷ୍ଟ ଦିନ ସ୍ତ୍ରୀକୁ ବିକିଦେବା ପାଇଁ ଭୁଲାଇ ଆଣି ହାଜର ହେଲା ଅଖିଳେଶଙ୍କ ପାଖରେ. ଆଗରୁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ଥିଲେ ପୋଲିସ ଅଫିସର ଅଖିଳେଶ ତ ଧରା ପଡିଲେ ଆଦିତ୍ୟ ଓ ଦୀନେଶ. ଖାଲି ସେହି ଦୁଇଜଣ ନୁହଁନ୍ତି ଅନେକ ଦଲାଲ ଧରା ହୋଇ ଜେଲ ଯିବା ପରେ ସେଠି ଲେଖା ସେଠାରେ ଦାମକୁ ଦେଖି ଚମକି ପଡିଲେ. ଝିଅଟି ଦାମର ଝିଅହିଁ ଥିଲା. ଦାମ କାନ୍ଦୁଥିଲା ଭୋ ଭୋ. ଝିଅ ଫୁଲ କିଛି କିଛି ବୁଝିପାରୁଥିଲେ ବି ଅନେକ ଅବୁଝା ଆଖିରେ ଚାହୁଁଥିଲା. ଲେଖାଙ୍କର ମନେ ପଡୁଥିଲା ତାଙ୍କ ବାନ୍ଧବୀ ସଳିତାଙ୍କ ଘର ଗାଁରେ ଦାମ ବିଲରେ କାମ କରୁଥିବା ବେଳେ ଅନେକ ଥର ମାତୃହୀନା ଝିଅଟି ବାପା ପାଇଁ ଭାତ ଧରି ବିଲକୁ ନେଇଆସିବା ଦୃଶ୍ୟ. ଖାଲି ସେତିକି ନୁହେଁ ବାପା ନିଜ ଜମିରେ ହଳ କରୁଥିଲା ବେଳେ ଝିଅଟି ପିତା ଓ ମଦରଙ୍ଗା ଶାଗ ତୋଳୁଥାଏ ହିଡ଼ରୁ. ସେହି ସବୁ ଦୃଶ୍ୟକୁ ଫଟୋରେ ତୋଳି ନେଉଥିଲା ବେଳେ ଦାମ କହେ ମାଆ ମୋ ଝିଅକୁ ସହରରେ ବାବୁଆଣି କରିବାକୁ ଖୁବ ଇଛା ଯେ ପାଠ ତ ଦି ଅକ୍ଷର ପଢିଲାନି. ନବମ ଶ୍ରେଣୀରୁ ପାଠ ଛାଡି ଝିଅ ଯେ ଗାଁ ପୁଅ ଆଦିତ୍ୟର ପ୍ରେମ ଜାଲରେ ପଡିଛି ଏକଥା ଜାଣିବା ବୁଝିବା ପୂର୍ବରୁ ଆଦିତ୍ୟର ମିଠା ମିଠା କଥାରେ ଫୁଲ ସିନା ଛାଡିଦେଲା ବାପା ପରି ସରଳ ଚାଷୀ ମଣିଷଟାକୁ ଆଉ ତା ସହିତ ବିଲରେ ଲହଡି ଭାଙ୍ଗୁଥିବା ସୁନାକ୍ଷେତର ଦୃଶ୍ୟକୁ କିନ୍ତୁ ଏବେବି ଫୁଲ ଭାବୁନଥିଲା ସେ ଫସି ଯାଇଛି. ବିଶ୍ୱାସ କରୁନଥିଲା ତା ସ୍ୱାମୀ ହୋଇ ତିନିମାସ ରହିଥିବା ଆଦିତ୍ୟ ତାକୁ ତିନିଲକ୍ଷରେ ବିକି ଧୋକା ଦେଇଛି ବରଂ ଅଖିଳେଶ ବାବୁ ଓ ଲେଖା ମାଆଙ୍କ ଗୋଡ଼ତଳେ ପଡି କାକୁତି ମିନତି କରୁଥିଲା ସ୍ୱାମୀଙ୍କୁ ତାର ଜେଲରୁ ଖଲାସ କରିବାକୁ.ଦାମ ମଧ ଗୋଡ଼ ଧରୁଛି ବାବୁ ମାଆଙ୍କର. ଝିଅର ସାତଖୁଣ ଭୁଲକୁ ମାଫ କରି ଝିଅ ସେହି ଦୋଷୀର ସ୍ତ୍ରୀ ହୋଇ ରହିବାକୁ ଅନୁନୟ ବିନୟ ହୋଇ ହାତ ଯୋଡୁଛି. ଏଇତ ସରଳ ଗାଁ ମଣିଷର ଭୋକ.

କୋର୍ଟକୁ ଯିବା ପୂର୍ବରୁ ଓକିଲ ପରାମର୍ଶ କଲେ ଅଖିଳେଶ ଓ ଲେଖା. ବାପା ଦାମ ଓ ଝିଅ ଫୁଲ ରାଜି. ଆଦିତ୍ୟ ଯଦି ତାର ଭୁଲ ସ୍ୱୀକାର କରି ଫୁଲକୁ ପୁଣି ସ୍ତ୍ରୀ ରୂପେ ଗ୍ରହଣ କରେ ତେବେ ଫୁଲ ହିଁ ସାକ୍ଷୀ ପଡି ସତ୍ୟକୁ ମିଥ୍ୟାରେ ପରିଣତ କରିବ. ଏ କେଶ ଜିତିଥିଲେ ଅଖିଳେଶଙ୍କର ପ୍ରମୋଶନ ହୋଇଥାଆନ୍ତା. ଆଜିପର୍ଯ୍ୟନ୍ତ ତାଙ୍କ ଗୁଣ ଗାରିମା ପ୍ରକାଶ କରି ଖବର କାଗଜର ଶିରୋନାମାକୁ ଭୁଲ ପ୍ରମାଣିତ କରି ଫୁଲ ସାକ୍ଷୀ ଦେଲା ମୋ ସ୍ୱାମୀ ମତେ ବୁଲେଇ ଆଣିଥିଲେ ଅଖିଳେଶ ବାବୁଙ୍କ ଘରକୁ. ଲେଖା ମଧ ସ୍ୱୀକାର କଲେ କାଠଗଡ଼ାରେ. ଜେଲରୁ ମୁକୁଳି ଆଉଥରେ କୋର୍ଟରେ ବିବାହ କଲାବେଳେ ଦାମ ନୁହେଁ ବରଂ ଅଖିଳେଶ ହିଁ ପିତା ଓ ଲେଖାଙ୍କୁ ମାତା ରୂପେ ଦସ୍ତଖତ ଦେବାକୁ ପଡିଥିଲା. ଓକିଲ ମୋହରିରଙ୍କ ଉପସ୍ଥିତିରେ ସେହିଅନୁଯାୟୀ ଦଲିଲ ପ୍ରସ୍ତୁତ ହୋଇଥିଲା. ଗାଁ ରୁ ସଳିତା ଫୋନ କରି କହୁଥିଲେ ତୁ ଶେଷରେ ଜିତିଗଲୁ ଲେଖା. ଲେଖାଙ୍କ ଉତ୍ତର ଥିଲା ଗାଁର ସେହି ଦୋଳାୟିତ ଫସଲର ଢେଉରେ ପରା ଏ ବାପ ଝିଅଙ୍କ ନାମ. ସେଇଥିପାଇଁ ବିଭୋର ମନ ମୋର ମତେ ଏମିତି କରିବାକୁ ବାଧ କଲା. ତୋ ସାହିତ୍ୟିକ ଭାବନାର ଭାଷା ତତେ ବୁଝାପଡୁଥିବ ମତେ ନୁହେଁ କହି ସଳିତା ଫୋନ ରଖିଥିଲେ . ଦାମ କିନ୍ତୁ ବୁଝିସାରିଥିଲା ଲେଖା ମାଆଙ୍କ ଉଦାର ମନ ଯୋଗୁଁ ଅଖିଳେଶ ନିଜ ପ୍ରମୋସନ ଭୁଲି ଏସବୁ କରିବାକୁ ସମର୍ଥ ହେଲେ.ଫୁଲ କିନ୍ତୁ ଅଡ଼ିବସିଥିଲା ରଥଯାତ୍ରା ଦେଖିଯିବାକୁ. ସ୍ୱାମୀଙ୍କ ସହ ବାପା ଓ ନୂଆ ପିତା ମାତାଙ୍କ ସହ ରଥ ଦଉଡି ଭିଡିବାକୁ ବଡ଼ଦାଣ୍ଡରେ. ଜଗନ୍ନାଥଙ୍କ କରୁଣାରୁ ସ୍ୱାମୀଙ୍କ ସହ ସେ ସମସ୍ତଙ୍କୁ ଫେରି ପାଇଥିଲା ନା ତା ଜୀବନ ପରିଧିକୁ

+ ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

# ଗଣତନ୍ତ୍ର କି ଜୟ୍ ହୋ...

ପ୍ରଫୁଲ୍ଲ ବାରିକ





ପ୍ରଚଣ୍ଡ ରୌଦ୍ରତାପ ସତ୍ୱେ ପୋଲିଂ ଚାଲିଥାଏ ଧକାଧକ । ବୁଥ ବାହାରେ ଲମ୍ବା ଲାଇନ । ପାର୍ଟିମାନଙ୍କ ଟେଣ୍ଟସାଙ୍ଗକୁ ଗଲାଆଇଲା ଲୋକଙ୍କ ଭିଡରେ ମୁହଁ ମିଳୁନଥାଏ । ଛୋଟ ମୋଟର ବେପାରୀମାନେ ମେଲି ଦେଇଥାନ୍ତି ବିପଣିମାନ । ଏକପ୍ରକାରେ ମେଳାଲାଗିଥାଏ ସ୍କୁଲ ପଡିଆରେ ।

ଭିତରେ ପଙ୍ଖା ଘୁରୁଥିବା ସତ୍ୱେ ପ୍ରିଜାଇଡିଂ, ପୋଲିଙ୍ଗ ଅଫିସରମାନେ ନୟାନ୍ତ ଭିଡ଼ଜନିତ ବ୍ୟସ୍ତ ପରିବେଶରେ । ଠିକ ଗୋଟେ ପାଖପାଖି ବୁଢୀଟିଏ ଆସିଲା ଧାଡିରୁ ପାଳିପଡିବାରୁ । ସରସର ଝାଳରେ ଚିପୁଡ଼ି ପଡୁଥାଏ ଲୁଗାଦେହ । ପୋଲିଙ୍ଗ ବାବୁଙ୍କ ପାଖରୁ କାମସାରି ଇ ଭି ଏମ ପାଖକୁ ଯାଇ ଠିଆହେଇ ଦେଖିଲା କିଛିସମୟ ଖୋଜିଲା ଖୋଜିଲା ଆଖିରେ । ତା ପରେ ଫେରିଆସି ପ୍ରିଜାଇଡିଂ ବାବୁଙ୍କୁ ଡାକିଲା ମେସିନ ପାଖକୁ । ବାବୁ ଯିବାରୁ ଆସ୍ତେକରି କହିଲା ତାଙ୍କୁ - କାଇଁ, ମୁଁ' ତ ପାଉନି ତାଙ୍କ ଫଅଟ ?

- କାହା ଫଟୋ ଖୋଜୁଛ ମାଉସୀ ?

- ସେଇ ଯୋଉବାବୁ ପାଆଁଶ' ଟଙ୍କା ଦେଇ ରାଣଦେଇଚି ଦେବାକୁ ତାକୁ ।

କୋଉ ବାବୁ ଦେଲେ, ଏବେ କାହାକୁ ଦେବ ବୁଢ଼ୀ, ଦ୍ୱନ୍ଦରେ ପଡିଲେ ପ୍ରିଜାଇଡିଂ ବାବୁ । କହିଲେ, ମାଉସୀ, ତାଙ୍କ ନାଁ କୁହ । ମୁଁ ଚିହ୍ନେଇଦେବି ତାଙ୍କ ଚିହ୍ନ । ଏଠି ବାବୁଙ୍କ ଫଟୋ ନଥାଏ । ଥାଏ ତାଙ୍କ ଚିହ୍ନ । ତାଙ୍କ ନାଁ କୁହ, ଯଦି ତାଙ୍କୁଇ ଦେବ ?

ବୁଢ଼ୀ ମୁଣ୍ଡ କୁଣ୍ଡେଇ ହେଇ ବୋଧେ ମନେ ପକେଇଲା । କହିଲା, ତା ନାଁ ଆକାଶ । ଆକାଶ ମହାମାରୁ ।

ପ୍ରିଜାଇଡିଂ ବାବୁ କହିଲେ, ମହାମାରୁ ତ ନାହାନ୍ତି କେହି ! ଅଛନ୍ତି ଆକାଶ ମହାପାତ୍ର ।

ହଁ ସେଇ, ତାଙ୍କୁ ଆମେ କହୁ ସିମିତି ।

ପ୍ରିଜାଇଡିଂ ବାବୁ ତାଙ୍କ ଚିହ୍ନ ଦେଖେଇବାକୁ ଯାଉଛନ୍ତି, ବୁଢ଼ୀ ତାଙ୍କୁ ଅଟକେଇ କହିଲା, ରହରେ ପୁଅ, ମୋତେ ଧର୍ମଦ୍ରୋହି କ'ରନା । ଏଇ ପିନ୍ଧିଥିବା ଶାଢ଼ୀ ଦେଇଚି ଆଉଜଣେ ।

ଶାଢ଼ୀକୁ ଦେଖେଇ ଅନୁରୋଧ କଲା ତାଙ୍କ ଚିହ୍ନ ଦେଖେଇ ଦେବାକୁ । ଏହାବି କହିଲାଯେ, ମୋତେ ଦେଖେଇବା ଦର୍କାର ନାଇଁ । ସେ ଦୁହିଁଙ୍କୁ ସମାନ ସମାନ ଦେଇଦେ ମୋ ନାଁ'ରେ ।

ପ୍ରିଜାଇଡିଂ ବାବୁ ଅନେଇଛନ୍ତି ଆଁ'କରି ।

ବୁଢ଼ୀ କହିଲା, ମୋତେ ଅନାନା, ମୁଁ ଅବିବେକୀ ହେବିନି । ଅଧାଅଧା ଦେଇଦେ । ଆଗ କଥା ନଥିବ ପଛକୁ । ମୁଁ ତାଙ୍କୁ କଥା ଦେଇଚି ଦେବାକୁ ।

ପୋଲିଙ୍ଗ ଏଜେଣ୍ଟ ଜଣେ ଶୁଣୁଥିଲା ଏମାନଙ୍କ କଥା । ଉଠିଯାଇ କହିଲା, ସାର, ପ୍ରଥମଟି ଦିଅନ୍ତୁ । ଦ୍ୱିତୀୟକୁ ଛୁଇଁଦେଇ କୁହନ୍ତୁ ଦେଇଦେଲି ସମାନ ସମାନ କରି । ବୁଢ଼ୀ ଖୁସ, କାମବି ସହି ।

କାମ ହେଇଗଲା । ବୁଢ଼ୀ ଫେରିଲା ହସିହସି ଧର୍ମରକ୍ଷା କରିଥିବାରୁ ।

ପ୍ରିଜାଇଡିଂ ଅଫିସର ମନେମନେ ଉଚ୍ଚାରୁ ଥିଲେ - ଜୟ ହୋ ଗଣତନ୍ତ୍ର କି !

ଝଝଝଝଝଝଝ

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
(ମୋ) ୯୨୩୮୯୨୦୪୦୫.

# ଭାସବି କନ୍ୟାକା ପରମେଶ୍ୱରି ମନ୍ଦିରରେ ଚୋରି ମାମଲା: କୁଖ୍ୟାତ ଅପରାଧୀ ଗିରଫ

ଜୟପୁର, ୦୭/୦୭ (ନି.ପ୍ର): ଜୟପୁର ମହାରାଣିପେଟା ସ୍ଥିତ ଭାସବି କନ୍ୟାକା ପରମେଶ୍ୱରି ମନ୍ଦିରରୁ ଚୋରି ମାମଲାର ପରଦାଫାସ କରିଛି ଟାଉନ ପୋଲିସ । ଏହି ମାମଲାରେ କୁଖ୍ୟାତ ଅପରାଧୀକୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ନୟାଗଡର ଘନସ୍ୟାମ ଦାସ ଏଲିୟସ ପ୍ରକାଶ କୁମାର ସାହୁ (୪୫) ଏଲିୟସ ସନ୍ତୋଷ କୁମାର ଦାସ । ଏନେଇ ଆଜି ଜୟପୁର ଏସଡିପିଓ ଅଫିସରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଥିଲା । ଏଠାରେ ଏସଡିପିଓ ଅଙ୍କିତ କୁମାର ବର୍ମା, ଟାଉନ ଥାନା ଅଧିକାରି ରମଣୀ ରଞ୍ଜନ ଦଳେଇ ମାମଲାର ତଦନ୍ତ କରୁଥିବା ଏସଆଇ ସିଦ୍ଧାନ୍ତ ବେହେରା ଉପସ୍ଥିତ ରହି ସୂଚନା ଦେଇଥିଲେ । ଅଭିଯୁକ୍ତ ପ୍ରକାଶ ୧୮ ବର୍ଷ ବୟସରୁ ଚୋରି କରିବା ଆରମ୍ଭ କରିଛି । ଓଡିଶା, ଆନ୍ଧ୍ର, କର୍ଣ୍ଣାଟକ, କେରଳା ରେ ଥିବା ମନ୍ଦିରରେ ଚୋରି କରିଛି । ଗ୍ୟାସ କଟର, ଓ ଆଇରନ ରଡ ଦ୍ୱାରା ମନ୍ଦିରରେ ଚୋରି କରୁଛି । ବର୍ତମାନ ସୁଦ୍ଧା ସେ ୪୭ଟି ମନ୍ଦିରରେ ଚୋରି କରିଛି । ଅଭିଯୁକ୍ତ ଜଣକ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲା । ପୋଲିସ ସୂଚନା ପାଇ ନୟାଗଡରେ ପହଂଚି ଥିଲା । ଗୋଟିଏ ଅପରିତ୍ୟକ୍ତ ଗୃହରୁ ଅଭିଯୁକ୍ତ ପ୍ରକାଶକୁ ଧରିଥିଲା ପୋଲିସ । ପୋଲିସ ତଦନ୍ତରେ ପ୍ରକାଶ ରାୟଗଡା ସାଇ ମନ୍ଦିରରେ ଚୋରି କରିଥିବା ଜାଣିବାକୁ ପାଇଥିଲା । ଆନ୍ଧ୍ର ପ୍ରଦେଶର ବିଜୟୱାଡାରେ ଥିବା କନକ ଦୁର୍ଗା ମନ୍ଦିରରେ ପ୍ରଥମେ ୧୯୯୮ ରେ ଚୋରି କରଥିଲା । ସେତେବେଳକୁ ଅଭିଯୁକ୍ତର ବୟସ ୧୮ ବର୍ଷ ହୋଇଥିଲା । ୨୦୧୫ ରେ ପ୍ରସାଦମପାଡୁରେ ଥିବା ସାଇ ମନ୍ଦିରରୁ ୧୮ କେଜି ଅଳଙ୍କାର ଚୋରି କରିଥିଲା । ୨୦୧୫ ରେ ପୋଲିସ ତାକୁ ଗିରଫ କରିଥିଲା । ୨୫ ଲକ୍ଷ ଟଙ୍କାର ୬୦ କେଜିର ରୁପା ଅଳଙ୍କାର ଜବତ କରିଥିଲା । ୧.୧୯ ଲକ୍ଷ ଜବତ କରିଥିଲା । ଅଭିଯୁକ୍ତ ଜଣକ ଆନ୍ଧ୍ର ପ୍ରଦେଶର ୨୪ଟି, ଓଡିଶାରେ ୧୪, କର୍ଣାଟକରେ ୯ଟି ମନ୍ଦିର ଚୋରି ମାମଲାରେ ଜଡିତ ଅଛି । ଜୟପୁର ମାମଲାରେ ପୋଲିସ ଅଭିଯୁକ୍ତ ଠାରୁ ରୁପା ହାଣ୍ଡି, ରୁପା ଡାଲ, ରୁପା ଗ୍ଲାସ ରୁପା ଘଂଟି, ରୁପା ଆଳତି ଷ୍ଟାଣ୍ଡ, ୨ଟି ରୁପା ଥାଳି , ଗୋଟିଏ ରୁପା ପଂଚ ପତ୍ର, ରୁପା ରୁହାଣି, ପ୍ଲେଟ, ଦିପ ଷ୍ଟାଣ୍ଡ, ୨ ଲକ୍ଷ ଟଙ୍କ ଜବତ କରିଛି । ଗତ ଫେବୃଆରି ୪ ତାରିଖରେ ଜୟପୁର ମହାରାଣିପେଟା ସ୍ଥିତ ଭାସବି କନ୍ୟାକା ପରମେଶ୍ୱରି ମନ୍ଦିରରେ ଚୋରି ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଦୁର୍ବୃତ୍ତ ଜଣକ ବିଳମ୍ବିତ ରାତ୍ରରେ ମନ୍ଦିର ଭିତରେ ପଶି ତାଲା ଭାଙ୍ଗି ଚୋରି କରିଥିଲା । ସକାଳୁ ମନ୍ଦିର ପୂଜକ ମନ୍ଦିରକୁ ଖୋଲିବା ସମୟରେ ତାଲା ଭାଙ୍ଗି ଥିବା ଦେଖି ମନ୍ଦିର କମିଟିକୁ ସୂଚନା ଦେଇଥିଲେ । ମନ୍ଦିରର ଅଫିସ ରୁମ କୁ ଦୁର୍ବୃତ ମାନେ ଭାଙ୍ଗି ଥିବା ବେଳେ ଦେବି ବାସବି ଓ ଭଗବନଙ୍କ ଶିବ ଙ୍କ ମନ୍ଦିରରେ ସୁନା ରୁପା ଗହଣା ଟଙ୍କା ଚୋରି ହୋଇଛି । ମନ୍ଦିରର ଟଙ୍କା, ସୁନା ୧୪ ଗ୍ରାମ, ରୁପା ୩୧୨ ଗ୍ରାମ, ସିସି କ୍ୟାମେରାରା ଡିଭିଆର, ୩୫୦ ଗ୍ରାମର ରୁପାର ପୂଜା ଜିନିଷ , ୨ କେଜିର ରୁପା ମକର ତୋରଣ, ଶହେ ଗ୍ରାମର ଦୁଇଟି ରୁପା ମୁକୁଟ, ସୁନା ମଙ୍ଗଳ ସୁତ୍ର , ୩ ଶହ ଗ୍ରାମର ୨ଟି ଦେବିଙ୍କ ରୁପା ପାଦ, ରୁପା ତ୍ରିଶୁଳ, ଛତା ଆଦି ଚୋରି ହୋଇଥିଲା । ଅଭିଯୋଗ ଆଧାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୋଲିସ । ସାଇଣ୍ଟିଫିକ ଟିମ ମଧ୍ୟ ତଦନ୍ତ କରିଥିଲା । ଚୋରି ସାମଗ୍ରୀ ଜବତ ପରେ ମନ୍ଦିର କମିଟିକୁ ପୋଲିସ ତରଫରୁ ଏହାକୁ ହସ୍ତାନ୍ତର କରାଯାଇଛି ।

# ଅସୁରକ୍ଷିତ ଛାତ୍ରୀ ନିବାସ: ରାତିରେ ପଶି ଛାତ୍ରୀଙ୍କୁ ଅସଦାଚାରଣ ଅଭିଯୋଗ

ସୁବର୍ଣ୍ଣପୁର, ୦୭/୦୭ (ନି.ପ୍ର): ଜିଲ୍ଲାର ବୀରମହାରାଜପୁର ବ୍ଲକ ସୁବଳୟା ସ୍ଥିତ କସ୍ତୁରିବା ଗାନ୍ଧୀ ଆବାସିକ ବିଦ୍ୟାଳୟର ଛାତ୍ରୀ ନିବାସରେ ଏକ ବାହାର ଯୁବକ ପଶି ଜଣେ ଅନ୍ତେବାସୀଙ୍କ ସହିତ ଅସଦାଚାରଣ କରୁଥିବା ସମୟରେ ଧରାପଡିଥିବା ନେଇ ସୁବଳୟା ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ, ସୁବଳୟା ଠାରେ ଥିବା କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସକୁ ଗତକାଲି ବିଳମ୍ବିତ ରାତିରେ ସହରରେ ବିଦ୍ୟୁତ୍ ନ ଥିବାର ସୁଯୋଗ ନେଇ ସୁବଳୟା ଗାଁ ର ଜଣେ ଯୁବକ ଛାତ୍ରୀ ନିବାସ ଭିତରକୁ ପ୍ରବେଶ କରି ଜୈନିକା ଛାତ୍ରୀଙ୍କୁ ଅସଦାଚରଣ କରୁଥିଲେ । ତେବେ ହଠାତ୍ ବିଦ୍ୟୁତ୍ ଆସିଯିବା ପରେ ଅନ୍ୟ ଛାତ୍ରୀ, ଛାତ୍ରୀ ନିବାସର ରୋଷେୟା ଓ ରାତ୍ର ଜଗୁଆଳି ଦେଖି ଯୁବକକୁ କାବୁ କରି ତୁରନ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ପ୍ରଧାନ ଶିକ୍ଷୟତ୍ରୀ ତୁରନ୍ତ ସ୍କୁଲକୁ ଆସି ସୁବଳୟା ଥାନାରେ ଲିଖିତ ଅଭିଯୋଗ କଲେ । ଅଭିଯୋଗକୁ ଆଧାର କରି ପୁଲିସ ଉକ୍ତ ଯୁବକକୁ ଥାନାରେ ଅଟକ ରଖିଥିଲା । ସୂଚନା ଅନୁସାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପରିଚାଳନ କମିଟିର ସଭାପତି ସଦାନନ୍ଦ ମହାନନ୍ଦଙ୍କ ପୁଅ ଅଜୟ ମହାନନ୍ଦ କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ହଷ୍ଟେଲକୁ ଯାଇ ଜଣେ ଛାତ୍ରୀଙ୍କ ସହ ଅସଦାଚରଣ କରିଥିବା ଘଟଣାକୁ ସମସ୍ତେ ଗୁରୁତ୍ୱ ର ସହ ନେଇଛନ୍ତି । ଲାଇନ୍ ଆସିବା ପରେ ଅନ୍ୟ ଛାତ୍ରୀ ଏବଂ ନାଇଟ୍ ୱାଚର୍ ଉଭୟଙ୍କୁ ଅସଂଜତ ଅବସ୍ଥାରେ ଦେଖି ପାଟି ତୁଣ୍ଡ କରିବା ସହିତ ଯୁବକଙ୍କୁ ଅଟକ ରଖିଥିଲେ । ହେଲେ ଏତେ ପାଟି ତୁଣ୍ଡ ପରେ ମଧ୍ୟ ସ୍କୁଲ ପରିସରରେ ଉପର ମହଲାରେ ଶୋଇଥିବା ୱାଡେନ ଉପରୁ ତଳକୁ ଆସିନଥିଲେ । ଛାତ୍ରୀ ଏବଂ କର୍ମଚାରୀ ବାରମ୍ବାର ଡାକିବା ପରେ ତଳକୁ ଆସିଥିଲେ । ଏନେଇ ସୁବଳୟା ଥାନା କେସ ନଂ ୧୬୭ ରେ ଏକ ମାମଲା ରୁଜୁ କରି ଯୁବକକୁ ଅଟକ ରଖି ପଚରାଉଚୁରା କରିବା ସହ ଆଜି ଉଭୟଙ୍କୁ ଡାକ୍ତରୀ ମାଇନା କରିବାକୁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଥିବା ବେଳେ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ବୀରମହାରାଜପୁର ଏସଡିପିଓ ବାସୁଦେବ ଛତ୍ରୀଆ ସୂଚନା ଦେଇଛନ୍ତି ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟ ଅନୁଷ୍ଠିତ

ଜୟପୁର, ୦୭/୦୭ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର ଠାରେ ଉଭୟ ମାଆ ଏବଂ ଶିଶୁଙ୍କୁ ନେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀ ଉପସ୍ଥିତ ରହିବା ସହ ମା. ଶ୍ରୀମତୀ ମାଧୁରୀ ମଗର ଏବଂ ମା. ଶ୍ରୀମତୀ ସସ୍ମିତା ଖଣ୍ଡେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶାରୀରିକ, ବୌଦ୍ଧିକ ଏବଂ ସଂସ୍କାର ଆଧାରିତ କାର୍ଯ୍ୟାଂଶ ଗୁଡ଼ିକ ଉଭୟ ମାଆ ଓ ଶିଶୁଙ୍କୁ ନେଇ କରାଯାଇଥିଲା । ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ ମାଆ ର ଭୂମିକା କିଭଳି ରହିବା ଆବଶ୍ୟକ ସେ ସମ୍ପର୍କରେ ପ୍ରତ୍ୟକ୍ଷ ପ୍ରାୟୋଗିକ କାର୍ଯ୍ୟାଂଶ କରି ଧାରଣା ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୋଟ ୬୩ ଜଣ ମାଆ ଏବଂ ୭୦ ଜଣ ଶିଶୁ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମଟି ଶିଶୁ ବାଟିକା ବିଭାଗର ସମସ୍ତ ଗୁରୁମା, ଅଭିଭାବକ ଏବଂ ସେବକ ସେବିକାଙ୍କ ସହଯୋଗରେ ସଫଳ ମଣ୍ଡିତ ହୋଇଥିଲା ।

## ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଅବସରରେ ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବଲାଙ୍ଗିର, ୦୭/୦୭ (ନି.ପ୍ର): ଆସନ୍ତା ଜୁଲାଇ ୨୫ ତାରିଖରେ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ହେବ। ଏହା ପୂର୍ବରୁ ଓଡିଶାର ସମସ୍ତ ଜିଲ୍ଲାରେ ସାହିତ୍ୟ ସଂପର୍କରେ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ଅନୁବାଦ ତଥା କବିତା ଆବୃତି ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଏହି କ୍ରମରେ ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚାରିଗୋଟି ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବଲାଙ୍ଗିର ଜିଲ୍ଲାର ୧୪ଟି ବ୍ଲକରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ବିଚାରକ ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ ସନାତନ ଠାକୁର, ରସରାଜ ଅଚ୍ୟୁତ ପୁରୋହିତ, କବି ବିଜୟ କୁମାର ତ୍ରିପାଠୀ, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, କୋଶଳ ପ୍ରବାହ'ର ସଂପାଦକ ଆନନ୍ଦ ଚନ୍ଦ୍ର ସାହୁ, କବି ଡକ୍ଟର ସଂଜୟ କୁମାର ମିଶ୍ର, ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ, ଶିକ୍ଷକ ରଂଜିତ ମିଶ୍ର, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର, କବୟତ୍ରୀ ସବିତା ମହରା, ସାମ୍ବାଦିକ ଗୋପାଳ ପ୍ରଧାନ, ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ହ୍ରିତିକ ନନ୍ଦ, ଖୁସିରାଣୀ ପଧାନ, ପ୍ରତିକ ଆନନ୍ଦ ସାହୁ, ସୁଶ୍ରୀ ଶୁଭସ୍ମିତା ମାହାକୁର, ସୌମ୍ୟାଶ୍ରୀ ପଟନାୟକ, ଅଭୀପସା ମିଶ୍ର, ସ୍ନିଗଧାରାଣୀ କୁଅଁର, ସ୍ୱାଗତିକା ଭୋଇ ଆସନ୍ତା ୧୪ ଜୁଲାଇ ଓ ୧୭ ଜୁଲାଇରେ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ବେଳେ ଅନଙ୍ଗ କୁମାର ସାଏ, ଶିବାଶିଷ ପୁରୋହିତ, ଆରତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତିଶୃତି ପରେ ପ୍ରତିଶୃତି: ଜରାଜୀର୍ଣ୍ଣ ଶ୍ରେଣୀଗୃହ ସତ୍ୱେ ଚାରିବର୍ଷ ବିତିଗଲା ହେଲେ ହେଲାନି ମରାମତି : ଆନ୍ଦୋଳନରେ ବସିଲେ ଛାତ୍ର ଛାତ୍ରୀ ଓ ଅଭିଭାବକ

ମାଲକାନଗିରି, ୦୭/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରୁ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର।୧୦୨ ଛାତ୍ରଛାତ୍ରୀରେ ଦୁଇ ଜଣ ଶିକ୍ଷକ। ବିଦ୍ୟାଳୟ ଭିତିଭୂମି ଅଭାବରୁ ରାସ୍ତା ରୋକ୍ କରି ରାଜରାସ୍ତାରେ ସ୍ୱପ୍ନ ସାଉଁଟିବାର ଚେଷ୍ଟାରେ କୋମଳମତି ଶିକ୍ଷାର୍ଥୀ। ବ୍ଲକ୍ ଏବଂ ଏନ୍.ଏ.ସି. ର କାଦୁଅ ଛଟା ଭିତରେ ଶିକ୍ଷଣ ଓ ଶିକ୍ଷାଦାନ ବାଧାପ୍ରାପ୍ତ। ଚରିତ୍ର ଗଠନ ଏବଂ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ବିତି ଯାଇଥିବା ପରେ ମଧ୍ୟ ଭିତିଭୂମି ଅଭାବରୁ ଶ୍ରେଣୀଗୃହ ଭିତରେ ଛାତରୁ ପାଣି ଖସିବା ହେଉ ବା ଛାତ ସ୍ଲାପ୍ ଖସିବା ଭୟ କିମ୍ବା ଶିକ୍ଷକ ଅଭାବ ଭିତରେ ସୁନେଲୀ ଭବିଷ୍ୟତ ନିର୍ମାଣରେ ଲାଗିପଡ଼ିଥିବା ଭଳି ଅଭାବନୀୟ ଘଟଣା ବାରମ୍ବାର ଦେଖିବାକୁ ମିଳୁଛି । ଏହା ସତ କିନ୍ତୁ ଅଧିକାଂଶ ଦଳିତ, ଆଦିବାସୀ, ଦିନ ମଜୁରିଆ, ଗରିବ, ଚାଷୀ, ମୂଲିଆ ଓ ଖଟିଖିଆ ମାନଙ୍କ ଛୁଆ ପଢୁଥିବା ଏହି ବିଦ୍ୟାଳୟର ସମସ୍ୟାକୁ ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତା ମାଧ୍ୟମରେ କେବଳ କାଗଜ ଓ କଲମ ଭିତରେ ହିଁ ସୀମିତ ରଖାଯାଉଥିବା ଦେଖିବାକୁ ମିଳିଛି । ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦ ର କଲୋନୀ ୧୨ ବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥା ଏବଂ ପ୍ରଶାସନିକ ଅବହେଳା ଆଜି ପଦାରେ ପଡ଼ିଛି । ବିଗତ ଜୁଲାଇ ୨୦୨୨ ରେ ଏକାଧିକ ଗଣମାଧ୍ୟମରେ ପ୍ରତିଫଳିତ ହୋଇଥିଲା ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ବିଜ୍ଞାପିତ ଅଂଚଳ ପରିଷଦର ୧୨ନଂ ୱାର୍ଡ୍ ସ୍ଥିତ କଲୋନୀ ୧୨ ପ୍ରାଥମିକ ବିଦ୍ୟାଳୟର ଭିତିଭୂମି ଅଭାବ ଜନିତ ବିକଳ ଚିତ୍ର । ତେବେ ତତ୍କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦପ୍ତରରୁ ମାଲକାନଗିରି ଜିଲ୍ଲାପାଳଙ୍କୁ ୧୯୦୯/୨୦୨୨ ଜରିଆରେ ଏକ ଲିଖିତ ଚିଠି ପଠାଇଥିଲେ ଯେଉଁଥିରେ ୫ ଏସ ଏଫ ସି ଅଧୀନରେ ୭ ଲକ୍ଷ ବ୍ୟୟ ବରାଦ କରାଯାଇଥିବା ଜଣାପଡ଼ିଥିଲା। ଘଟଣାକ୍ରମେ ଏକ ବର୍ଷର ପ୍ରଶାସନିକ ନୀରବତାକୁ ଭଙ୍ଗ କରିଥିଲା ୧୨ ଅଗଷ୍ଟ ୨୦୨୩ ରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ବିଦ୍ୟାଳୟରେ ତାଲାବନ୍ଦ ଏବଂ ଅସନ୍ତୋଷ। ସେହି ସମୟରେ ସ୍ଥାନୀୟ ବିଜ୍ଞାପିତ ଅଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟର ଉତେଜନା ସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ସହ ୭ ଲକ୍ଷରୁ ୭ଲକ୍ଷ ୭୦ହଜାର ଟଙ୍କାକୁ ବ୍ୟୟ ଅଟକଳ ବୃଦ୍ଧି ଜରିଆରେ ଖୁବ୍ ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ଏହା ସହ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ପଲିଥିନ ମାଧ୍ୟମରେ ଶ୍ରେଣୀଗୃହରେ ବର୍ଷା ପାଣି ନ ପଡ଼ିବା ନିମନ୍ତେ ଜରୁରୀକାଳୀନ ବନ୍ଦୋବସ୍ତ କରି ଦିଆଯାଇଥିଲା । ଇତିମଧ୍ୟରେ ପୁଣି ଏକ ବର୍ଷ ପ୍ରାୟ ବିତି ଯାଇଛି ସତ କିନ୍ତୁ ଆଜି ମଧ ମରାମତି ଅଭାବରୁ ଶ୍ରେଣୀଗୃହରେ ବର୍ଷା ପାଣି ପଡୁଛି, ବାରଣ୍ଡାରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି କୋମଳମତି ଛାତ୍ରଛାତ୍ରୀ । ତେବେ ଚଳିତ ୨୦୨୪ ଶିକ୍ଷାବର୍ଷ ଆରମ୍ଭ ସୁଦ୍ଧା ମଧ୍ୟ କୌଣସି ପଦକ୍ଷେପ ନେଇ ନଥିବା ଜାଣିବାପରେ ବିଦ୍ୟାଳୟର ଭିତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସ୍ଥାନୀୟ ସହଯୋଗ ଟିମ୍ ର ସଦସ୍ୟ ସଦସ୍ୟା, ସମାଜସେବୀ ଓ ଜନପ୍ରତିନିଧି, ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଖୋଦ୍ ଉପଜିଲ୍ଲାପାଳ ଏହି ଦାବିପତ୍ର ଗ୍ରହଣ କରିଥିଲେ । ସମସ୍ୟାର ଗମ୍ଭୀରତା କୁ ଯାଇ ଚଳିତ ଗ୍ରୀଷ୍ମ ଅବକାଶରେ ବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠ ଗୁଡ଼ିକୁ ଯାଂଚ୍ କରି ଆବଶ୍ୟକ ସ୍ଥଳେ ମରାମତି କିମ୍ବା ନୂତନ ଭାବେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଜିଲ୍ଲାପାଳଙ୍କୁ ଅବଗତ କରାଇବେ ବୋଲି କହିଥିଲେ । ଇତି ଅବସରରେ ଗ୍ରୀଷ୍ମ ଅବକାଶ ଶେଷ ହୋଇ ଯାଇଛି କିନ୍ତୁ ଧାରା ଶ୍ରାବଣରେ ପିଲାମାନେ ପୂର୍ବ ଅବସ୍ଥାରେ ଶିକ୍ଷାଗ୍ରହଣ କରୁଥିବା ଜାଣିପାରି ପୁଣି ଥରେ ଉପରୋକ୍ତ ସମସ୍ତ ବିଷୟକୁ ନେଇ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ବିଷୟରେ ଅବଗତ କରାଯାଇଥିଲା । ବର୍ଷା ପଡ଼ିବା ସହ ଶ୍ରେଣୀଗୃହରେ ବର୍ଷା ଜଳ ପଶିବା ଓ ବହୁବାର ଛାତରୁ ସିମେଂଟ ଖସିବା ଯୋଗୁଁ ଅତିଷ୍ଠ ହୋଇ ଅଭିଭାବକ ମାନେ ଆଜି ସକାଳୁ ପିଲାମାନଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ଆସି ରାଜରାସ୍ତାରେ ସାମୂହିକ ଧାରଣାରେ ବସିଥିଲେ । ଏ ବିଷୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପରେ ଜିଲ୍ଲାପାଳ ନିଜେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିମେଳା ରାଜସ୍ୱ ନିରୀକ୍ଷକ, କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଗ୍ରାଉଣ୍ଡ୍ ଜିରୋରୁ ରିପୋର୍ଟ୍ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗଣମାଧ୍ୟମରୁ ଖବର ପାଇ ସ୍ଥାନୀୟ ବିଧାୟକ ମଙ୍ଗୁ ଖିଲ ଓ ଜନପ୍ରତିନିଧି ମାନେ ମଧ୍ୟ କୋମଳମତି ଶିକ୍ଷାର୍ଥୀଙ୍କ ରାଜରାସ୍ତାରେ ବସିଥିବା ଦୁର୍ଭାଗ୍ୟଜନକ ପରିସ୍ଥିତିରେ ସହଭାଗୀ ହୋଇ ଜିଲ୍ଲାପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଚେତାଇବା ପାଇଁ ଏହି ଧାରଣାକୁ ସମର୍ଥନ କରି ବସିଥିଲେ । ଦୀର୍ଘ ୪ ଘଣ୍ଟାର ଗଣଧାରଣା ଭିତରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପରେ ଆଗାମୀ ୭ ଦିନ ସୁଦ୍ଧା ବିଦ୍ୟାଳୟ ମରାମତି କାର୍ଯ୍ୟ ଆରମ୍ଭ, ଖେଳିବା ପାଇଁ ଖେଳ ପଡ଼ିଆ ଚିହ୍ନଟ, ପିଲାଙ୍କ ପଢ଼ିବା ପାଇଁ ସକାଳେ ଓ ଦିନ ବେଳେ ବିଦ୍ୟାଳୟ ପରିଚାଳନା, ଅତିରିକ୍ତ ଦୁଇ ଶିକ୍ଷକ ନିଯୁକ୍ତି, ପିଇବା ପାଣି ଓ ଶୌଚାଳୟ ନିମନ୍ତେ ପାଣିର ଯୋଗାଣ ନିଷ୍ପତି ପରେ ଧାରଣାରୁ ସମସ୍ତେ ଓହରିଥିଲେ । ଆସନ୍ତା ମଙ୍ଗଳବାର ଠାରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ପରିଚାଳନା ସକାଳ ୬ରୁ ୧୧ ଏବଂ ଚତୁର୍ଥ ଓ ପଂଚମ ଶ୍ରେଣୀ ପରିଚାଳନା କାର୍ଯ୍ୟ ଦିନ ୧୧ରୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ନିୟମିତ ଶିକ୍ଷା ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଏହି ବିଷୟ ଅବଗତି ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଆଂଚଳିକ ସାଧନ ନିରୀକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ଏକ ଲିଖିତ ନିର୍ଦ୍ଧାରଣ କରିଥିଲେ । ସମୟ ପରିବର୍ତନ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଅବଗତି ଓ ଅନୁମତି ନିମନ୍ତେ ଏହାର ଏକକିତା ନକଲ ପଠାଇଥିବା ଜଣାପଡ଼ିଛି। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଜରିଆରେ ପ୍ରାଥମିକ ବିଦ୍ୟାଳୟରେ ୩୦ ଛାତ୍ରଛାତ୍ରୀ ଅନୁପାତରେ ଜଣେ ଶିକ୍ଷକ ନିଯୁକ୍ତିର ନିୟମକୁ କେବେ ରାଜ୍ୟ ସରକାର ଓ ପ୍ରଶାସନ ନିଶ୍ଚିତ କରାଇବେ ତାହା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତମାନ ଦେଖିବାକୁ ଅପେକ୍ଷା ରହିଲା, ଦୀର୍ଘ ୪ ବର୍ଷ ଧରି ଜରାଜୀର୍ଣ୍ଣ ଶ୍ରେଣୀଗୃହରେ କୋମଳମତି ଶିକ୍ଷାର୍ଥୀଙ୍କ ଭବିଷ୍ୟତ ନିର୍ମାଣର ସ୍ୱପ୍ନକୁ, ୪ ଘଂଟା ରାଜରାସ୍ତାରେ ଧାରଣା ପରେ ଜନପ୍ରତିନିଧି ତଥା ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ମିଳିତ ନିଷ୍ପତି କେତେ ଶୀଘ୍ର ସାକାର କରିବ ଓ କେତେଶୀଘ୍ର ବିଦ୍ୟାଳୟର ଭିତିଭୂମି ସୁଧାର ହୋଇ ଶିକ୍ଷଣ ଓ ଶିକ୍ଷାଦାନ ସ୍ୱାଭାବିକ ହେବ ?

## ଭୁବନରେ ବନ ମହୋତ୍ସବ ପାଳିତ

ଭୁବନ, ୦୭/୦୭ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓ ମହିଳା ହାୟର ସେକେଣ୍ଡାରୀ ସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସମର ଶିକ୍ଷାର୍ଥୀ ବାହିନୀ,ଜାତୀୟ ସେବା ଯୋଜନା, ୟୁଥ୍ ରେଡକ୍ରସ, ସ୍କାଉଟ ଗାଇଡ ଛାତ୍ରୀଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି ଜଙ୍ଗଲ କ୍ଷୟ ଓ ବୃକ୍ଷ ହାନି ଯୋଗୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହେବା ସହ ସନ୍ ଷ୍ଟ୍ରୋକ ହେଉଛି । ବୃକ୍ଷ ରୋପଣ ଦ୍ୱାରା ଜଳବାୟୁ ପରିବର୍ତନର ସନ୍ତୁଳନ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଯୁକ୍ତ ଦୁଇ ଅଧ୍ୟକ୍ଷା ସୁପ୍ତିମୟୀ ସେନ ଙ୍କ ସମେତ ଅଧ୍ୟାପିକା ଡ଼ଃ. ମମତା ପାତ୍ର, ନମିତା ଦ୍ୱିବେଦୀ, ଅନୁପମା ମିଶ୍ର, କ୍ୟାପଟେନ ପ୍ରମିଳା ଦାସ, ନିରଞ୍ଜନ ନାୟକ,ସୁରେନ୍ଦ୍ର ଗୁରୁ, ବିଜୟ ପୃଷ୍ଟି, ଲକ୍ଷ୍ମଣ ସାହୁ, ପ୍ରଣତି ବେହେରା ଓ ସମସ୍ତ କର୍ମଚାରୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ ।

ଅନୁରୂପ ଭାବେ ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବନ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା ଓ ସମ୍ମାନିତ ଅତିଥି ଭାବେ ଫରେଷ୍ଟ ରେଞ୍ଜର ରାକେଶ କୁମାର ଦଳେଇ, ଫରେଷ୍ଟର କଳ୍ପନା ବେହେରା, ଶଶିରେଖା ଦିଆନି ଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଯୋଗଦେଇ ଚାରା ରୋପଣ କରିଥିଲେ ।

## ଜୟପୁର ବ୍ଲକରେ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ

ଜୟପୁର, ୦୭/୦୭ (ନି.ପ୍ର): ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜୟପୁର ବ୍ଲକରେ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହେଉଛି । ଏହି ଅବସରରେ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଚେତନତା ରଥକୁ ମେଡିକାଲ ଅଫିସର ସୋମିତ୍ର ଦଳେଇ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଏହି ରଥ ଦ୍ୱାରା ବ୍ଲକର ବିଭିନ୍ନ ଗ୍ରାମରେ ଡାକବାଜିଯନ୍ତ୍ର, ପ୍ରଚରପାତ୍ର ଓ ପୋଷ୍ଟର ଆଦି ମାଧ୍ୟମରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ହେଉଥିବା ସମସ୍ୟା, ସରକାରଙ୍କ ପକ୍ଷରୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଥିବା ବ୍ୟବସ୍ଥା ଆଦି ବିଷୟରେ ସଚେତନତା ସୃଷ୍ଟି କରିବା ବ୍ୟବସ୍ଥା ହୋଇଛି । ଏଥି ସହିତ ଆଶାକର୍ମୀ ମାନେ ଘର ଘର ବୁଲି ଲୋକଙ୍କୁ ପରିବାର ନିୟୋଜନ ପାଇଁ ଥିବା ବ୍ୟବସ୍ଥା, ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ, ସୁବିଧା ସୁଯୋଗ ଆଦି ବିଷୟରେ ସଚେତନ କରିବା କାର୍ଯ୍ୟକ୍ରମ ରହିଛି । ଯୋଗ୍ୟ ପୁରୁଷ ଓ ମହିଳାଙ୍କୁ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ହେଉଥିବା ସ୍ୱତନ୍ତ୍ର ଶିବିରର ସୁଯୋଗ ନେବା, ବିଭିନ୍ନ ଅସ୍ଥାୟୀ ପଦ୍ଧତି ଆଦି ବିଷୟରେ ସଚେତନ କରି ଅଧିକ ଉପଭୋକ୍ତାଙ୍କୁ ସାମିଲ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ୟବସ୍ଥା ହୋଇଥିବା ଜଣାଯାଇଛି। ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି। ଏହି କାଯ୍ୟକ୍ରମରେ ମେଡିକାଲ ଅଫିସର ଇନଚାର୍ଜ ମୋନାଲିସା ନାୟକ, ପିଏଚଇଓ ଧରିତ୍ରୀ ମୁଦୁଲି, ବିପିଏମ ଦୀପାନିତା ପଟ୍ଟନାୟକ, ହିମାଂଶୁ ମିଶ୍ର, ସୁପ୍ରଭାଇଜର ସୁଶାନ୍ତ କୁମାର ନାୟକ, ପ୍ରଶାନ୍ତ ମହାରଣା, ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରିଜ୍ ତଳୁ ୧୫୬ କେଜି ଗଚ୍ଛିତ ଗଞ୍ଜେଇ ଜବତ

ଜୟପୁର, ୦୭/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ଥାନା ଅର୍ନ୍ତଗତ ୩୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ମନ୍ତ୍ରୀ ଆମ୍ବଗୁଡା ପାଖରେ ଏକ ବ୍ରିଜ୍ ତଳୁ ୧୫୬ କେଜି ଗଚ୍ଛିତ ଗଞ୍ଜେଇ ଜବତ କରିଛି ବୈପାରିଗୁଡା ପୁଲିସ। ବୈପାରିଗୁଡା ଥାନା ଅଧିକାରୀ ଦୀପାଞ୍ଜଳୀ ପ୍ରଧାନ କୌଣସି ଏକ ବିଶେଷ ଖବର ପାଇ ତୁରନ୍ତ ଏକ ଟିମ୍ ଗଠନ କରି ଘଟଣାସ୍ଥଳରେ ପହଂଚି ଥିଲେ। ବୈପାରିଗୁଡା ଥାନା ଅର୍ନ୍ତଗତ ରାଂଚି ଓ ବିଜୟୱାଡା ତଥା ୩୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ମନ୍ତ୍ରୀ ଆମ୍ବଗୁଡା ପାଖରେ ଥିବା ବ୍ରିଜ୍ ନିକଟରେ ପୋଲିସ ପହଂଚି ତଦନ୍ତ କରିବା ସମୟରେ ୬ଟି ବସ୍ତା ବାହାରି ଥିଲା। ପୋଲିସ ବସ୍ତା ଖୋଲି ଦେଖିବା ବେଳେ ସେଥିରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ ହୋଇଥିଲା। ବୈପାରିଗୁଡା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଓଜନ ପରେ ୧୫୬ କେଜି ଗଚ୍ଛିତ ଗଞ୍ଜେଇ ଜବତ ହୋଇଥିବା ଥାନା ଅଧିକାରୀ ଦୀପାଞ୍ଜଳୀ ପ୍ରଧାନ ସୂଚନା ଦେଇଛନ୍ତି। ବର୍ତମାନ ସୁଦ୍ଧା କୌଣସି ଗଞ୍ଜେଇ ମାଫିଆ ପୋଲିସ ହାତରେ ଧରାପଡି ନାହାନ୍ତି। ପୋଲିସ ବର୍ତମାନ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ମାନଙ୍କୁ ଯଥାଶୀଘ୍ର କାବୁ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଦିନକୁ ଦିନ ଗଞ୍ଜେଇ ବେପାରୀ ଓ ମାଫିଆ ମାନେ ନୂଆ ନୂଆ ଯୋଜନା ମାନ କରି ଗଞ୍ଜେଇ ଚୋରା ଚାଲାଣ ଯୋଜନା କରୁଥିବା ଦେଖିବାକୁ ମିଳିଛି। କିନ୍ତୁ, କୋରାପୁଟ ଜିଲ୍ଲା ପୋଲିସ ଗଞ୍ଜେଇ ଚୋରା ଚାଲାଣକୁ ରୋକିବା ଏବଂ ମାଫିଆ ମାନଙ୍କୁ ଧରିବାରେ ସକ୍ରିୟ ରହିଛନ୍ତି। କିଏ ଏବଂ କାହିଁକି ଏତେ ପରିମାଣରେ ଗଞ୍ଜେଇ ଗଚ୍ଛିତ ରଖିଥିଲା ତାହା ବୈପାରିଗୁଡା ପୋଲିସ ତଦନ୍ତ ଆରମ୍ଭ କରି ତନାଘନା କରୁଥିବା ଜଣାପଡିଛି।

# ପରିବେଶ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ ଫକୀରମୋହନ ନାଏକ

ହରିଚନ୍ଦନପୁର, ୦୭/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବଡପଳାଶପାଳ ଗ୍ରାମପଂଚାୟତ ଗୋଳାବନ୍ଧ ଗ୍ରାମରେ ପରିବେଶ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଲେ ତେଲକୋଇ ବିଧାୟକ ଡା. ଫକିର ମୋହନ ନାଏକ । ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଦିନ ନବ ନିର୍ବାଚିତ ତେଲକୋଇ ବିଧାୟକ ଭଅଁରପୁର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସମସ୍ୟା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବୁଝିଥିଲେ । ରହିଥିବା ସମସ୍ୟା ଗୁଡ଼ିକର ଶିଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଛାତ୍ରଛାତ୍ରୀମାନଙ୍କ ମିଶି ଶିକ୍ଷା ସମ୍ପର୍କରେ ପ୍ରେରଣା ଦେଇଥିଲେ । ପରେ ଗୋଳାବନ୍ଧ ଗ୍ରାମରେ ପରିବେଶ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷ ରୋପଣ ସହ ଗଛଟିଏ କେମିତି ବଂଚାଇ ରଖାଯିବ ଓ ତା'ର ସୁରକ୍ଷା ସମ୍ବନ୍ଧରେ ବୈଠକରେ ଆଲୋଚନା କରିଥିଲେ । ୨୫ ବର୍ଷ ପରେ ନିଜ ଗ୍ରାମରେ ବିଧାୟକଙ୍କୁ ପାଇଁ ଗ୍ରାମର ମହିଳାମାନେ ବନ୍ଦାପନା ସହ ଗ୍ରାମରେ ରହିଥିବା ସମସ୍ୟା ସଂପର୍କରେ ଜନସାଧାରଣ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ସମର୍ଥକଙ୍କ ସହ ଶହଶହ ଜନସାଧାରଣ ଉପସ୍ଥିତ ରହିଥିଲେ । ଏଥିସହ ହରିଚନ୍ଦନପୁର ବ୍ଲକର କାର୍ଯ୍ୟକର୍ତା, ଚର୍ତୁଭୂଜ ସାହୁ, ସଞ୍ଜୟ ସାହୁ, ଅନନ୍ତ ସାହୁ, ଉତମ ସାହୁ, ସାରଙ୍ଗ ନାଏକ, ଜିତୁ ସାହୁ, ମଣିଚରଣ ମୋଦି, ଅଭିମନ୍ୟୁ ସାହୁ, ସୁଧାକର ସାହୁ, ଜୟକୃଷ୍ଣ ମହାନ୍ତ, ହୃଷିକେଶ ମହାନ୍ତ, ଭାଲୁ ବେଜ୍ ସମେତ ବିଜେପିର ଅନେକ କର୍ମକର୍ତା ଯୋଗ ଦେଇଥିଲେ ।

# ସମାନ ଦରରେ ବସ୍ ଚଳାଇବା ଓ ରାଜକୋଷର ସୁରକ୍ଷା ଦେବାକୁ ବସ୍ ସଂଘ ମିଳିତ ମଂଚର ଦାବି

ସୋନପୁର, ୦୭/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ହୋତା ରେସିଡେନ୍ସି ଠାରେ ସୁବର୍ଣ୍ଣପୁର ଜିଲ୍ଲା ବସ୍ ମାଲିକ ସଂଘ ଆନୁକୂଲ୍ୟରେ ପଶ୍ଚିମାଚଂଳ ଓ ଦକ୍ଷିଣାଚଂଳର ସମସ୍ତ ଘରୋଇ ବସ୍ ମାଲିକ ସଂଘକୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ବିଗତ ସରକାର ସମୟରୁ ଚାଲିଥିବା ଲକ୍ଷ୍ମୀ ବସ୍ ଚଳା ଚଳ କୁ ପଂଚାୟତ ରୁ ବ୍ଲକ୍ ମଧ୍ୟ ରେ ସୀମିତ ରଖିବା ପାଇଁ ପଶ୍ଚିମାଚଂଳ ଓ ଦକ୍ଷିଣାଚଂଳ ଘରୋଇ ବସ ମାଲିକ ମଧ୍ୟ ରେ ଦାବୀ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଓ ଓଡ଼ିଶାରେ ନୂତନ ସରକାର ବର୍ତମାନ ଓଏସଆରଟିସି ଦ୍ୱାରା ସେଇ ଲକ୍ଷ୍ମୀ ବସ୍ ନାଁ କୁ ମୁଖ୍ୟମନ୍ତ୍ରୀ ବସ୍ ସେବା ରୂପେ ପରିବର୍ତନ କରାଇ ସେବା ଆରମ୍ଭ କରିଥିବାରୁ ସମାନ ଦର ରେ ବସ୍ ଟିକସ ନେବା ପାଇଁ ମୋହନ ସରକାରଙ୍କୁ ଲିଖିତ ଅନୁରୋଧ କରିଛନ୍ତି। ଭୌଗଳିକ ଦୃଷ୍ଟି କୋଣରୁ ବିଭିନ୍ନ ଅଂଚଳରେ ବିଭିନ୍ନ ସମସ୍ୟା ଦେଖା ଦେଇଛି ଏହାକୁ ଆଗାମୀ ଦିନରେ ସରକାରୀ ଓ ବେସରକାରୀ ସ୍ତରରେ ସୁଧାର ଆଣିବାକୁ ଏହି ମିଳିତ ମଂଚ ସବୁ ବେଳେ କାମ କରିବ ବୋଲି ମଧ୍ୟ ପ୍ରସ୍ତାବ ହୋଇଛି। ଏହି ବନ୍ଧୁ ମିଳନରେ ଖରୀଆର, ରାୟଗଡ଼ା, ଉମରକୋଟ, ବିଷମକଟକ, ମୁନିଗୁଡା, କୋରାପୁଟ,ସୋନପୁର, ଫୁଲବାଣୀ, ବାଲିଗୁଡା, ପଦମପୁର, ବରଗଡ଼, ବଲାଙ୍ଗୀର, ଟିକାବାଲି, ବୌଦ୍ଧ, ନବରଙ୍ଗପୁର, ମାଲକାନଗିରି, ଗୁଣପୁର, ନୂଆପଡ଼ା, ଜୟପୁର, କୁଚିଣ୍ଡା, ଦେବଗଡ଼, ରେଢ଼ାଖୋଲ, କଳାହାଣ୍ଡି, ଝାରସୁଗୁଡ଼ା କୁ ନେଇ ସର୍ବମୋଟ ୨୨ ଜିଲ୍ଲା ର ସଂଘ କର୍ମକର୍ତା ଯୋଗଦାନ କରିଥିଲେ । ଆଗାମୀ ଦିନରେ ଏକ କମିଟି ଗଠନ କରି ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ମୋ ବସ୍ ସେବା ରେ ଯେମିତି ଆର୍ଥିକ ସ୍ତରରେ ଓଡ଼ିଶାର ରାଜକୋଷ ର କ୍ଷତି ନ ପହଂଚାଇବ ସେ ବିଷୟରେ ଅବଗତ କରାଇବା ବୋଲି ମତ ରଖିଥିଲେ।

# ଅତୀତରେ ଆମ ସଭ୍ୟତା 'ଆରଣ୍ୟକ' ନାମରେ ପରିଚିତ ଥିଲା : ଅଧ୍ୟାପିକା କୁମକୁମ



ଉଦଳା , ୦୭/୭ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ ପର୍ବ ପାଳିତ ହୋଇଯାଇଛି । ମହାବିଦ୍ୟାଳୟରେ ଥିବା ଇକୋ କ୍ଲବ, ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ଜାତୀୟ ସମର ଶିକ୍ଷାର୍ଥି ବାହିନୀର ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ବୃକ୍ଷ ରୋପଣ କରି ଏହି ପର୍ବ ପାଳନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଏହି ଅବସରରେ ଜଙ୍ଗଲ ପରିବେଶ ସମଗ୍ର ଜୀବ ଜଗତକୁ ସୁସ୍ଥ ଓ ନିରୋଗ ରଖିବା ସହିତ କିପରି ମାନସିକ ଶାନ୍ତି ପ୍ରଦାନ କରିଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅଧ୍ୟାପକ ଡ଼. ନିରଂଜନ ପାଠୀ, ବିଜୟ କୁମାର ନାୟକ, ପ୍ରସନ୍ନ କୁମାର ପଣ୍ଡା, ଅଧ୍ୟାପିକା ସସ୍ମିତା ଲାୟା କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ । ସେହିପରି ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ତରଫରୁ ମଧ ବନମହୋତ୍ସବ ବେଶ ଆନନ୍ଦ ଉଲ୍ଲାସ ମଧରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର +୨ ଓ +୩ରେ ଥିବା ଇକୋ କ୍ଲବ , ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ରେଂଜର୍ସ ୟୁନିଟର ଛାତ୍ରୀ ମାନେ ମିଳିତ ଭାବରେ ବୃକ୍ଷ ରୋପଣ କରି ଏହି ପର୍ବ ପାଳନ କରିଥିବାର ଜଣାଯାଇଛି । ଏହି ଅବସରରେ ଅଧ୍ୟାପିକା କୁମକୁମ ଦାସ, ଅତିତରେ ଆମ ଦେଶ ଜଙ୍ଗଲ ସଂପଦରେ ଭରପୁର ଥିଲା, ତେଣୁ ଆମ ସଭ୍ୟତାକୁ 'ଆରଣ୍ୟକ' କୁହାଯାଉଥିଲା ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ ଅଧ୍ୟାପିକା ଲକ୍ଷ୍ମିପ୍ରିୟା ସାମଲ, ମେରିନା ପଣ୍ଡା, ଅଧ୍ୟାପକ ଗିରିଜା ଶଙ୍କର ପାତ୍ର, ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ ପ୍ରମୁଖ ଯୋଗ ଦେଇ ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ସଂପଦର ଆବଶ୍ୟକତା କିପରି ବର୍ତ୍ତମାନ ଜରୁରି ହୋଇ ପଡ଼ିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଶରଧାବାଲି ଅଭିମୁଖେ ...

ଶ୍ରୀକ୍ଷେତ୍ରରେ ରଥ ଟଣା ବେଳେ ଅଘଟଣ ଘଟିଛି । ତାଳଧ୍ୱଜ ରଥ ଟଣା ବେଳେ ଅଣନିଶ୍ୱାସୀ ହୋଇ ଜଣେ ଶ୍ରଦ୍ଧାଳୁ ତଳେ ପଡ଼ି ଯାଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ପୁରୀ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ବ୍ୟକ୍ତି ଜଣକ ଅଣ ଓଡ଼ିଆ ବୋଲି ଜଣାପଡୁଛି । ହେଲେ ତାଙ୍କର ପରିଚୟ ଜଣାପଡ଼ି ନାହିଁ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁସାରେ ମୃତ ବ୍ୟକ୍ତି ଜଣକ ରଥ କର୍ଡନ ପାର୍ଶ୍ୱରେ ପଡ଼ି ଯାଇଥିଲେ । ତାଙ୍କୁ ଉଦ୍ଧାରକାରୀ ଦଳ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ବର୍ତ୍ତମାନ ସୁଦ୍ଧା ମୃତ ବ୍ୟକ୍ତିଙ୍କର ପରିଚୟ ଜଣାପଡ଼ିନି । ଏହାକୁ ଦଳାଚକଟା ଜନିତ ମୃତ୍ୟୁ ବୋଲି କୁହାଯିବ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି । ସେପଟେ ଆଜି ଶ୍ରୀକ୍ଷେତ୍ରରେ ପ୍ରବଳ ଗହଳି ସହିତ ଭୀଷଣ ଗୁଳୁଗୁଳି ହେଉଛି । ଯେଉଁଥିପାଇଁ ଜୀବନଯାତ୍ରା ପ୍ରଭାବିତ ହୋଇଛି । ପ୍ରବଳ ଗୁଳୁଗୁଳି ଯୋଗୁ ପର୍ଯ୍ୟାୟ କ୍ରମେ ୬୦୦ରୁ ଅଧିକ ଶ୍ରଦ୍ଧାଳୁ ଅସୁସ୍ଥ ହୋଇଥିଲେ । ସମସ୍ତଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ କେତେକ ଶ୍ରଦ୍ଧାଳୁ ମେଡ଼ିକାଲ୍‌ରୁ ଡିସ୍‌ଚାର୍ଜ ହୋଇଥିବା ବେଳେ ଆଉ କିଛି ଏବେ ମଧ ଚିକିତ୍ସିତ ହେଉଛନ୍ତି ।

### ୨୪ ଘଣ୍ଟାରେ...

ବେଳେ ଦଳର ଓପନର ଓ୍ୱେସ୍‌ଲେ ମାଧେଭେରେ ଖୁଣ୍ଟ ଭଳି ଛିଡ଼ା ହୋଇଥିଲେ । ସେ ଅର୍ଦ୍ଧଶତକ ଆଡ଼କୁ ଯାଉଥିବା ବେଳେ ତାଙ୍କୁ ରବି ବିଷ୍ଣୋଇ ଆଉଟ କରି ସବୁ ଆଶାରେ ପାଣି ପକାଇ ଦେଇଥିଲେ । ମାଧେଭେରେ ୩୯ ବଲରେ ୪୩ ରନର ଇନିଂସ ଖେଳିଛନ୍ତି । ଏହି ଇନିଂସରେ ସେ ଗୋଟିଏ ଛକା ଓ ୩ଟି ଚୌକା ମାରିଛନ୍ତି । ଲୁକେ ଜୋଙ୍ଗୱେ ଶେଷ ଭାଗରେ କିଛି ବଡ଼ ଶଟ ଖେଳିବାରୁ ଦଳୀୟ ସ୍କୋର ୧୦୦ ପାର କରିଥିଲା । ତେବେ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ଥିଲା । ଜୋଙ୍ଗୱେ ଦମଦାର ବ୍ୟାଟିଂ କରୁଥିବା ବେଳେ ଆବେଶ ଖାନ ୨ ରନ କରିଥିବା ବ୍ଲେସିଂ ମୁଜାରାବାନିଙ୍କୁ ଆଉଟ କରି ଜିମ୍ବାୱେକୁ ୯ମ ଝଟକା ଦେଇଥିଲେ । ତଥାପି ଜୋଙ୍ଗୱେ ଶଟ ଖେଳିବା ବନ୍ଦ କରି ନଥିଲେ । କିନ୍ତୁ ୧୯ତମ ଓଭରର ୪ ର୍ଥ ବଲରେ ମୁକେଶ କୁମାର ୩୩ ରନ କରିଥିବା ଜୋଙ୍ଗୱେଙ୍କୁ ଆଉଟ କରି ଜିମ୍ବାୱେ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ । ଜିମ୍ବାୱେ ୧୮.୪ ଓଭରରେ ୧୩୪ କରି ସମସ୍ତ ୱିକେଟ ହରାଇବାରୁ ଭାରତ ୧୦୦ ରନରେ ମ୍ୟାଚ ଜିତି ନେଇଛି ।

### ୨୪ ଘଣ୍ଟାରେ ପ୍ରତିଶୋଧ...

ଦିଆଯାଇଥିବା ବେଳେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ ଓ ଦେବୀ ମିଶ୍ର ପ୍ରମୁଖଙ୍କୁ ରାଜ୍ୟସ୍ତରୀୟ ମୁଖପାତ୍ର କରାଯାଇଛି । ସେହିପରି ମୋଟ ୧୪ ଜଣ ନେତା ହୋଇଛନ୍ତି ରାଜ୍ୟସ୍ତରୀୟ ମୁଖପାତ୍ର । ସନ୍ତୃପ୍ତ ମିଶ୍ର ଓ କଳିକେଶ ସିଂଦେଓଙ୍କ ସମେତ ୬ ନେତାଙ୍କୁ ଜାତୀୟ ମୁଖପାତ୍ର ଭାବେ ଦାୟିତ୍ୱ ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । କିନ୍ତୁ ଜିଲ୍ଲାସ୍ତରୀୟ ପଦ ପଦବୀ ଅପରିବର୍ତ୍ତିତ ରହିଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ।

# ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପହଣ୍ଡିରେ ରଥାରୁଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତୀ



ନୀଳଗିରି , ୦୭/୭ (ନି.ପ୍ର): କୋଟି ଓଡିଆଙ୍କ ମଉଡମଣୀ, ପରମ ପ୍ରେମମୟ କରୁଣାର ଅବତାରୀ ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ବା ଶ୍ରୀଗୁଣ୍ଡିଚା ଉପଲକ୍ଷେ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଦିବ୍ୟଲୀଳା ପ୍ରଦର୍ଶନ ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଏହି ଉପଲକ୍ଷେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପହଣ୍ଡି ବିଜେ ନୀତି ସମ୍ପନ୍ନ ହୋଇ ରଥାରୁଢ଼ କରାଯାଇଛି । ପ୍ରଥମେ ଶ୍ରୀମନ୍ଦିର ଅଣସର ଚକଡାରେ ନୀଳଗିରି ରାଜା ଓ ରାଣୀଙ୍କ ଦ୍ୱାରା ସୁବର୍ଣ୍ଣ ଆଳତୀରେ ବନ୍ଦାପନା କରାଯାଇଥିଲା । ପରେ ନେତ୍ରୋତ୍ସବ, ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ, ଆଜ୍ଞାମାଳ ବିଜେ, ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ, ଡୋରଲାଗି ରାଜନୀତି ବନ୍ଦାପନା ନୀତି ସମାପନ ପରେ ଅପରାହ୍ନ ଚାରିଟା ରେ ଶ୍ରୀଗୁଣ୍ଡିଚା ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ଜଗନ୍ନାଥଙ୍କ ଆଦ୍ୟସେବକ ନୀଳଗିରି ମହାରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ଦ୍ୱାରା ଛେରାପହଁରା କରାଯିବା ସହ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ ନୀତି । ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶେଷରେ ମହାବାହୁ ଜଗନ୍ନାଥଙ୍କୁ ପଣ୍ଡା ପଢ଼ିଆରି ମାନେ ଧାଡ଼ି ପହଣ୍ଡିରେ ରଥାରୁଢ଼ କରିଥିଲେ । ଶେଷରେ ରାମକୃଷ୍ଣ ମଦନ ମୋହନ ରଥ ବିଜେ ହୋଇଥିଲେ । ନବଦିନାତ୍ମକ ଏହି ଘୋଷଯାତ୍ରାରେ ଶ୍ରୀମନ୍ଦିର ରତ୍ନ ସିଂହାସନ ପରିତ୍ୟାଗ କରି ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ସଙ୍କୀର୍ତ୍ତନ, ଘଣ୍ଟ ଘଣ୍ଟା, କାହାଳୀ, ମୃଦଙ୍ଗ ଓ ଜୟ ଜଗନ୍ନାଥ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠିଥିଲା । ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ସ୍ୱତନ୍ତ୍ର ଘଣ୍ଟୁଆ ଦଳର ଘଣ୍ଟନାଦରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ରଥ ସାମ୍ନାରେ ଓଡ଼ିଶୀ ନୃତ୍ୟ ପରିବେଷଣ ଯାତ୍ରାକୁ ଆହୁରି ଋଦ୍ଧିମନ୍ତ କରିଥିଲା ।ଏହି ଅବସରରେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ତହସିଲଦାର ଦିପ୍ତିମୟୀ ବେହେରା, ଏନ.ଏ.ସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ,ଆଇ ଆଇ ସି ଗୋପାଳ ଚନ୍ଦ୍ର କର୍ଣ୍ଣ, ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଏହି ପବିତ୍ର ପହଣ୍ଡି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ନୀଳଗିରି ରଥଯାତ୍ରାରେ ପ୍ରଥମ ଦିନ ପହଣ୍ଡି ବିଜେ ହୋଇ ରଥାରୁଢ଼ ହେବା ପରେ ପର ଦୁଇଦିନ ରଥଟଣା ହୋଇ ଆଡ଼ପ ମଣ୍ଡପ ବିଜେ କରିବାର ପରମ୍ପରା ରହିଛି ।

# ଫୁଲବାଣୀରେ ଅତି ଆନନ୍ଦ ଉଲ୍ଲାସରେ ରଥ ଯାତ୍ରା ପାଳିତ

କନ୍ଧମାଳ, ୦୭/୭ (ନି.ପ୍ର): ପବିତ୍ର ରଥଯାତ୍ରା ପର୍ବ ସମଗ୍ର ପୃଥିବୀରେ ପାଳିତ ହେଉଛି । ଏହି ଅବସରରେ ଫୁଲବାଣୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଜି ତିନି ଠାକୁରଙ୍କ ପବିତ୍ର ରଥଯାତ୍ରା ଅତି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଆଜି ଠାକୁରଙ୍କ ରୀତି ନୀତି ପ୍ରକାରେ ଭୋର ବେଳୁ ମଙ୍ଗଳ ଆଳତୀ କରାଯିବା ପରେ ରଥ ପ୍ରତିଷ୍ଠା, ନେତ୍ର ଉତ୍ସବ, ନବଯୌବନ ଦର୍ଶନ, ମଇଲମ ତଡପ ଲାଗି, ସୂର୍ଯ୍ୟ ପୂଜା, ରୋଷଘର ହୋମ, ଅବକାଶ ଓ ଦ୍ୱାରପାଳ ପୂଜା, ରାଜାଙ୍କୁ ନିମନ୍ତ୍ରଣ, ମଙ୍ଗଳାର୍ପଣ ପରେ ପରେ ତିନି ଠାକୁରଙ୍କ ସମେତ ସୁଦର୍ଶନଙ୍କ ପହଣ୍ଡି ପରେ ପରେ ଛେରା ପହଁରା ନିତୀରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଗଜପତି ବେଶରେ ମନ୍ଦିରରେ ପହଂଚି ତିନି ଠାକୁରଙ୍କ ପୂଜା ଅର୍ଚ୍ଚନା କରିବା ସହିତ ତିନି ଠାକୁରଙ୍କ ରଥାରୁଢ ହେବା ପରେ ଛେରା ପହଁରା କରିଥିଲେ । ଏହି ଅବସରରେ ତାଙ୍କ ସହିତ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ମଧ ଉପସ୍ଥିତ ଥିଲେ ।

# ପାରାଦୀପରେ ମହାପ୍ରଭୁଙ୍କ ଘୋଷଯାତ୍ରା



ପାରାଦୀପ, ୦୭/୭ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବନ୍ଦରର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଜଗନ୍ନାଥଙ୍କ ମନ୍ଦିରରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ରଥଯାତ୍ରା ପାଇଁ ବନ୍ଦର ନଗରୀ ଅନ୍ତେବାସୀ ଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଥିଲା । ରଥ ଉପରେ ଶ୍ରୀଜୀଉ ଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତ ଆଜି ମାଉସୀମା ମନ୍ଦିର ଠାରୁ ଜଗନ୍ନାଥ ଙ୍କ ମନ୍ଦିର ପର୍ଯ୍ୟନ୍ତ ଭିଡ ଜମାଇଥିଲେ ।ସହର ଲୋକାରଣ୍ୟ ହୋଇଥିବା ବେଳେ ପୁଲିସ ଏବଂ ଲଳିତ କଳା ସଂସଦ ପକ୍ଷରୁ ପ୍ରସ୍ତୁତି ଜୋର ଦାର ଥିଲା । ଏବର୍ଷ ସ୍ୱତନ୍ତ୍ର ରଥଯାତ୍ରା ପଡ଼ିଥିବାରୁ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରଥଯାତ୍ରା ର ସମସ୍ତ ରୀତିନୀତି ପାଳନ କରାଯାଇ ମଧ୍ୟାହ୍ନରୁ ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି କାର୍ଯ୍ୟ ସମ୍ପର୍ଣ୍ଣ ପରେ ବନ୍ଦର ଅଧ୍ୟକ୍ଷ ଙ୍କ ଛେରାପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପରେ ଅପରାହ୍ନ ୪ ଟାରୁ ରଥ ଟଣା ଆରମ୍ଭ ହୋଇଥଲା ।ରଥ ଯିବା ବାଟରେ ଭକ୍ତମାନେ ଶୃଙ୍ଖଳିତ ଭାବେ ରଥକୁ ଛୁଇଁବା ସହିତ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଜଗନ୍ନାଥ ମନ୍ଦିର ପାଖରୁ ମାଉସୀମା ଛକ ପର୍ଯ୍ୟନ୍ତ ରଙ୍ଗ ବେରଙ୍ଗର ଆଲୋକ ମାଳରେ ସଜ୍ଜିତ କରାଯାଇଥିଲା । ୧୯୯୦ ରୁ ଆଜି ପର୍ଯ୍ୟନ୍ତ ବନ୍ଦର ସହରରେ ଆୟୋଜିତ ରଥଯାତ୍ରା ରେ ରାଜାଙ୍କ ଛେରା ପହଁରା କାର୍ଯ୍ୟ ବନ୍ଦରର ଅଧ୍ୟକ୍ଷ କରିଆସୁଛନ୍ତି । ଆଜି ଅଧ୍ୟକ୍ଷ ଶ୍ରୀ ପିଏଲ ହାରନାଧ ଏହି ରଥଯାତ୍ରା ରେ ଛେରାପହଁରା କାର୍ଯ୍ୟ କରିଥିଲେ । ଅଧ୍ୟକ୍ଷ ଙ୍କ ସହଧର୍ମିଣୀ ଏବଂ ବନ୍ଦରର ବହୁ ଅଧିକାରୀ ଛେରାପହଁରା ନିକଟରେ ଉପସ୍ଥିତ ଥିଲେ ।ସନ୍ଧ୍ୟା ୬ ଟାରେ ରଥ ମାଉସୀମା ମନ୍ଦିର ନିକଟରେ ପହଞ୍ଚି ଥିଲା ।

# ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ରଥଯାତ୍ରା



ପାରାଦୀପ, ୦୭/୭ (ନି.ପ୍ର): ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ରିଫାଇନାରୀ ଟାଉନଶିପ ଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା ।ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଶୁଭଦ୍ରା ମା'ଙ୍କ ବାର୍ଷିକ ଆଗମନରେ ଭକ୍ତମାନେ ଉତ୍ସାହ ଓ ଆନନ୍ଦର ସହିତ ପାଳନ କରିଥିଲେ ।ସେ ସ୍ଥାନର ବାତାବରଣ ଟି ଭଜନ, କୀର୍ତ୍ତନ, ପାରମ୍ପରିକ ବାଦ୍ୟଯନ୍ତ୍ର ଏବଂ ସୁସଜ୍ଜିତ ଫୁଲ ସାଜସଜ୍ଜା ରେ ପରିପୂର୍ଣ୍ଣ ହୋଇ ଆଧାତ୍ମିକତା ଓ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା । ଉତ୍ସବ ଟି ଅତ୍ୟନ୍ତ ଯତ୍ନ ସହିତ ଆୟୋଜିତ କରାଯାଇଥିଲା । ଏହି ପବିତ୍ର ରଥଯାତ୍ରା ପାରାଦୀପ ରିଫାଇନାରୀ ମନ୍ଦିର ରୁ ଆରମ୍ଭ ହୋଇଥିଲା ଯାହାକି ରାସ୍ତାରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରି ପାରିଥିଲା ।ଏକ ପାରମ୍ପରିକ ମାର୍ଗ ଅନୁସରଣ କରି ସମସ୍ତ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଆଶୀର୍ବାଦ ପ୍ରାପ୍ତ କରିଥିଲେ ।

# ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ଆଖି ବୁଜିଲେ ନବମଶ୍ରେଣୀ ଛାତ୍ରୀ ନନ୍ଦିନୀ

ନୀଳଗିରି, ୦୭/୭ (ନି.ପ୍ର): ଦୀର୍ଘ ଦୁଇବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ହେବାପରେ ଜୀବନ ଯୁଦ୍ଧରେ ହାରିଯାଇ ଆଜି ଆଖି ବୁଜିଛନ୍ତି ନବମ ଶ୍ରେଣୀର ଅଧ୍ୟୟନରତ ଛାତ୍ରୀ ନନ୍ଦିନୀ ବେହେରା ।ନୀଳଗିରି ଏନ.ଏ.ସି ୮ନମ୍ବର ୱାର୍ଡ଼ ଚିମିନିଭାଟି ଗ୍ରାମର ଶାନ୍ତିଲତା ବେହେରା ଓ ଜଟ ବେହେରାଙ୍କ ଏକମାତ୍ର ଅଲିଅଳି ଝିଅ ନନ୍ଦିନୀ ବେହେରା ସ୍ଥାନୀୟ କେ.ସି ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଗତ ଦୁଇବର୍ଷ ପୂର୍ବରୁ ଜରାୟୁ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଜିଲ୍ଲା ଏବଂ ଜିଲ୍ଲା ବାହାରେ ଚିକିତ୍ସିତ ହେଉଥଲେ । କିଛି ମାସ ପୂର୍ବରୁ କଟକ ସ୍ଥିତ ହରିହର କ୍ୟାନ୍ସର ହସ୍ପିଟାଲରେ ଚିକିତ୍ସା ହେଉଥିଲେ । ଗତ ସପ୍ତାହରେ ଦେହ ଅତ୍ୟଧିକ ଅସୁସ୍ଥ ହେବାରୁ ତାଙ୍କୁ ପୁଣି ଉକ୍ତ ହସ୍ପିଟାଲକୁ ନିଆଯାଇ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇ ଯାଇଛି । ଏନେଇ ପାରିବାରରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଥିବା ବେଳେ ସହପାଠୀ, ସ୍କୁଲ ଶିକ୍ଷକ ମାନେ ଦୁଃଖ ପ୍ରକାଶ କରିଛନ୍ତି । କଟକରୁ ମରଶରୀର ଘରେ ପହଞ୍ଚିବା ପରେ ଶେଷ ଦର୍ଶନ କରିବାକୁ ସ୍ଥାନୀୟ ବାସିନ୍ଦା ଆସିଥିଲେ ।

# ବେତନଟୀରେ ରଥଯାତ୍ରା ଧୁମଧାମରେ ପାଳିତ




ବେତନଟୀ , ୦୭/୭ (ନି.ପ୍ର): ବେତନଟୀ- ବହୁ ପୁରାତନ ରଥଯାତ୍ରା ବେତନଟୀସ୍ଥିତ ଆନନ୍ଦବଜାରଠାରେ ଅତି ଧୁମଧାମରେ ଆଜି ପାଳିତ ହୋଇଯାଇଛି । ଆନନ୍ଦବଜାର ରଥଯାତ୍ରା କମିଟି ପକ୍ଷରୁ ସର୍ବପ୍ରଥମେ ତିନି ଠାକୁରଙ୍କୁ ଅପରାହ୍ନ ସମୟରେ ପହଣ୍ଡି କରି ରଥ ଉପରକୁ ଅଣା ଯାଇଥିଲା । ଏହା ପରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମରେ ରଥଯାତ୍ରା ଅତି ଶାନ୍ତି ଶୃଙ୍ଖଳା ଭାବେ ପାଳିତ ହୋଇଯାଇଛି । ରଥକୁ ଆନନ୍ଦବଜାର ମଧ ଦେଇ ଷ୍ଟେସନ ପାଖ ଲକ୍ଷ୍ମୀନାରାୟଣ ମନ୍ଦିର ( ମାଉସୀମା ମନ୍ଦିର ) ରେ ତିନି ଠାକୁର ବିଜେ କରିଛନ୍ତି । ରଥ ଟଣା ସମୟରେ ବେତନଟୀ ପୋଲିସ ପକ୍ଷରୁ କଡା ସୁରକ୍ଷା ଦିଆଯାଇଥିଲା । ରଥ ଟଣା ଗତି ପଥରେ ବିଦ୍ୟୁତ ତାର ଗୁଡିକ ପାଇଁ ସାମାନ୍ୟ ବିଳମ୍ବ ହୋଇଥିଲା । ଆଗାମୀ ବର୍ଷକୁ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ତାର ଗୁଡିକ ଉଚ୍ଚ ଦେଇ ନେବା ନେଇ ସାଧାରଣରେ ଦାବି ହୋଇଛି । ରଥଟଣା କାର୍ଯ୍ୟକ୍ରମରେ କମିଟି ପକ୍ଷରୁ ସଭାପତି ଠାକୁରା ସିଂ ଉପସଭାପତି ଗୋପୀନାଥ ପଡିଆରି, ସମ୍ପାଦକ ସତ୍ୟନାରାୟଣ ବେହେରା, ସହ ସମ୍ପାଦକ ଦୀପକ ସିଂ, କୋଷାଧକ୍ଷ ସଞ୍ଜୟ ଘୋଷ, ସୁମୀତ ଘୋଷ, ଅର୍ପଣ ଘୋଷ, ଅର୍ଣ୍ଣବ ଘୋଷ, ସୁଦିପ ଘୋଷ, ସିପୁନ ବିନ୍ଧାଣି, ରାହୁଲ ସିଂ, ଆଦିତ୍ୟ ସାହୁ, ରିଙ୍କୁ ସିଂ, ଦେବୁ ବିଶ୍ୱାଳ ସମେତ ଅନେକ ସଦସ୍ୟ ଉପସ୍ଥିତ ରହି ରଥଯାତ୍ରାକି ଶାନ୍ତି ଶୃଙ୍ଖଳା ଭାବେ ସମାପନ କରିଥିଲେ ।

# ମାରଣାସ୍ତ୍ର ଦେଖାଇ ଲୁଟିନେଲେ ଟଙ୍କା ଓ ସୁନା ଗହଣା

ମୁଖୀଗୁଡା, ୦୭/୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଂଚଳରେ ପୁଣି ସକ୍ରିୟ ହୋଇଛନ୍ତି ଡକାୟତ ଗ୍ୟାଙ୍ଗ । ଗତକାଲି ବିଳମ୍ବିତ ରାତିରେ ରଜାମୁଣ୍ଡା ଗାଁର ରତନ ରଣାଙ୍କ ଘରେ ୭ ଜଣ ଦୁର୍ବୃତ ମାରଣାସ୍ତ୍ର ଦେଖାଇ ୧୦ ଭରି ସୁନା ଗହଣା ସହ ୪ ଲକ୍ଷ ନଗଦ ଟଙ୍କା ଲୁଟିନେଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ରତନ ଓ ତାଙ୍କ ପରିବାର ରାତିରେ ଶୋଇଥିବା ବେଳେ ୭ ଜଣ ଦୁର୍ବୃତ ମୁହଁରେ କଳା ମୁଖା ପିନ୍ଧି ଘରର ଗ୍ରୀଲ ଭାଙ୍ଗି ଭିତରକୁ ଧସେଇ ପଶିଥିଲେ । ପରିବାର ଲୋକଙ୍କୁ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରିଥିଲେ । ପରେ ରତନଙ୍କ ବୋହୁଙ୍କ କୋଠରୀରେ ଥିବା ଆଲମାରୀରୁ ୧୦ ତୋଳା ସୁନା ଗହଣା ସହ ରତନଙ୍କ ଶେଜ ତଳେ ଥିବା ୪ ଲକ୍ଷ ଟଙ୍କା ନେଇଥିବା ରତନ କହିଛନ୍ତି । ଦୁର୍ବୃତ ମାନେ ଓଡ଼ିଆ ଭାଷାରେ କଥାବାର୍ତା ହେଉଥିବା ବେଳେ ରତନ ଏବଂ ତାଙ୍କ ସ୍ତ୍ରୀଙ୍କୁ ଛୁରୀରେ ଆକ୍ରମଣ କରିଥିଲେ । ଅଭିଯୋଗ ପରେ ଘଟଣାସ୍ଥଳରେ ଜୟପାଟଣା ପୋଲିସ, ସାଇଂଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ପହଂଚି ଘଟଣାର ଛାନଭିନ୍ ଚଳାଇଛନ୍ତି । ପ୍ରକାଶ ଥାଉକି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଝୁଲୁଘାଟି ଘାଟି ଖୋଲିବା ପରେ ଏହି ଘାଟି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଆଡ୍ଡା ସାଜିଛି । କିଛିଦିନ ତଳେ ଏହି ଅଂଚଳରେ ଏଭଳି ଲୁଟ୍ ହୋଇଥିଲା । ବର୍ତମାନ କିଛି ଦିନ ନୀରବତା ପରେ ପୁଣି ସେଇଭଳି ଡକାୟତି ଅଂଚଳରେ ଭୟର ବାତାବରଣ ସୃଷ୍ଟି କରିଛି ।

# ଆରଏମସିର ଖାମଖିଆଲ କାରବାର ଲାଗି ରାଉରକେଲାରେ ବ୍ୟାପୁଛି ଡେଙ୍ଗୁ: ୫୦ରୁ ଅଧିକ ଚିକିତ୍ସା ହେଲେଣି

ରାଉରକେଲା, ୦୭/୭ (ନି.ପ୍ର): ରାଉରକେଲା ସହରରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିଚାଲିଥିବା ବେଳେ ରାଉରକେଲା ଆରଜିଏଚ ଓ ଅନ୍ୟାନ୍ୟ ଡାକ୍ତରଖାନାକୁ ମିଶାଇ ଚିକିତ୍ସା ହୋଇଥିବା ରୋଗୀ ସଂଖ୍ୟା ୫୦ରୁ ଅଧିକ ହେବ ବୋଲି ଖବର ମିଳିଛି । ଏହି ରୋଗୀଙ୍କ ସଂଖ୍ୟା ପ୍ରଥମେ ରାଉରକେଲା ସରକାରୀ ଡକ୍ତରଖାନାରେ ଦେଖାଯାଇଥିଲା । ଜାନୁଆରୀରୁ ଜୁନ ମାସ ଭିତରେ ଏଠାରେ ୧୨ ଜଣ ରୋଗୀ ବିଭିନ୍ନ ସମୟରେ ଚିକିତ୍ସା ହୋଇଥିବା ଜଣାପଡିଛି । ଜାନୁଆରୀରେ ୩, ମଇ ରେ ଜଣେ, ଜୁନରେ ୬ ଜଣ ଓ ଜୁଲାଇରେ ବର୍ତମାନ ସୁଦ୍ଧା ଜଣେ ରୋଗୀ ଚିକିତ୍ସିତ ହୋଇଛନ୍ତି ।ଏହି ହିସାବକୁ ଯଦି ବିଭିନ୍ନ ବେସରକାରୀ ଡାକ୍ତରଖାନାକୁ ନିଆଯାଏ ତେବେ ଏହାର ସଂଖ୍ୟା ୫୦ରୁ ଅଧିକ ହେବ ବୋଲି ଖବର ମିଳିଛି । ଏଭଳି ରୋଗ ହେବା ପଛରେ ସହରରେ ଘାସ, ଜଂଗଲୀ ପରିବେଶକୁ ସଠିକ ସମୟରେ କଟା ନଜିବା, ଖାଲ ଖମାରେ ପାଣି ଜମି ରହି ସେଠାରେ ମଶା ଜନ୍ମ ନେବା ମୁଖ୍ୟ କାରଣ ବୋଲି କୁହାଯାଉଛି । ରାଉରକେଲା ମହାନଗରରେ ମଶାମରା ମେସିନ ରହିଛି, ତେଲ ଲାଗି ମାସିକ ଲକ୍ଷ ଲକ୍ଷ ଟଙ୍କା ବିଲ ହେଉଛି ମାତ୍ର ଏହାକୁ ଚଲାଯାଉନାହିଁ । ଯଦି କେତେ ବେଳେ ମିଡିଆରେ ବାହାରି ଗଲା ସଂଧାରେ ଥରେ ଏହି ମେସିନକୁ ବୁଲାଇ ଦେଇ ମାସ ମାସ ଆଉ ଚଲାଯାଉନାହିଁ । ଏଭଳି ସ୍ଥିତି ଉଭୟ ଇସ୍ପାତ ସହରାଂଚଳ, ଓ ମହାନଗର ଅଂଚଳରେ ଦେଖାଯାଇଛି । ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଏନେଇ ନୀରବ ଥିବା ବେଳେ ରାଉରକେଲା ମହାନଗର ନିଗମ ମଧ ନୀରବ । ଆରଏମସିର ବାଲୁଘାଟ ଠାରୁ ଆରମ୍ଭ କରି ମାଲଗୋଦାମ, ଗାନ୍ଧୀ ରୋଡ, ଛେଣ୍ଡର ବସ୍ତି ଏରିଆ, ସାରନଗରୀ ଅଂଚଳର ବିଭିନ୍ନ ବସ୍ତି, ପାନପୋଷ ଅଂଚଳରେ ଅଳିଆ ଅବର୍ଜନା କୁଢ କୁଢ ହୋଇ ପଡି ରହିବା ସହ ନାଳ ଗୁଡିକରେ ପାଣି ନିଷ୍କାସନ ହୋଇପାରୁନାହିଁ, ଅନେକ ଯାଗାରେ କାମ କରାଯାଇ ଖାଲ ଖମାକୁ ଛାଡି ଦିଆଯାଉଥିବାରୁ ସେଠାରେ ପାଣି ଜମି ମଶା ସଂଖ୍ୟା ଦୁଇଗୁଣିତ କରି ଦେଉଛି ।ଆରଏମସିରେ ଜଣେ ସ୍ୱାସ୍ଥ୍ୟ ଅଧିକାରୀ ରାଉରକେଲାରେ ଦିର୍ଘ ବର୍ଷ ଧରି ରହୁଛନ୍ତି ହେଲେ ଏନେଇ ତାଙ୍କର ଦୃଷ୍ଟି ନାହିଁ, ସେପଟେ ଆରଏସପିରେ ମଧ ଅସଂଖ୍ୟ ଅଧିକାରୀ, ସେମାନେ ମଧ ଚୁପ । ଏହିଭଳି କାରବାର ଲାଗି ସହରରେ ହଇଜା ରୋଗ ମହାମାରୀର ରୂପ ନେବା ଆରମ୍ଭ କରିଥିଲା । ପରେ ଝାଡା ବାନ୍ତିରେ ମଧ ଅନେକ ଜୀବନ ଗଲା । ବର୍ତମାନ ଡେଙ୍ଗୁ ତାର କାୟା ବିସ୍ତାର କରିବା ଭଳି ସ୍ଥିତି ଆରମ୍ଭ କରିଛି, ଯଦି ଏହାକୁ ସଠିକ ସମୟରେ ଦୃଷ୍ଟି ଦିଆନଯାଏ ତେବେ ଏହା ମଧ ଭୟଙ୍କର ରୂପ ନେବ ବୋଲି ମତପ୍ରକାଶ ପାଇଛି ।

# ଉତ୍କଳମଣି ଗୋପବନ୍ଧୁଙ୍କ ୯୬ତମ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ବଡ଼ସାହି , ୦୭/୭ (ନି.ପ୍ର): ପୁଣ୍ୟାତ୍ମା ଗୋପବନ୍ଧୁ ଦାଶଙ୍କ ୯୬ତମ ଶ୍ରାଦ୍ଧ ଦିବସ ଅବସରରେ ବେତନଟୀ ସମାଜ ଓ ସିଭିଲ ସୋସାଇଟି ତରଫରୁ ମିଳିତଭାବେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସନ୍ଧ୍ୟାରେ ସ୍ଥାନୀୟ ରେଳ ଷ୍ଟେସନ ପରିସରରେ ଅନୁଷ୍ଠିତ ସଭାରେ ଭାସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାର ଉଦ୍ଦେଶ୍ୟଜ୍ଞାପନ ଓ ପ୍ରାରମ୍ଭିକ ସୂଚନା ସମାଜ ବେତନଟୀର ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା ପ୍ରଦାନ କରିଥିଲେ । ଫଟୋଚିତ୍ରରେ ମାଲ୍ୟାର୍ପଣ, ଧୂପପୁଷ୍ପଦାନ ପରେ ମୁଖ୍ୟବକ୍ତା ଭାବେ ସୋସାଇଟିର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସମ୍ମାନିତ ବକ୍ତା ବାସୁଦେବ ନାପିତ,ସହଦେବ ଗିରି, ସନ୍ତୋଷ କୁମାର ଖଣ୍ଡା ପ୍ରମୁଖ ସ୍ୱର୍ଗତ ଗୋପବନ୍ଧୁଙ୍କ ଜୀବନ ଦର୍ଶନ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ । ତାଙ୍କ ଭଳି ଉଦାରମନା, ଦୀନଦରିଦ୍ରଙ୍କ ବନ୍ଧୁ, ସହୋଦର ବର୍ତ୍ତମାନ ସମୟରେ ମିଳିବା କଷ୍ଟକର ଏକଥା ସମସ୍ତେ ସ୍ୱୀକାର କରିଥିଲେ ।ନିଜ ସ୍ତ୍ରୀ, ପୁତ୍ରଙ୍କୁ ପରିତ୍ୟାଗ କରି ଦେଶ ଓ ସମାଜର ଉପକାରରେ ସେ ନିୟୋଜିତ ଥିଲେ ।ପଣ୍ଡିତ ଗୋପବନ୍ଧୁଙ୍କ ବାରିପଦା ଆଗମନ, ରହଣୀ ଓ ଓକିଲ ଭାବେ କାର୍ଯ୍ୟାଦି ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଓଡ଼ିଶାରେ ବନ୍ୟା ଆସିଲେ, ଗୋପବନ୍ଧୁଙ୍କ ତ୍ୟାଗପୂତ ସେବା ହିଁ ମନେପଡେ ବୋଲି ବ୍ୟକ୍ତାଗଣ ପ୍ରକାଶ କରିଥିଲେ । ସଭାରେ ରାଧାକ୍ରିଷ୍ଣ ପାତ୍ର, ହରେନ୍ଦ୍ରନାଥ ବାରିକ, ହରେକୃଷ୍ଣ ବିଶ୍ୱାଳ, ବିଜୟ କୁମାର ଦ୍ୱିବେଦୀ, ରବୀନ୍ଦ୍ର ନାଥ । ପ୍ରଧାନ, ପ୍ରିତମ ଖଣ୍ଡା ଆଦି ଉପସ୍ଥିତ ଥିଲେ । କମଳ ଲୋଚନ କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ହରିବୋଲ କ୍ଷେତ୍ରରେ ଗଡ଼ିଲା ତିନି ରଥ: ଛେରାପହଁରା କଲେ ଜିଲ୍ଲାପାଳ

ଭଦ୍ରକ, ୦୭/୭ (ନି.ପ୍ର): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ହରିବୋଲ କ୍ଷେତ୍ର ଭଦ୍ରକ ବ୍ଲକ୍ କେଶପୁର ଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ଘୋଷଯାତ ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି ଅନୁଯାୟୀ ସକାଳ ୬ଟା ରୁ ଦ୍ୱାରପାଳ ପୂଜା ପରେ ପରେ ନିର୍ଦ୍ଧାରିତ ସମୟସୂଚୀ କ୍ରମେ ସୂର୍ଯ୍ୟପୂଜା, ରଥ ସଂସ୍କାର ଧ୍ୱଜାରୋପଣ, ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ, ମହାପ୍ରଭୁଙ୍କର ସ୍ନାନ ଓ ପୂଜନ କାର୍ଯ୍ୟକ୍ରମ ପରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତିନିରଥ ଉପରେ ପବିତ୍ର ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ। ଛେରାପହଁରା କାର୍ଯ୍ୟକ୍ରମ ପରେ ଘରମାଳ ଫିଟାଯାଇ ରଥଟଣା ଆରମ୍ଭ ହୋଇଥିଲା । ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ହରିବୋଲ ହୁଳହୁଳିରେ ଘର ଘୋର ନାଦରେ ରଥ ଗଡ଼ିଥିଲା । ମାତା ସୁଭଦ୍ରା ଦେବୀଙ୍କ ଦେବଦଳନ ରଥକୁ ସ୍ୱତନ୍ତ୍ର ଭାବରେ ମହିଳା ମାନଙ୍କ ଦ୍ୱାରା ଟଣାଯାଇଥିଲା । ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଆନୁକୂଲ୍ୟରେ ସମ୍ପାଦକ ଶରତ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଧାରା ବିବରଣି ପ୍ରଦାନ କରାଯାଇଥିଲା । ସଭାପତି ପଣ୍ଡିତ ଭାଗିରଥି ନନ୍ଦଶର୍ମା, ପୁରୀରୁ ତପସ୍ୱିନୀ ପାଢ଼ୀ, ଖୋର୍ଦ୍ଧା ପଣ୍ଡିତ ଲଳିନ ମୋହନ ମିଶ୍ର, ଢ଼େଙ୍କାନାଳରୁ ସରୋଜିନୀ ପାତ୍ର, ଭଦ୍ରକର ବିଶ୍ୱମୈତ୍ରୀ ନାୟକ ଓ ହରିହର ଦାସ ପ୍ରମୁଖ ଆକର୍ଷଣୀୟ ଧାରାବିବରଣୀ ପ୍ରଦାନ କରିଥିଲେ । ସୟା, ମାଧପୁର, ବାଲିଛତ୍ରୀ, ବାସୁଦେବପୁର ଅଞ୍ଚଳରୁ ୨ଟି ମହିଳା ଓ ୫ଟି ପୁରୁଷ ସଂକିର୍ତ୍ତନ ଦଳ ରଥଟଣାରେ ସଂକିର୍ତ୍ତନ ପରିବେଷଣ କରିଥିଲେ । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ଖୋଲାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସହ ପୋଲିସ୍, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ



ଅଧିକାରୀ ଓ କର୍ମଚାରୀମାନେ ଏହି ଯାତ୍ରାରେ ଯୋଗଦେଇଥିଲେ । ଶାନ୍ତି ଶୃଙ୍ଖଳାର ସହ ତିନିରଥ ଟଣାଯାଇ ସଂନ୍ଧ୍ୟା ସୁଦ୍ଧା ତିହିଡ଼ି ବ୍ଲକ୍ ଗୁଆମାଳ ର ମୋଡ଼ସାହି ସ୍ଥିତ ମାଉସୀ ବାଡ଼ିରେ ପହଞ୍ଚିଥିଲା । ବେନ୍ତାଳ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସରୋଜ କୁମାର ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତାଭାବେ ଶ୍ରୀଧର ପୁହାଣ, ନଗେନ୍ଦ୍ର ପ୍ରସାଦ ଦାଶ, ବଳରାମ ପଣ୍ଡା, ସଂଜୀବ ସାହୁ, ରଘୁନାଥ ପଣ୍ଡା, ପୂଜକ ଜଗନ୍ନାଥ ପଣ୍ଡା ପ୍ରମୁଖ ଏହି ରଥଯାତ୍ରାର ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ହରିପୁର ସଂରକ୍ଷିତ ଜଙ୍ଗଲରେ ବନ୍ୟାଞ୍ଚଳ ପକ୍ଷରୁ ବନ ମହୋତ୍ସବ

ବେତନଟୀ , ୦୭/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ହେମପୁର ନିକଟସ୍ଥ ହରିପୁର ସଂରକ୍ଷିତ ଜଙ୍ଗଲରେ ବେତନଟୀ ବନାଞ୍ଚଳ ପକ୍ଷରୁ ୭୫ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ବୈଠକ ରେ ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ ଓ ବେତନଟୀ ବନାଞ୍ଚଳ ଅଧିକାରୀ ମନ୍ଓର ଖାଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସଭା ପରିଚାଳନା କରିଥିଲେ ବନପାଳ ପ୍ରଶାନ୍ତ ସିଂ ସାମନ୍ତ । ଉପସ୍ଥିତ ଜନସାଧାରଣଙ୍କୁ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ ସହିତ ପରିବେଶ ପ୍ରଦୂଷଣ ପ୍ରତି ଦାୟିତ୍ୱ ନିର୍ବାହ କରିବା ଲକ୍ଷ୍ୟରେ ଏକ ଶପଥପାଠ କରାଯାଇଥିଲା ।

# ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ରଥଯାତ୍ରା

ଲଙ୍ଗଳେଶ୍ୱର/ବାଲିଆପାଳ , ୦୭/୭ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡାପାଳ ସ୍ଥିତ ଶ୍ରଦ୍ଧା କ୍ଷେତ୍ରରେ ରବିବାର ପବିତ୍ର ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରଥ ଯାତ୍ରା ପାଇଁ ଆଜି ପ୍ରାତଃ ରୁ ଶ୍ରୀ ଜୀଉ ମାନଙ୍କର ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହୋଇଛି । ଅପରାହ୍ନ କୁ ଚକ୍ରରାଜ ସୁଦର୍ଶନ, ବଡ ଦେବ ବଳଭଦ୍ର , ମାତା ସୁଭଦ୍ରା, ଶ୍ରୀ ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିର ରୁ ଗୋଟି ପହଣ୍ଡି ରେ ବିଜେ କରି ରଥାରୋଢ଼ ହୋଇ ଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ଜଗନ୍ନାଥ ମହାନ୍ତି ତାଳ ଧ୍ୱଜ, ଦେବ ଦଳନ , ନନ୍ଦିଘୋଷ ଆଦି ତିନି ରଥରେ ଛେରା ପହଁରା କଲା ପରେ ରଥ ଟଣା ହୋଇ ଥିଲା । ସନ୍ଧ୍ୟାରେ ତିନି ରଥ ବାଲିଆପାଳ ବସ୍ ଷ୍ଟାଣ୍ଡ ସ୍ଥିତ ମାଉସୀବାଡି ରେ ପହଞ୍ଚି ଥିଲା । ଏଠାରେ ଦେବଦଳନ ରଥ କୁ କେବଳ ମହିଳା ମାନେ ଟାଣି ଥାନ୍ତି । ଟ୍ରଷ୍ଟ ବୋର୍ଡ ର ସମ୍ପାଦକ ବ୍ରଜ କିଶୋର ଭୂୟାଁ , ସତ୍ୟ କାମ



ମହାନ୍ତି, ଦିବ୍ୟ କାମ ମହାନ୍ତି,ମୂରଲୀ ମୋହନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ , ପ୍ରଫୁଲ୍ଲ କୁମାର ସାହୁ, ମଧୁ ସୂଦନ ବାରିକ, ମଧୁସୂଦନ ସାହୁ , ଲମ୍ବୋଦର ମାହାନା , କାଳି ଚରଣ ଦେ , ସନ୍ଦୀପ କୁମାର ପାତ୍ର, ଶୁଭେନ୍ଦୁ ଗିରି, ଡଃ ସୁଶାନ୍ତ କୁମାର ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଥିଲା ।

# ଆଶାଶକ୍ତି ଟ୍ରଷ୍ଟର ୭୫ ତମ ବନ ମହୋତ୍ସବ ପାଳିତ



ବାରିପଦା, ୦୭/୭ (ନି.ପ୍ର): ସ୍ଥାନୀୟ ବାରିପଦା ନୂତନ ଭାବରେ ପରିଚୟ ଯୋଗାଯାଇଥିବା ଆଶା ଶରି ଟ୍ରଷ୍ଟ ସଂସ୍କାର କର୍ମକର୍ତାଙ୍କ ଦ୍ୱାରା ଚଳିତ ବର୍ଷ ଦେଶର ୭୫ତମ ବନ ମହୋତ୍ସବ ତଥା ' ଏକ ପେଡ ମା କେ ଲିଏ'' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାନେତ୍ରୀ ଶ୍ରୀମତି ମେରିୟମ ସେନାପତି, ସମ୍ପାଦକ ଉର୍ମିଳା ଚଳ ଓ ଅନ୍ୟ କର୍ମକର୍ତା ଚାରିପଦାସ୍ଥିତ ପୋଡାଅସିଆ ପାଖରେ ଅଁଳା, କଦମ, ନିମ୍ବ, କରଞ୍ଜ, କାମକୋଳି, ଆମ, ଅଶ୍ୱସ୍ଥ ଆଦି ଜଙ୍ଗଲ ଜାତୀୟ ଗଛ ଲଗାଇ ସମାଜକୁ ଏକ ବାର୍ତ୍ତା ଦେଲେ କି ଗଛର ମୂଲ୍ୟ ପୃଥିବୀପୃଷ୍ଠରେ ସାମାଜିକ ଓ ପରିବେଶ ପାଇଁ ଅତ୍ୟନ୍ତ ଆବଶ୍ୟକ ଓ ପ୍ରତ୍ୟେକ ମନୁଷ୍ୟ ସମାଜ ପାଇଁ ଜରୁରୀ ପାଲଟି ଯାଇଛି ଏବଂ ତତ୍ ସହିତ ଆମ ସମାଜରେ ଆମ ମନୁଷ୍ୟଙ୍କୁ ଆମ ସଂସ୍କୃତିରେ ବୃକ୍ଷକୁ ଦିଆଯାଇଥିବା ବିଶେଷ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ଶୁତଲିନା ମିଶ୍ର, ରାଜେଶ ବାଲା, ଗୋପାଳ ଚନ୍ଦ୍ର ମହାନ୍ତି, ଶିବାନୀ ପାଣିଗ୍ରାହୀ, ଜନ୍ମଶ୍ରୀ ବାଲା, ସଞ୍ଜିବ ବଳ ଟ୍ରଷ୍ଟ କର୍ମକରା ମଧ୍ୟରେ କାର୍ଯ୍ୟକୁ ସଫଳ କରିଥିଲେ ।

# ମାନ୍ଧାତା ଭକ୍ତି କ୍ଷେତ୍ରରେ ଘୋଷ ଯାତ୍ରା



ବାଲିଆପାଳ , ୦୭/୭ (ନି.ପ୍ର): ବାଲିଆପାଳ ବ୍ଲକ ମାନ୍ଧାତା ବଜାର ସ୍ଥିତ ଭକ୍ତି କ୍ଷେତ୍ରରେ ରବିବାର ପବିତ୍ର ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରଥ ଯାତ୍ରା ପାଇଁ ଆଜି ପ୍ରତ୍ୟୁଷ ରୁ ଶ୍ରୀ ଜୀଉ ମାନଙ୍କର ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହୋଇଛି । ଅପରାହ୍ନ କୁ ଚକ୍ରରାଜ ସୁଦର୍ଶନ, ବଳଭଦ୍ର , ସୁଭଦ୍ରା, ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିର ରୁ ଗୋଟି ପହଣ୍ଡି ରେ ବିଜେ କରି ରଥାରୋଢ଼ ହୋଇ ଥିଲେ । ଶ୍ରୀ ଜଗନ୍ନାଥ ଜୀଉ ନିଯୋଗ ର ସଭାପତି ଗୋପାଳ କୃଷ୍ଣ ପାତ୍ର ତାଳ ଧ୍ୱଜ, ଦେବ ଦଳନ , ନନ୍ଦିଘୋଷ ଆଦି ତିନି ରଥରେ ଛେରା ପହଁରା କଲା ପରେ ରଥ ଟଣା ହୋଇ ଥିଲା । ସନ୍ଧ୍ୟାରେ ତିନି ରଥ ମହାବଳା ମାଉସୀବାଡି ରେ ପହଞ୍ଚି ଥିଲା । ଏଠାରେ ଦେବଦଳନ ରଥ କୁ କେବଳ ମହିଳା ମାନେ ଟାଣି ଥାନ୍ତି । ଟ୍ରଷ୍ଟ ବୋର୍ଡ ର ସମ୍ପାଦକ ସନାତନ ପାତ୍ର, ସରୋଜ ତୋଳା, ଗଜେନ୍ଦ୍ର ଧଳ, ଅଜୟ କୁମାର ପାତ୍ର, କୃଷ୍ଣା ନନ୍ଦ ପାତ୍ର, ପ୍ରଦୀପ କୁମାର ଜେନା, ମନୋରଞ୍ଜନ ସାମଲ, ଦେବେନ୍ଦ୍ର ଗିରି, ବୈକୁଣ୍ଠ ରାଉତ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଥିଲା । ମଧ୍ୟାହ୍ନରେ ଭଜନ ଓ ପ୍ରସାଦ ସେବନ ସକାଶେ ଭକ୍ତଙ୍କ ଭିଡ଼ ହୋଇଥିଲା ।

# ବାଲିଆପାଳ ଅନ୍ଧ ମୂକ ବଧିର ସ୍କୁଲଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲିଆପାଳ, ୦୭/୭ (ନି.ପ୍ର): ବାଲିଆପାଳ ବ୍ଲକର ଡଗରା ପଂଚାୟତରେ ଥିବା ମଦର ଟେରେସା ଅନ୍ଧ ମୂକ ବଧିର ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପ୍ରତି ବର୍ଷ ପରି ଏବର୍ଷ ମଧ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୃକ୍ଷ ରୋପଣ କରିଛନ୍ତି । ପୂର୍ବତନ ଡି ଆଇ ତଥା ସମାଜ ସେବୀ ସୁବାଷ ଚୌଧୁରୀ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇ କହିଲେ ଯେ ସାମ୍ପ୍ରତିକ ସମାଜରେ ବୃକ୍ଷ ରୋପଣ କରାନଯାଏ ତେବେ ପରିବେଶ ଦୂଷିତ ହୋଇଯିବ । କାରଣ ଅତ୍ୟଧିକ ଜନ ସଂଖ୍ୟା ତଥା ଯାନ ବାହାନ ଓ କଳକାରଖାନା ରୁ ନିର୍ଗତ ହେଉଥିବା ଅଙ୍ଗାର କାମ୍ଳ ଗ୍ୟାସ ବାୟୁ ମଣ୍ଡଳକୁ ଦୂଷିତ କରି ଦେବ ଏଣୁ ଗଛ ରୋପଣ ଅତ୍ୟନ୍ତ ଆବଶ୍ୟକ । ଏହାପରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ମାନେ ଯଥା ଅନିରୁଦ୍ଧ ପାତ୍ର, ପ୍ରତାପଚନ୍ଦ୍ର ଧଳ ପରେଶ ପ୍ରଧାନ ଶକୁନ୍ତଳା ପ୍ରଧାନ ବଳରାମ ନାୟକ ସାଧୁ ଚରଣ ସାହୁ ବିଜୟ କୁମାର ଦାସ ଅଜୟ କୁମାର ସାମନ୍ତ ଆଦି ଶିକ୍ଷକ ମାନେ ଜଣେ ପରେ ଜଣେ ପ୍ରକୃତି ପାରବେଶ ଉପରେ ଯେ ଯାହାର ବକ୍ତବ୍ୟ ରଖି ଥିଲେ । ଏହାଛଡା ସୂଚନା ଆଇନ ସଭାପତି ଅନୁଜ କୁମାର ମହାପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବ୍ୟବସ୍ଥା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ।

# ବାଲେଶ୍ୱରର ଚାଲିଛି ସର୍ବଧର୍ମ ପ୍ରାର୍ଥନା ଓ ପଥପ୍ରାନ୍ତ ନାଟକ

ବାଲେଶ୍ୱର, ୦୭/୭ (ନି.ପ୍ର): ବାଲେଶ୍ୱରରେ ସ୍ଥାୟୀ ଶାନ୍ତି ସ୍ଥାପନ କରି ଭାଇଚାରା ପ୍ରତିଷ୍ଠା ନିମନ୍ତେ ରାଜ୍ୟର ଗାନ୍ଧୀ ବିଚାରର ସଙ୍ଗଠନମାନଙ୍କ ଦ୍ୱାରା ପ୍ରତିଟି ଛକରେ ସର୍ବ ଧର୍ମ ପ୍ରାର୍ଥନା ସଭା ଓ ପଥପ୍ରାନ୍ତ ନାଟକ ଗୋଟିଏ ଅଚିହ୍ନା ଶବ ପ୍ରଦର୍ଶିତ କରାହେଉଛି । ବିଗତ ଦିନରେ ବାଲେଶ୍ୱର ସହରରେ ସଂଗଠିତ ହୋଇଥିବା ସାମ୍ପ୍ରଦାୟିକ ବିଦ୍ୱେଷକୁ ଭୁଲି ଲୋକେ ପରସ୍ପର ମଧରେ ଭାତୃଭାବ ସ୍ଥାପନ କରିବା ଉଦ୍ଦେଶ୍ୟରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, ବାଜି ରାଉତ ଛାତ୍ରାବାସ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ସଙ୍ଗଠନମାନେ ପ୍ରୟାସ ଚଳାଇଛନ୍ତି । ଓଡିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ବିପ୍ଳବିଣୀ



ମାଳତି ଚୌଧୁରୀଙ୍କ ସୁକନ୍ୟା କୃଷ୍ଣା ମହାନ୍ତି ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ସଂଯୋଜକ ଡାକ୍ତର ବିଶ୍ୱଜିତଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲିଛି । ସ୍ଥାନୀୟ ଗୋଳାପୋଖରୀ ଛକରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମୀର୍ଜାପୋଖରୀ, ବାଣୀଖମ୍ଭ, ପାତ୍ରପଡା, ସୁନହଟ ଶକୁନ୍ତଳା ସରକାରୀ ବିଦ୍ୟାଳୟ, ବଟେଶ୍ୱର, ଭୁଜାଖିଆ ପୀର, ବଣିଆ ମନ୍ଦିର, ପୁରୁଣା ବାଲେଶ୍ୱର, ବୁଢ଼ାକାର୍ତ୍ତିକ, ଅରଡ ବଜାର ଆଦି ସ୍ଥାନରେ ହେବା ସହ ଆଗାମୀ ଦିନରେ ଆହୁରି ଅନେକ ସ୍ଥାନରେ ହେବାର ଯୋଜନା ରହିଛି । ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ, ବିଧାନ ଚନ୍ଦ୍ର ରାୟ, ଅରୁଣ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫେସର ସେକ ନାସୀର ବକ୍ସ, ସମାଜସେବୀ ସର୍ବେଶ୍ୱର ଦାସ, ଯଶୋଧାରା ଦାସ, ପ୍ରଣୀତା ମିଶ୍ର, ଜୟପ୍ରକାଶ ଦାସ, ଗୋବିନ୍ଦ ଦଳାଇ, ସ୍ୱସ୍ତିକ ଦେ, ସୁଭାଷ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଏହି ସଭାମାନଙ୍କରେ ଉପସ୍ଥିତ ରହି ଭାଇଚାରା ନିମନ୍ତେ ଲୋକଙ୍କୁ ଅପିଲ କରୁଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ନାୟକ, ସହଦେବଖୁଣ୍ଟା ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ଓ ବାଲେଶ୍ୱର ସିଟି ଡିଏସପି ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ଏହି କାର୍ଯ୍ୟକୁ ସଂଯୋଜନା କରୁଛନ୍ତି । ପଥପ୍ରାନ୍ତ ନାଟକ 'ଗୋଟିଏ ଅଚିହ୍ନା ଶବ'ରେ ଛୋଟରାୟ ମାଝୀ, ଫୁଲଲତା ସେଠୀ, ସୁବ୍ରତ ଦେହୁରି, ଶକ୍ତି ବେହେରା, ବିଜୟ ନାୟକ, ଲାଲକୃଷ୍ଣ ନାୟକ, ସବ୍ୟସାଚୀ ବେହେରା, ଚନ୍ଦନ ନାୟକ, ରମେଶ ଚନ୍ଦ୍ର ମାର୍ଡି, ଶିବା ଟୁଡୁ ଓ ସମୀର ନାୟକ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ବାଲେଶ୍ୱରର ପୁରାତନ ଇତିହାସ ଓ ସଂସ୍କୃତି ଆମକୁ ଭାଇଚାରା ଶିକ୍ଷା ଦେଇଥାଏ ବୋଲି ସଭାମାନଙ୍କରେ ସ୍ଥାନୀୟ ଅଧିବାସୀମାନେ ମତ ଦେଉଛନ୍ତି ।

# ଶିକ୍ଷକତା ବୃତ୍ତି ଏକ ଜୀବନ ବ୍ୟାପି ପ୍ରକ୍ରିୟା : ନୀତିଶ କୁମାର ଘୋଷ



ଉଦଳା , ୦୭/୭ (ନି.ପ୍ର): ଉଦଳା ଗୋଷ୍ଠୀ ଶିକ୍ଷା ଅଧିନରେ ଶିକ୍ଷକତା କରୁଥିବା ୯ ଜଣ ଶିକ୍ଷକ / ଶିକ୍ଷୟିତ୍ରୀ ଚଳିତ ବର୍ଷ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ସବୁ ଶିକ୍ଷକ / ଶିକ୍ଷୟିତ୍ରୀ ମାନେ ହେଲେ ପରେଶ ଚନ୍ଦ୍ର ଦାଶ, ପ୍ରମୋଦ କୁମାର ମହାନ୍ତି, ରବିନ୍ଦ୍ର ନାଥ ମହାନ୍ତି, ଭାଗିରଥୀ ମହାନ୍ତ, ରଂଜନ କୁମାର ସାହୁ, କରୁଣାକର ଦାସ, ପୁଷ୍ପ ବେହେରା, ଉଷାରାଣି ବେହେରା ଓ ସଂଯୁକ୍ତ ପଣ୍ଡା । ଅବସର ଗ୍ରହଣ କରିଥିବା ଏହି ସବୁ ଶିକ୍ଷକ/ ଶିକ୍ଷୟିତ୍ରୀ ମାନଙ୍କୁ ଚଳିତ ଜୁଲାଇ ୬ ତାରିଖ ଶନିବାର ଦିନ ପ୍ରାଥମିକ ଶିକ୍ଷକ ସଂଘ ଉଦଳା ତରଫରୁ ବିଦାୟ କାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ସଂଘ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅଆରତ କୁମାର ପରିଡ଼ା ଏଥିରେ ଅଧ୍ୟକ୍ଷତା କରି ସଂଘକୁ ସୁଦୃଢ଼ କରିବାରେ ଉକ୍ତ ୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଭୂମିକା କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତିଶ କୁମାର ଘୋଷ ଶିକ୍ଷକତା ବୃତି ଏକ ଜୀବନ ବ୍ୟାପି ପ୍ରକ୍ରିୟା ବୋଲି ବ୍ୟକ୍ତ କରିଥିଲେ । ପରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଜଣ ଜଣ କରି ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଏହା ପରେ ସମସ୍ତଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପ ଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଂଘର ସଂପାଦକ ଲଳିତ କୁମାର ବେହେରା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ତପନ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ରକ୍ରମକୁ ସଫଳ କରିବାରେ ସ୍ୱତି ବେଜ, ମିନାକ୍ଷୀ ମିଶ୍ର, ଜେମା ମଣି ସେଠୀ, ବର୍ଷା ପରିଡ଼ା, ସୁଦର୍ଶନ ନାୟକ, ଦୁଲାରାମ ହାଁସଦା, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ବାରିପଦାରେ ପ୍ରଥମ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା, ୦୭/୭ (ନି.ପ୍ର): କ୍ରୀଡା ଓ କ୍ରୀଡ଼ାବିତ ମାନଙ୍କର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ଚେଷ୍ଟିତ । ଏହି ପରିପ୍ରେକ୍ଷୀରେ ଜିଲ୍ଲା କ୍ରୀଡା ବିଭାଗ ଏବଂ ଓଡିଶା ସନ୍ତରଣ ଆସୋସିଏସନର ମିଳିତ ଆନୁକୂଲ୍ୟରେ ପ୍ରଥମ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବାରିପଦାସ୍ଥ ଦେବେନ୍ଦ୍ରପୁର ଠାରେ ନୂତନ ଭାବେ ନିର୍ମିତ ବିଜୁ ପଟ୍ଟନାୟକ ସନ୍ତରାଣାଗାର ଠାରେ ବିଭିନ୍ନ ବର୍ଗର ପ୍ରତିଯୋଗୀ ମାନଙ୍କୁ ନେଇ ଏହି ପ୍ରତିଯୋଗିତା ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ଶ୍ରୀମତୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜ ଦେଓ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବାରିପଦା ପୌରପାଳିକା ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ସମୁଦାୟ ୪୫ଟି ବର୍ଗରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମର ସଂଯୋଜନା, ସନ୍ତରାଣାଗାରର ସମ୍ପାଦକ ଶ୍ରୀ ଲକ୍ଷ୍ମୀ ଚନ୍ଦ୍ର ମହାକୁଡ଼ କରିଥିବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅନନ୍ତ ମୋହନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା



ସୂଚନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପଣିଙ୍କଠାରୁ ପ୍ରକାଶ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo